
# ଅନ୍ତୁରୀ ଗଛର ଶେଷ ପାହାଚ



• ସହଦେବ ସାହୁ

# ଖଜୁରୀ ଗଛର ଶେଷ ପାହାଚ

ସତ୍ୟଦେବ ସାହୁ

ସନ୍ତୋଷ
ପବ୍ଲିକେଶନ୍ସ

ପ୍ରକାଶକ

ଶ୍ରୀ ଉମେଶ ପ୍ରସାଦ ସାହୁ
ସନ୍ତୋଷ ପବ୍ଲକେଶନ୍ସ
କାଞ୍ଚନ, ସୂତାହାଟ, କଟକ-୭୫୩୦୦୧
ଅନ୍ନପୂର୍ଣ୍ଣା, ବ୍ରହ୍ମପୁର-୭୬୦୦୦୩

ପ୍ରଥମ ପ୍ରକାଶ
୧୯୯୧

ପ୍ରଚ୍ଛଦପଟ
ଶ୍ରୀ ଛଦାଚରଣ ଆଚାର୍ଯ୍ୟ

ମୁଦ୍ରଣ
ଅନେଷ୍ଟ ପ୍ରିଣ୍ଟର୍ସ
ଦେଉଳ ସାହି, କଟକ

ମୂଲ୍ୟ
କୋଡ଼ିଏ ଟଙ୍କା

# ନିଜ କଥା

ଆମ ଦେଶରେ ଲେଖାଲେଖି କରିବା ଅର୍ଥକରୀ ଫସଲ ନୁହେଁ । ତେଣୁ ଖତ, ସାର, ଉନ୍ନତ ବିହନ ଆଦି ଗୋଳିବାରେ ଖର୍ଚ୍ଚ କାହିଁକି କରିବ ? ଏମିତି ଯୋଉ ଲେଖକ ବନ୍ଧୁ ଥରେ ତାଙ୍କଠାରୁ କରି କହିଥିଲେ ତାଙ୍କୁ ଉତ୍ତର ଦେବା ଲାଗି ମୁଁ ଗଳ୍ପ ଲେଖିବା ଆରମ୍ଭ କଲି ।

ପ୍ରଥମତଃ ଲେଖାଲେଖି କରିବା ଗୋଟିଏ ସଉକ । ଦୁନିଆରେ ଲୋକମାନଙ୍କ ମନରେ ଥିବା ଗ୍ଲାନିକୁ ଏବଂ ବିଭିନ୍ନ ଲୋକଙ୍କ ଅସଫଳତା ଭିତରେ ଥିବା ଦୃଶ୍ୟମାନଙ୍କୁ ମୁଁ ଯେପରି ଦେଖୁଥିଲି ତାକୁ କାଗଜ କଲମରେ ରୂପଦେବାକୁ ଭଲ ଲାଗିଲା । କାହାର ଦୁଃଖକୁ ସମାଜ ଆଗରେ ରଖି-ଦେଲେ ତାର ଦୁଃଖ କଟିଯିବ ଏ ଧାରଣା ମୋର ନାହିଁ ସତ, ଅନ୍ତତଃ ଲୋକେ ଜାଣିବେ ଯେ ଅନ୍ୟମାନେ କପରି ଦୁଃଖରେ ଅଛନ୍ତି, କାମ ସହିତ ଫଳର ସମ୍ପର୍କ ଯେମିତି ହେବା କଥା, କାହିଁକି ହେଉ ନାହିଁ ଏବଂ ସମାଜରେ କପରି ଘୁଣ ଲାଗିଛି ।

ଏଭଳି ଚିନ୍ତା କରୁଥିବାବେଳେ ସମ୍ଭବତଃ କୌଣସି ସତ ଘଟଣା ସହିତ ମୋ ଗପର ମେଳ ଆସିଯାଇଥିବ । ଯଦି ଆସୁଥିବ ତାହା ସମ୍ପୂର୍ଣ୍ଣ ଆକସ୍ମିକ ସଂଯୋଗ, ଇଚ୍ଛାକୃତ ନୁହେଁ । ମୋର କଳ୍ପନାପ୍ରସୂତ ଗଳ୍ପଗୁଡ଼ିକରୁ ଯଦି କେହି ସତ୍ୟର ସୂଚକ ପାଏ, ମୋର ସାଧନା ସଫଳ ହେଲା ବୋଲି ଭାବିବ । କିନ୍ତୁ ସତ ବୋଲି ଧରିନେଇ ଯଦି କେହି ଅନୁସନ୍ଧାନ ଆରମ୍ଭ କରେ ତେବେ ମୋର ଲେଖନୀ ଯନ୍ତ୍ରଣାର ସ୍ପର୍ଶ ଅନୁଭବ କରିବ ।

ଭୁବନେଶ୍ୱର

୨୮ । ୫ । ୯୧ ସହଦେବ ସାହୁ

# ଲେଖକଙ୍କ ଆଉ କେତୋଟି ବହି

(କ) ବଡ଼ଙ୍କ ପାଇଁ ଗଳ୍ପ

୧ । ଏ ଦଗ ସେ ଦଗ

୨ । ଆକାଶ କସୁମ୍ଭ

(ଖ) ପିଲା ଓ ବଡ଼ ଉଭୟଙ୍କ ପାଇଁ ଗଳ୍ପ

୧ । ଘରଗର ଗ୍ଧନ୍ଦ

୨ । ବୁଦ୍ଧି ହିଁ ବଳ

(ଗ) ଭ୍ରମଣ କାହାଣୀ

୧ । ଭିନ୍ନ ଦେଶ ଭିନ୍ନ ଦୃଷ୍ଟି

(ଘ) ବିଜ୍ଞାନ ରହସ୍ୟ

୧ । ଆଖିର ଲୁଚକାଳି

୨ । ଯେତେ ଦୂର ସେତେ ପାଖ

୩ । ନକ୍ଷତ୍ର ଯୁଦ୍ଧ ଓ ଅନ୍ୟାନ୍ୟ ପ୍ରବନ୍ଧ

୪ । ବିଜ୍ଞାନ ରହସ୍ୟ

(ଙ) ବିବିଧ

୧ । ସମସ୍ୟା ଆଜି ଓ କାଲିର

୨ । ବୁଦ୍ଧି ପରୀକ୍ଷା

୩ । ଡାକଟିକଟ ପରିଚୟ

୪ । A Guide to Stamp Collecting

(ଚ) ଅନୁବାଦ

୧ । ପାଗଳା ଆମ୍ବ (ଏନ୍. ବି. ଟି.)

✻ ✻ ✻

ଯେଉଁମାନେ ତାଙ୍କ

ପ୍ରଭୁ ବା ସ୍ୱାମୀଠାରୁ

ବେଶୀ ଆଶା କରନ୍ତି

ସେମାନଙ୍କ

ଆଖି

ଖୋଲିବା ଲାଗି

—ଲେଖକ

# କଥାକ୍ରମ


| | | |
|---|---|---|
| ୧ । | ଗ୍ରୁପ ରହିଯାଇଛି | ୯ |
| ୨ । | ଚନ୍ଦ୍ରା ଭଙ୍ଗିଛି | ୧୮ |
| ୩ । | ବିପଦର ଆକର୍ଷଣ | ୨୩ |
| ୪ । | ସରକାଶ୍ୱ ମହାପାତ୍ରେ | ୩୨ |
| ୫ । | କୁଳ କୁଟୁମ୍ବକୁ ଲାଜ | ୪୧ |
| ୬ । | ମେଜିକ୍ | ୫୧ |
| ୭ । | ଖଜୁରି ଗଛର ଶେଷ ପାହାଚ | ୫୭ |
| ୮ । | ଅଧିଆ | ୬୪ |
| ୯ । | ଅଚ୍ୟାଗ୍ନୁର | ୭୧ |
| ୧୦ । | କୁମ୍ଭୀରର ଲୁହ | ୮୧ |
| ୧୧ । | ଫାଶୀଦଣ୍ଡ | ୯୦ |


* * *

# ଛାପ ରହିଯାଇଛି

କଥା କଥା ଭିତରେ ସାଙ୍ଗ ଅଛି । ଗୋଟିଏ କଥାରୁ ଆଉ ଗୋଟିଏ କଥା ଆପେ ଆପେ ଟାଣି ହୋଇ ଆସେ । ଢିଙ୍କିରୁ ଢେଙ୍କାନାଳ ପର୍ଯ୍ୟନ୍ତ । ଭୁବନେଶ୍ୱର ବସଷ୍ଟାଣ୍ଡ ପାଖରେ ମାସକ ତଳେ ସେଦିନ ଯେତେବେଳେ ମୋର ହଠାତ୍ ମାଧବ ସହିତ ଦେଖାହୋଇଗଲା ଆମ ଗପ କୁଆଡ଼େ କୁଆଡ଼େ ମୁହେଁଇଲା, ଏବେ ଭାବିଲେ ଆଶ୍ଚର୍ଯ୍ୟଲାଗେ । ମାଧବ ବର୍ତ୍ତମାନ ଜିଲ୍ଲା ଆରକ୍ଷୀ ଅଧିକାରୀ । କଥା ମଝିରେ କିଛି ଥଟ୍ଟା ବି ଆସିଯାଇଥିଲା ।

ପୃଥିବୀ ବାହାରେ ମଣିଷ ଭଳି ଜ୍ଞାନୀ ଜୀବ ଅଛନ୍ତି ବୋଲି କଥା-ବାର୍ତ୍ତା ଚାଲିଥିଲାବେଳେ କୌଣସି ଏକ ହିନ୍ଦୀ ପତ୍ରିକାରେ ବାହାରିଥିବା ଗୋଟିଏ ମଜା ଗପ ମୁଁ କହିଲି ।

ସଂକ୍ଷେପରେ ଗପଟି ଏହିପରି । ଥରେ ମଙ୍ଗଳ ଗ୍ରହରୁ ଗୋଟିଏ ନିଯୁକ୍ତିକାରୀ ଦଳ ପୃଥିବୀକୁ ଆସିଥିଲେ । ଉଦ୍ଦେଶ୍ୟ ଥିଲା ସେମାନଙ୍କ ଗ୍ରହରେ ନିଯୁକ୍ତି କରିବା ପାଇଁ ଜଣେ ଦକ୍ଷ ପୋଲିସ ଅଫିସର ବାଛିବେ । ଆଗରୁ ମଙ୍ଗଳ ଗ୍ରହର ଆବହାଓ୍ୱା ଠିକ୍ ଥିଲା । କିଛିଦିନ ହେଲା ପୃଥିବୀ ଓ ମଙ୍ଗଳ ଲୋକଙ୍କ ଭିତରେ ଯାତାୟାତ ଆରମ୍ଭ ହୋଇଯାଇଥିବାରୁ ମଙ୍ଗଳଗ୍ରହର ସାମାଜିକ ବାତାବରଣ ଦୂଷିତ ହୋଇଯାଇଛି । ପାର୍ଥିବ ଯାତ୍ରୀମାନେ ମଙ୍ଗଳୀମାନଙ୍କଠାରୁ ଭଲ ଗୁଣ କିଛି ଶିଖିଲେ କି ନାହିଁ ଏ ପର୍ଯ୍ୟନ୍ତ ଜଣାପଡ଼ି ନ ଥିଲେ ହେଁ ପାର୍ଥିବମାନଙ୍କର କେତେଗୁଡ଼ିଏ ବଦ୍‌ଗୁଣ ଯେ ମଙ୍ଗଳ ସମାଜରେ ବ୍ୟାପିଲାଣି ଏହା ନିଃସନ୍ଦେହ । ଗୋଟିଏ ସାଧାରଣ କଥା, ଚୋରୀ ବଢ଼ୁଛି, ଅଥଚ ସେଠିକା ଲୋକେ ଚୋର ଧରିବା କାଇଦା ଜାଣି ନାହାନ୍ତି ।

ପ୍ରଥମ କରି ଗୋଟିଏ ଥାନା ମଙ୍ଗଳ ଗ୍ରହରେ ଓସିଆନଆ ରାଜ୍ୟର ରାଜଧାନୀ ପାନାଜଆଠା ଠାରେ ଖୋଲିବ । ଏଥିପାଇଁ ଜଣେ ଥାନାବାବୁ ଦରକାର ।

ମଙ୍ଗଳର ପ୍ରତିନିଧିଦଳ ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରର ଗୋଟିଏ ଥାନାରୁ ଅଫିସରଙ୍କୁ ବାଛିଲେ । କାରଣ ସେ ଥାନା ଅଞ୍ଚଳରେ ଗ୍ରେଷ୍ଟ-ନାଗିର ଗୋଟିଏ ହେଲେ ଖବର ସରକାରୀ କାଗଜ ପତ୍ରରେ ନାହିଁ । ଉକ୍ତ ଥାନାବାବୁଙ୍କ ଦକ୍ଷତା ସମ୍ପର୍କରେ ପ୍ରଶ୍ନକରି ମଙ୍ଗଳ ନିଯୁକ୍ତିକାରୀଦଳ ଜାଣିଲେ ଯେ ଯିଏ ଏତଲା ଦେବାକୁ ଆସିବ ବା ଅପରାଧଟି ଦେଖିଛି ବୋଲି କହିବାକୁ ଆସିବ, ଥାନାବାବୁ ତା ଉପରେ ଚଢ଼ାଉ କରନ୍ତି । ଦେହରେ ଅଖା ଗୁଡ଼ାଇ ଖୁବ ପିଟନ୍ତି । ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ଓହଳାଇ ଦିଅନ୍ତି । ଲଙ୍କାଗୁଣ୍ଡର ଧୂଆଁ ଦିଅନ୍ତି । ଆହୁରି କେତେ କଣ କରନ୍ତି, କାଗଜ କଲମରେ ନ ଲେଖିବା ଭଲ । ଫଳରେ ଏତଲା କଲାବାଲା ମାନିଯିବ ଯେ ସେ ହିଁ ନିଜେ ଅପରାଧୀ । କିଛିଦିନ ଭିତରେ ଥାନାପାଖ ଏ କଥା ସ୍ପଷ୍ଟ ହୋଇଗଲା ପରେ କେହି ତ ଏତଲା କରିବାକୁ ଆସିଲେ ନାହିଁ, ଗ୍ରେଷ୍ଟ-ନାଗି ଭଳି ଅପରାଧ ହେଲା କେଉଁଠି ?

ବନ୍ଧୁଙ୍କ କାନ୍ଧରେ ହାତ ପକାଇ ମୁଁ ଠୋ ଠୋ ହସି ଏତକ କହୁଥିବା ବେଳେ ଆଗରେ ଆଖି ପଡ଼ିଗଲା । ଗୋଟିଏ ରିକ୍‌ସାବାଲାକୁ ଦୁଇ ଜଣ ପୁଲିସ ଟଣାଓଟରା କରୁଛନ୍ତି । ଗୁଡ଼ାଏ ଲୋକ ଜମିଛନ୍ତି ।

ଭୁବନେଶ୍ୱର ସହରଟା ବଡ଼ ନୀରସ । ଏ ସହରଟା ସରକାରୀ କର୍ମଚାରୀ ବା ସେମାନଙ୍କ ଉପରେ ନିର୍ଭର କରୁଥିବା ଚାଉଳବେପାରୀମାନଙ୍କର । କୌଣସି ନା କୌଣସି ଜାଗାରେ କିଛି ଘଟିଗଲେ ଲୋକେ ରୁଣ୍ଡ ହୋଇଯାନ୍ତି ଟିକିଏ ମନ ଭୁଲେଇବା ପାଇଁ ।

ରିକ୍‌ସାବାଲାଏ ବି କମ ବଦମାସ ନୁହନ୍ତି । ସାନି ଉପରେ ଜୁଲମ କରିଥିବ । କିମ୍ବା ଟ୍ରାଫିକ ପୋଲିସ ନିର୍ଦ୍ଦେଶ ନ ମାନି ରିକ୍‌ସାଟା ଛକ ପାର ହୋଇ ଆସିଥିବ କିମ୍ବା ରିକ୍‌ସାଟା କା ଦେହରେ ବାଜିଯାଇଥିବ । ସେଠି ପୋଲିସ ପହଞ୍ଚି ଯାଇଥିବ । ସେଇମିତି କଣ ଗୋଟିଏ ହୋଇଥିବ । ସେଥିରେ ମୁଣ୍ଡ ଖେଳାଇ ଲାଭ କଣ ?

ବନ୍ଧୁଙ୍କ ମୁହଁ ମୋ ଆଡ଼େ । ସେ ଏ ଘଟଣା ଦେଖିପାରୁ ନାହାନ୍ତି । ନ ହେଲେ ସେ ଯେମିତି ଲୋକ କଣ୍ଟୁ ଗୋଟିଏ ହଇଚଇ ଦେଖିଲେ ଦୌଡ଼ି- ଯିବେ ଘଟଣା ସ୍ଥଳକୁ । ମୁଁ ବି ଏ ବିଷୟରେ ଅଧିକ ମୁଣ୍ଡ ନ ଖେଳାଇ ମୋ ବକ୍ତୃତା ଝାଡ଼ିଲି ବନ୍ଧୁଙ୍କ ଉପରେ ।

ବୁଝିଲେ, ଲକ୍ଷ୍ନୌ ଭଳି ଘଟଣା ମଧ୍ୟ ଆମ ରାଜ୍ୟରେ ଘଟୁଛି । ଲୋକେ ଅପରାଧ ବିଷୟରେ ଖବର ଦେବାକୁ ଡରୁଛନ୍ତି । ତେଣୁ ଅପରାଧ କମି କମି ଯାଉଛି ବୋଲି ଆପଣମାନେ କହୁଛନ୍ତି । ଯଦି କେହି ଖବର ଦେଉଛି ବେନାମୀ । ତହିଁରେ ଉପଯୁକ୍ତ ସାକ୍ଷୀ ଅଭାବରୁ ମକଦ୍ଦମା କାହିଁକି ଖାରଜ ହେବ, ଥାନାବାବୁ ମୂଳରୁ ଲେଖୁନାହାନ୍ତି । ଫୋନରେ ପ୍ରାୟ ଏତଲା ନିଆଯାଉ ନାହିଁ । ଏତଲା ନେଲେ ସିନା ଅପରାଧ ହେଉଛି ବୋଲି କାଗଜ ରହିଯିବ ।

ବନ୍ଧୁ ଜଣକ ମୁରୁକି ହସିଦେଲେ । କହିଲେ ଏବେ ଯେପରି ବ୍ୟବସ୍ଥା ସେଥିରେ ଯେଉଁ ଅଫିସର ଯେତେ କମ ଅପରାଧ ହେଉଛି ଦେଖାଇବ ସେ ସେତେ ବାହା ବାହା ପାଇବ । ପ୍ରେମିଅମଟା ଧରିବା ଉପରେ ନୁହେଁ, ଖବର ଲୁଚାଇବା ଉପରେ ।

ଏ ସବୁ ଲୋକଙ୍କୁ ଭୁତେଇ ଭୋଟ ନେବା ବ୍ୟବସ୍ଥା । ଆମ ଲୋକ- ଚରିତ୍ର ସେମିତି । ଲୋକ ଚରିତ୍ର କହିଦେଇ ମୁଁ ଯାଏ କୁଆଡ଼େ ? ବନ୍ଧୁଙ୍କର କାନକୁ ଏ ଶବ୍ଦ ଷଣ୍ଢକୁ ନାଲି କନା ଭଳି । ସ୍ୱର ଉଚ୍ଚ କରି ସେ କହିଲେ, ଲୋକଙ୍କର ଚରିତ୍ର କଣ ମ ? ନେତାମାନଙ୍କ ଚରିତ୍ର ଯେ ପର୍ଯ୍ୟନ୍ତ ଠିକ ନ ହୋଇଛି, ସେ ପର୍ଯ୍ୟନ୍ତ ଲୋକଚରିତ୍ର ବଦଳିବ କିପରି ?

ମୁଁ କହିଲି, ଲୋକେ ଯଦି ଠିକ ଠିକ ନେତା ବାଛନ୍ତେ ଏମିତି ହୁଅନ୍ତା କାହିଁକି ? ଯେମିତି ଲୋକ ସେମିତି ସରକାର ।

ରଖ୍ ! ତୁ ଯେମିତି ଯୁକ୍ତି କରୁଛୁ, କୁକୁଡ଼ା ଆଗ ନା ଅଣ୍ଡା ଆଗ ଭଳି ହେଉଛି । ଧରାଧରି କରି ଯେଉଁମାନେ ଗୃକକ୍ଷରେ ପଶୁଛନ୍ତି ସେମାନଙ୍କ ମୁଣ୍ଡରେ ମସଲ କେଉଁଠୁ ଆସିବ ? ଠେଙ୍ଗା ଲଗାଇ ସ୍ୱୀକାରୋକ୍ତି ନେବାକୁ ସେମାନେ ବାଧ୍ୟ ।

କାହିଁକି ? ଆମେ ସମସ୍ତେ ଯଦି ଏକା ରକମର ଭାବନ୍ତୁ, ନେତାମାନେ କିପରି ନିଜର ଚହ୍ଲାପରିଚର୍ଯ୍ୟ ଲୋକ ରଖନ୍ତେ ?—ମୁଁ କହିଲି ।

ମାଧବର ନେତାମାନଙ୍କ ଉପରେ ଭାରି ରାଗ । ସେ କହିଲା, ସେଦିନର ଖବର ପଢ଼ିଛୁ ? ମନ୍ତ୍ରୀ ସଭାରେ ସବୁ ମନ୍ତ୍ରୀ ପରା ଏକମତ ହେଲେ ଯେ ଡିମୋକ୍ରେସି ମାନେ ଇଣ୍ଟରଫିଅରେନ୍ସ । ଭୋଟଉପରେ ରାଜୁତି କରିବ ତ ନିୟମକାନୁନକୁ ଦଳିଚକଟି ଦିଅ । ଯେଉଁଠି ଚାରି ପାଞ୍ଚ ହଜାର ଭୋଟରେ ପ୍ରାର୍ଥୀ ହାରୁଛି ସେଠି ପ୍ରତ୍ୟେକ ଭୋଟରଙ୍କୁ ଖୁସିକରିବାକୁ ପଡ଼ିବ । ଚାକିରିରେ ମେରିଟର ଲୋକ ଯେତେ ନୁହେଁ, କ୍ଷମତାରେ ଥିବା ନେତାଙ୍କ ଲୋକ ତେତେ । ପୁଣି ଏବେ ଖବର ଯେ ସାର୍ଟିଫିକେଟ୍, ଡିପ୍ଲୋମା ସହିତ ସମ୍ପର୍କ ନ ରଖି ଲୋକଙ୍କୁ ଚାକିରି ଦିଆଯିବ ।

ବନ୍ଧୁ ମାଧବ ସାଙ୍ଗରେ ମୁଁ କଥା କହୁଥିଲି ସିନା, ମୋ ଆଖି ଦି'ଟା ସାମନାର ଗଣ୍ଡଗୋଳ ଉପରେ ଥାଏ । ହଠାତ୍ ହୈ ହୈ ବଢ଼ିଗଲା । ରିକ୍ସାରୁ ରିକ୍ସାବାଲାକୁ ଓହ୍ଲାଇ ପୋଲିସ ଦୁଇ ଜଣ ଟାଣି ଆଣୁଥିବାର ଦେଖିଲି ।

ମାଧବ, ତୁମେ ଦେଖ ତ ସେମାନେ କଣ କରୁଛନ୍ତି ?

ବନ୍ଧୁ ଘଟଣାଆଡ଼େ ଝପଟି ଗଲେ । ମୁଁ ବି ଟାଣିହୋଇଗଲି ପଛେ ପଛେ ।

କଣ ହୋଇଛି ? ମାଧବ ପାଞ୍ଚି କରିବାରୁ କନଷ୍ଟେବଲ ଦି' ଜଣ ଟିକେ ଆଡ଼େଇ ଗଲେ । ଚଟାପଟ ସାଲ୍ୟୁଟ୍ ମାରି ଆଟେନ୍ସନ୍‌କୁ ଆସିଗଲେ । ତାପରେ ଅନର୍ଗଳ ଗପିଗଲେ, ଜଣକର କହିବା ନ ସରୁଣୁ ଆଉ ଜଣେ କହିଯାଉଥାଏ ।

ସାର୍ ପଅରଦିନ ନାୟକ ସାହେବଙ୍କ ଘରୁ ଯେଉଁ ଚୋରି ହୋଇଛି ସାର୍ ଏଇ ଦଳ ଚୋରି କରିଛନ୍ତି ସାର୍ । ଜଣେ କନଷ୍ଟେବଲ୍ କହିଲା ।

ମାଧବ ଜାଣିଥିଲା, ଦୁଇ ଦିନତଳେ ପୁରୁଖା ଆଇ. ଏ. ଏସ୍. ଅଫିସର —ଜଳସେଚନ ସଚିବଙ୍କ ଘରୁ ଗୁଡ଼ାଏ ଗହଣାଗାଣ୍ଠି ଚୋରି ହୋଇଯାଇଛି । ବଂଶଯାକ ଟେଲିଭିଜନ ଦେଖାରେ ବ୍ୟସ୍ତ, ସିନେମା ଚାଲିଥିଲା ନନ୍ହା ଫରିସ୍ତା ।

ଏଣେ ପଛଦୁଆର ଖୋଲା । ଘରର ବାକିର ସମସ୍ତେ ଟିଭି ଦେଖାରେ ଏକ-ମନ ଏକଧ୍ୟାନ । ଚୋର କେତେବେଳେ ଯେ ଆସି ପଶିଛି, ଜିନିଷପତ୍ର ନେଇ ଯାଇଛି, କେହି ଜାଣିପାରି ନାହାନ୍ତି ।

ମୁଁ ମାଧବକୁ ଚାହିଁ ପଚାରିଲି ଏ ଲୋକ ଚୋରି କରିଛି ବୋଲି ଏମାନେ କିପରି ଜାଣିଲେ ?

ଅଫିସରମାନଙ୍କ ଘର ପଛଆଡ଼େ, ବାଡ଼ଆଡ଼େ ଝାଟିମାଟି ଘର କରି ଯେଉଁମାନେ ରହୁଛନ୍ତି, ସେମାନଙ୍କ ବାଳୁଙ୍ଗା ପିଲାମାନେ ଏମିତି ଚୋରି କରୁଛନ୍ତି । ଯାକଯମକରେ ତ ଚଳିବେ, ଅଥଚ ପଇସା ଘରେ ନାହିଁ । ତେଣୁ ଚୋରି ଛଡ଼ା ଉପାୟ କଣ ?

ହୋଇପାରେ । କିନ୍ତୁ ରିକ୍ସା କାମରେ ଲାଗିଥିବା ପିଲା ବାଳୁଙ୍ଗା ହେବା ସମ୍ଭାବନା ଖୁବ୍ କମ । ମୁଁ କହିଲି ।

ଇଂରାଜୀ ପ୍ରବଚନକୁ ବୋହରାଇ ମାଧବ ମୋତେ ଓଲଟା ପ୍ରଶ୍ନ କଲା, ଉପରେ ଉପରେ ଯାହା ଚକ ଚକ ମାରେ ସେସବୁ କଣ ସୁନା ? ଏ ପ୍ରଶ୍ନରେ ଥିଲା ନୂଆ ହୋଇ ଚାଲୁ କରାହୋଇଥିବା ସରକାରୀ ଭାଷାର ଗ୍ଲାପ ।

ହେଲେ କିଛି ନ ବୁଝି ନ ଶୁଝି ଟୋକାଟାକୁ ରିକ୍ସାରୁ ଓହ୍ଲାଇ ପକାଇବା ମୋ ମତରେ ଉଚିତ ହେଉ ନାହିଁ । ତା ରୋଜଗାର ବନ୍ଦ ହୋଇ-ଯିବ, ଘରେ କୁଟୁମ୍ବ ରୋଜଗାରକୁ ଅନାଇ ରହିଥିବେ ।

ମୋର ଏ ଉପଦେଶ ବୋଧହୁଏ ମାଧବର କାନକୁ ଗଲା । ସେ କନଷ୍ଟେବଲ ଦୁହିଁଙ୍କୁ ପଚାରିଲା, ତୁମେ କଣ ସୂଚନା ପାଇଲ ଯେ ଏ ଟୋକାଟାକୁ ଧରିଲ ?

ସାର୍ ସୂଚନା କଣ ? ଏ ଗୋଟେ ଜନ୍ତୁ ସାର୍ । ଏକାଅଶୀରେ ପରା ଏସ୍. ପି. ସାହେବଙ୍କ ବାରଣ୍ଡାରୁ ଗୋଟିଏ ସାର୍ଟ ଚୋରିକରି ଜେଲ୍ ଯାଇଥିଲା ଜଣେ କନଷ୍ଟେବଲ କହିଲା ।

ମୁଁ ପିଲାଟିକୁ ପଚାରିଲି, କିରେ ଏ କଥା ସତ ?

ସାର୍, ମୁଁ ସେତେବେଳେ ଦୋଷ କରିଥିଲି, ମାନିଯାଇଥିଲି ।

ଦ୍ୱିତୀୟ କନଷ୍ଟେବଲଟି କହିଲା, ସେଥିପାଇଁ ଛଅ ମାସ ସଜା ହୋଇଥିଲା ସାର୍ ।

ଚିନିଟି କାନ୍ଦ କାନ୍ଦ ହୋଇ କହିଲା, ନାହିଁ ସାର୍, ସେତେବେଳକୁ ଭୁବନେଶ୍ୱର ଜେଲରେ ମୁଁ ରହିସାରିଥିଲି ବୋଲି ମୋତେ ମାତ୍ର ତିନି ମାସ ଦଣ୍ଡ ମିଳିଥିଲା ।

ତୁ ଟା ତା'ହେଲେ ଚୋରଟାଏ । ମୋ ମୁହଁରୁ ବାହାରି ଆସିଲା । ନାହିଁ ସାର୍ । ସେତେବେଳେ ମୁଁ ଚୋରି କରିଥିଲି, ମାନିଯାଇଥିଲି । ଏବେ ମୁଁ କିଛି ଦୋଷ କରି ନାହିଁ ସାର୍ । ମାଲିକର ରିକ୍ସା ଭଡ଼ାରେ ଟାଣୁଛି ଆଜ୍ଞା । ମୁଁ ଚୋରି କରି ନାହିଁ ।

ପ୍ରଥମ କନଷ୍ଟେବଲ୍ ଆଗେଇ ଆସି ଠାଏ କରି ବ୍ରହ୍ମଚାପୁଡ଼ାଏ ବସାଇଦେଲା । ଚୋକାଟା କାନମୂଳ କଣ ହୋଇଥିବ କେଜାଣି, ମୋ କାନ ପାଖରେ ଝାଇଁ ଝାଇଁ ଶବ୍ଦ ଶୁଣାଗଲା ।

ଗାଲ ଗଲ ହୋଇ କନଷ୍ଟେବଲ୍ଟି କହିଲା, ତୋ ନାଁ ରେ ଆଉ ଥରେ କେସ୍ ହୋଇ ନାହିଁ ? ମଣିହରୀ ଦୋକାନରୁ ଯୋଉ ଚୋରି ହୋଇଥିଲା ? ତେରଷ୍ଟା ଧନ ? ତୁ ସେଥିରେ ନ ଥିଲୁ ?

ନାହିଁ ସାର୍ । ଅନୁଗୋଳ ଜେଲରେ ତିନି ମାସ ଥିଲାବେଳେ ମୁଁ ଟିଙ୍କ ସିଟ୍ରେ ଟ୍ରଙ୍କ ବାକ୍ସ କରି ଶିଖିଥିଲି । ଖଲାସ ହୋଇ ଯେତେବେଳେ କାମଧନ୍ଦା ଖୋଜିଲି ସେତେବେଳେ ପ୍ରୋବେସନ ଅଫିସର ମୋତେ ମଣିହରୀ ଟ୍ରଙ୍କ ଦୋକାନକୁ ସୁପାରିସ୍ କରିଥିଲେ । ସାମନ୍ତରାୟବାବୁ ଭଲ ଲୋକ ଆଜ୍ଞା । ଖାଇବା ବାବଦକୁ ଷାଠିଏ ଟଙ୍କା ଓ ମଜୁରି ଶହେ ଟଙ୍କା ଦେଉଥିଲେ । ଏତିକି ଅଣ୍ଟୁ ନ ଥିଲା । ବାହାରେ କିଛି କାମ କରି ଦି'ପଇସା କରୁଥିଲି । ସାମନ୍ତରାୟବାବୁ ରାଗୁଥିଲେ । କିନ୍ତୁ ତାଙ୍କ ଦୋକାନରୁ ଟୋପାଏ ରଙ୍ଗ ବି କେବେ ନେଇ ନାହିଁ । ଥରେ ତାଙ୍କ ଦୋକାନରୁ ଟଙ୍କାପଇସା ଚୋରି ହୋଇଗଲା ଯେ ମୋତେ ପୋଲିସ ଧରିନେଇଗଲେ । ମୋତେ ଥାନାରେ ଖୁବ୍ ବାଡ଼େଇଲେ । ମୋ ବାପା ମା ଭଉଣୀ ସମସ୍ତଙ୍କୁ ବାଡ଼େଇଲେ । କିଛି ପ୍ରମାଣ ପାଇଲେ ନାହିଁ, କିନ୍ତୁ ମୋତେ ସାତ ଦିନ ଥାନାରେ ବନ୍ଦ କରିଦେଲେ ।

ତା'ହେଲେ ତୋ ନାରେ କେସ୍ ହୋଇ ନାହିଁ ? ମୁଁ ପଚାରିଲି ।

ହିଷାପୁ କନଷ୍ଟେବଲ୍‌ଟି କହିଲା, କେସ୍ ହୋଇ ନାହିଁ କେମିତି ? ସାମନ୍ତରାୟଙ୍କ କେସ୍‌ଟା କେସ୍ ଟ୍ରେ...ନୋ କ୍ଲ... ହୋଇ କ୍ଲୋଜ୍ ହୋଇଗଲା ସାର୍ । କିନ୍ତୁ ଏ ଟୋକାଟା ବଡ଼ ବଦ୍‌ମାସ୍ । ଚୋରି କରିବା ସ୍ୱା ରକ୍ତରେ ମିଶିଗଲାଣି ସାର୍ ।

ଏ ତ ତେରସ୍ତା ସନ କଥା କହିଲ, ଟୋକାଟା ତା'ହାଲେ ଏତେ ଦିନ ହେଲା କଣ କରୁଥିଲା ?—ମୁଁ ପଚାରିଲି କନଷ୍ଟେବଲ୍‌ମାନଙ୍କୁ, କିନ୍ତୁ ଉତ୍ତର ପାଇଲି ପିଲାଟି ମୁହଁରୁ ।

ସାର୍, ବାପା ଥାନାରେ ଏତେ ମାଡ଼ ଖାଇଲେ ଯେ ସେହିଦିନୁ ସେ ଉଠିପାରିଲେ ନାହିଁ । ତାଙ୍କ ରିକ୍ସା ଚଳେଇବା ବନ୍ଦ ହୋଇଗଲା । ରିକ୍ସା-ମାଲିକ ମହାପାତ୍ର ବାବୁ ମୋତେ ବହୁତ ବୁଝାଇଲେ । ରିକ୍ସା ଚଳେଇଲେ ମୋର ଦି'ପଇସା ହେବ, ତାଙ୍କ ପିଲାମାନଙ୍କ ସ୍କୁଲ ଯିବା ମାଗଣାରେ ଅଥଚ ଠିକ୍ ସମୟରେ ହୋଇପାରିବ । ଆଉ କେହି ମୋତେ ସନ୍ଦେହ ନ କରି କାମ ଦେବେ କି ନାହିଁ ଏ ଚିନ୍ତାରେ ଥିଲାବେଳେ ମହାପାତ୍ର ବାବୁଙ୍କ କଥା ମୋତେ ପସନ୍ଦ ହେଲା । ସେହିଦିନୁ ମୁଁ ଏହି ରିକ୍ସା ଚଳାଉଛି ।

ଚୋରର ମୁହଁ ଟାଣ । ଦୁଇ ଜଣଯାକ କନଷ୍ଟେବଲ୍ ଏକାସାଙ୍ଗରେ କହିପକାଇଲେ । ଯିଏ ଥରେ ଚୋରି ଧନରେ ଚଳିବା ଅଭ୍ୟାସ କରିନେଲାଣି ସେ କେବେ ସହଜରେ ଛାଡ଼ିପାରିବ ? ଦୁଆର ମେଲା ଦେଖିଲେ, ତାଲା ଖୋଲା ଦେଖିଲେ ତାକୁ ମାଡ଼ ମାଡ଼ ପଡ଼ିବ । ସେ ଚୋରି ନ କରି ରହି ପାରିବ ନାହିଁ ।

ଏତକ କହୁ କହୁ ଦୁହେଁଯାକ ରିକ୍ସାଟାକୁ ଠେଲିଦେଇ ପିଲାଟିର ବେକରେ ଧକ୍କା ମାରି ମାରି ନେଇଗଲେ । ଚାଲ୍ ଶଳା ଥାନାକୁ, ସେଠି ପ୍ରମାଣ କରିବୁ ତୋ ସଚ୍ଚୋଟିଆ ପଣ ।

ଆମ ଦୁହିଁଙ୍କ ଆଖିଆଗରେ ପିଲାଟିକୁ ନିଆଗଲା ଥାନାକୁ ।

ଇତି ମଧ୍ୟରେ ମାସେ ବିତିଯାଇଛି । ମୋର ମନେ ପଡ଼ିଗଲା ସେ ପିଲାଟିର କଥା । ସଦର ଥାନାକୁ ଯାଇ ପଚାରିଦେଲି ।

ସାମ୍ବାଦିକମାନଙ୍କ ପ୍ରତି ଥାନାବାବୁ ଯେଉଁଭଳି ବ୍ୟବହାର ଦେଖାନ୍ତି ସେଇଠି ସେଭଳି ଦେଖାଇଲେ । କିନ୍ତୁ ମୋତେ ଜଣାଥିଲା ସେ କପଟ ମୋ ଉପରେ ଚିଡ଼ିଥିବେ । ମୋର ସୀମିତ ଉଦ୍ଦେଶ୍ୟ —ସେଦିନ ଧରାହୋଇ ଆସିଥିବା ପିଲାଟିର କଣ ହେଲା ଜାଣିବା ।

ପୂର୍ବାପର ସମ୍ପର୍କ ଜାଣିବା ପରେ ଥାନାବାବୁ ମୋତେ ଓଲଟା ପ୍ରଶ୍ନ କଲେ, ଆପଣ ମହାପାତ୍ର ବାବୁଙ୍କ ଘରକୁ ଯାଇ ବୁଝୁନାହାନ୍ତି ?

ମୋର ଭୁଲଟା ବୁଝିପାରି କଥାଟା ଓଲଟାଇଦେବାକୁ ଗୁହିଁଲି । ମୁଁ କଣ ତା'ର ଏବକାର ଅବସ୍ଥା ଜାଣିବାକୁ ଚାହୁଁଛି ? ତାକୁ କ ଇକମର ସଜା ହେଲା ଜାଣିବାକୁ ଗୃହୁଁଥିଲି ।

ଯାଆନ୍ତୁ ଭୁବନେଶ୍ୱର ଜେଲକୁ, ସେଇଠି ପଗ୍ଚରିବେ ।

ଥାନାବାବୁ କଥା ଲୁଗୃଉଛନ୍ତିବୋଲି ମୋର ମନେ ହେଲା । ମୁଁ କାଳକ୍ଷେପଣ ନ କରି ଜେଲ୍ ଫାଟକରେ ପହଞ୍ଚିଲି । ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ଅନୁମତି ନେଇ ପିଲାଟି ସହିତ ଦେଖା କଲି ।

ପୋଲିସର ଟଣାଓଟରା ବେଳେ ମୁଁ ଟିକେ ହସ୍ତକ୍ଷେପ କରିଥିଲି ବୋଲି ପିଲାଟି ମନେ ପକାଇଲା ଏବଂ ସେହି ଦାବି ବଳରେ ବର୍ତ୍ତମାନ ମୋର ସାହାଯ୍ୟ ନେବାକୁ ଗୃହିଁଲା ।

ଘଟଣାରୁ ଜାଣିଲି ପିଲାଟି ଏପର୍ଯ୍ୟନ୍ତ ବିଚାରାଧୀନ ବନ୍ଦି ହିସାବରେ ଅଛି । ପନ୍ଦର ପନ୍ଦର କରି ଦୁଇ ଥର ପୋଲିସ ସମୟ ନେଲାଣି ଏବଂ ମାଜିଷ୍ଟ୍ରେଟ୍ ରିମାଣ୍ଡ ଦେଉଛନ୍ତି, କାରଣ ପୋଲିସ ଏ ଯାଏ ଗୃର୍ଜସିଟ ଦାଖଲ କରିପାରି ନାହିଁ ।

ମୁଁ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନୁରୋଧ କଲି, ପିଲାଟିକୁ ବଡ଼ ବଡ଼ ଅପରାଧୀମାନଙ୍କ ସାଙ୍ଗରେ ନ ରଖି ଅଲଗା ରଖନ୍ତୁ ।

ତାଙ୍କର ଯୁକ୍ତି ହେଲା ଏଠି ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ ।

ତା ହେଲେ ଅଯଥାରେ ପିଲାଟା ହଇରାଣ ହେଉଛି ବୋଲି ଲେଖୁ ନାହାନ୍ତି ? ମୋ ମତରେ ପିଲାଟା ନିର୍ଦ୍ଦୋଷ ।

ବ୍ୟକ୍ତିବିଶେଷର ମତ ଉପରେ କଣ ଆଇନ ଚାଲେ ? ପୋଲିସ କେସ୍ ଫେରସ୍ତ ନେଲା ପର୍ଯ୍ୟନ୍ତ ସେ ଏଠି ରହିବ ।

ଏମିତି ମନଇଚ୍ଛା କଏଦୀ ଅଣାହେବ ଆଉ ଆପଣ କିଛି କରିପାରିବେ ନାହିଁ ?

ଗତଥର କୋର୍ଟରୁ ଫେରିବାବେଳେ ପିଲାଟା ବହୁତ କାନ୍ଦିଲା— ମାଆ ଭଉଣୀ ପେଟ ବିକଳରେ କଣ ହେଉଥିବେ । ମୁଁ କୋର୍ଟ ସବ୍ଇନ୍ସ୍‌ପେକ୍ଟରଙ୍କୁ କହିଲି, କେସ ଟ୍ରୁ ଆଉ ନୋ କ୍ଲୁ ବୋଲି ଲେଖିଦେଲେ ତ ପିଲାଟା ଫେରିଯାଇ ପରିବାର ପୋଷି ପାରନ୍ତା । ସେ କହିଲେ, ଏହା କିପରି ସମ୍ଭବ ? ତା ଉପରେ ପରା ଦୁଇ ଦୁଇଟା ଚୋରି କେସ୍‌ର ଗ୍ରୁପ ରହିଯାଇଛି ।

***

# ତନ୍ଦ୍ରା ଭାଙ୍ଗିଛି

ମଦନପୁର ଅନ୍ୟ ଗାଁମାନଙ୍କ ଭଳି ଗାଁଟିଏ । ସବୁ ଗାଁରେ ଯେପରି ଲୋକେ ବାର, ତିଥି, ପକ୍ଷ, ମାସ, ବର୍ଷରେ ସମୟ ଗଣନ୍ତି, ଏଠି ସେହିପରି । ଘଣ୍ଟା ମିନଟ୍ ସେକେଣ୍ଡ୍ ଏମାନଙ୍କ ଧାରଣାକୁ ଛୁଇଁ ନାହିଁ ।

ଖାଇବାକୁ ଦି'ମୁଠା ଥିଲେ କାମ କରିବାକୁ ଯିବା ଉଚିତ ନୁହେଁ ବୋଲି ଏ ଗାଁର ବି ବହୁତ ଲୋକ ଭାବନ୍ତି । ବିଲକାମ ବଡ଼ି ଭୋରରୁ ଆରମ୍ଭ ହୋଇଯାଏ । ଲୋକେ ଖରାବେଳ ଘରକୁ ଆସି ବିଲକୁ ଯାଆନ୍ତି ନାହିଁ । ପଖାଳ ବେଲାଏ ପକାଇ ଦେଇ ମଧ୍ୟାହ୍ନ ନିଦ୍ରାରେ କେତେକ ମଜ୍ଜି ଯା'ନ୍ତି ତ କେତେକ ପଶା ଖେଳରେ ଲାଗିଯାଆନ୍ତି । ସଞ୍ଜ ନ ହେଉଣୁ ତାଟି କବାଟ ପଡ଼ିଯାଏ । ମୋଟ ଉପରେ କହିଲେ ଚଳିବ ଯେ ବାହାରୁ ଆସିଥିବା ଯେ କୌଣସି ଲୋକ ମଦନପୁରକୁ ଗୋଟିଏ ତନ୍ଦ୍ରାଗ୍ରସ୍ତ ଗ୍ରାମ ବୋଲି କହିବ । ଗାଁକୁ ବିଜୁଳି ଆସିଲାଣି । ମଦନପୁରର ମଦନଲାଲ ମାରୱାଡ଼ି, ଧର୍ମା ମହାନ୍ତି ଓ ଜନାର୍ଦ୍ଦନ ମିଶ୍ରଙ୍କ ଭଳି କେତୋଟି ପରିବାର ବିଜୁଳି ନେଇଛନ୍ତି ସତ କିନ୍ତୁ ତାହା ସମୁଦ୍ରକୁ ଠୋପାଏ । କାମଧନ୍ଦାକୁ ଅଯୋଗ୍ୟ ବିବେଚିତ ହୋଇଥିବା ଗାଁର କେତେକ ଟୋକା ଥରେ ଥରେ ରାତି ନଅ ଦଶ ପର୍ଯ୍ୟନ୍ତ ସେହି ଆଲୁଅ ଥିବା ପିଣ୍ଡାମାନଙ୍କରେ ଆଡ୍ଡା ଜମାଇ ଦିଅନ୍ତି । ଏହି ବ୍ୟତିକ୍ରମକୁ ନେଇ ଆମେ କହିବା କି ମଦନପୁର ଗାଁରେ ଆଧୁନିକତାର ପାଦ ପଡ଼ିଲାଣି ?

କିନ୍ତୁ ସେ ଗାଁରେ ଦିନେ ବାହାରର ହାଉଆ ପଶିଥିଲା । ବିଜୁଳି ଆସିବାର ବହୁତ ପୂର୍ବରୁ । ମଦନଲାଲ୍ କମ୍ବଳ କମଣ୍ଡଳୁ ଧରି ଯେତେବେଳେ ଗାଁରେ ପହଞ୍ଚି ଦୋକାନ ଖୋଲିବ ବୋଲି ଇଚ୍ଛା ପ୍ରକାଶ କଲା, ଗାଁ ଲୋକେ

ହେଁ ହେଁ ହୋଇ କଥାଟାକୁ ଉଡ଼ାଇ ଦେଇଥିଲେ । ସେତେବେଳେ କେହି ଭାବି ନଥିଲେ ଯେ ମଦନ ମାରୱାଡ଼ି କେବଳ ସବୁଠୁ ଧନୀ ହେବ ନାହିଁ, ସେ ଗାଁର ରାଜନୀତିକୁ ନିୟନ୍ତ୍ରଣ କରିବ ।

ଓଡ଼ିଆ ପୁଅର ବଣିଜ କରିବା ସରକାରୀ ବ୍ୟବସାୟ ଭଳି । ଗାଡ଼ି ଘୋଡ଼ା ନ ହେଲେ, ମଉଜ ମଜଲିସ୍‌ରେ ଖାଇବା ପିଇବା ନ ମିଳିଲେ ବଣିଜ ଆଡ଼କୁ ମୁହଁ ବୁଲାଉଛି କିଏ ? ତେଣୁ ଓଡ଼ିଆର ଦୋକାନ, ଓଡ଼ିଆର ଶିଳ୍ପ ଫେଲ୍ ମାରିବ ନାହିଁ ତ ଆଉ କାହାର ଫେଲ୍ ମାରିବ ?

ମାରୱାଡ଼ିମାନେ ବିଜିନେସ୍‌ର କାଇଦା ଜାଣନ୍ତି । ଏ କଥା ଶତ୍ରୁ ବି ସ୍ୱୀକାର କରିବ ।

ଅବଶ୍ୟ ଗାଁର କେତେକ ଲୋକ ମଦନଲାଲକୁ ଦୋକାନ ବସାଇବାରେ ସାହାଯ୍ୟ କରିଥିଲେ । କିନ୍ତୁ ତା'ର ଦୋକାନ ବଢ଼ିବା ମୂଳରେ ସେ ନିଜେ ହିଁ ଥିଲା । ଉପାସରେ ରହି, ଦୂର ହାଟ ବଜାରରୁ ସେ ସଉଦାପତ୍ର ଆଣିବ, ଦୋକାନରେ ଗରାଖ ଥିବାଯାଏ ଖାଇବାକୁ ଯିବ ନାହିଁ । କୌଣସି ଦିନ ଲାଭ ନ ହେଲେ ସେ ପ୍ରତି ଭୋଜନ ମଧ୍ୟ କରିବ ନାହିଁ । ଗରାଖର ପଇସା ନ ଥାଉ, ସେ ଫେରିବ ନାହିଁ । ସେ ଯଦି ଧାନ, ମୁଗ, ବିରି କୋଳଥ ଦେଇପାରିଲା ତାହା ବି ଯଥେଷ୍ଟ ! ତେଣୁ ଘର ମାଲିକ କେବଳ ଗରାଖୀ ହେବ କାହିଁକି ? ମୁରବି ନ ଥିଲା ବେଳେ ମାଇପେ ଓ ପିଲାମାନେ ଜାନରେ ବା ପଛର ଟୁଙ୍ଗାରେ ଘରେ ଯାହା କିଛି ଅଛି ଧରି ହାଜର ହୋଇଯିବେ ସଉଦା ନେବା ପାଇଁ । ଜଣାଶୁଣା କିମ୍ବା ମାମଲତକାରିଆ କେହି ଚାହିଁଲେ ବାକିରେ ବି ମଦନଲାଲ ଦେଉଥିଲା । ନ ହେଲେ ବାହାର ରାଇଜରେ, ଜଣାଶୁଣା ନ ଥିବା ଜାଗାରେ ମଦନଲାଲ ଭଳି ଦୂରଦେଶର ଏକଲା ଲୋକ ଚଳିପାରନ୍ତା କି ?

ମଦନଲାଲ ଚାଲାକ ନ ଥିଲେ ଅବଶ୍ୟ ଏତେ ବାଟ ଆସି ନଥାନ୍ତା । ସାହସୀ ବି । ତା'ର ସେ କମ୍ବଳ କମଣ୍ଡଳୁ କେଉଁ ଦିନରୁ ଉଭେଇ ଗଲାଣି । ବର୍ତ୍ତମାନ ସେ ମଦନପୁର ଗାଁର ସବୁଠାରୁ ଜଣାଶୁଣା ବ୍ୟକ୍ତି । କେବଳ ସେତିକି ନୁହେଁ, ସେ ଶାସକ ଦଳର ସେ ଖଣ୍ଡମଣ୍ଡଳରେ ମୁଖ୍ୟନେତା । ନ ହୁଅନ୍ତା ବା କାହିଁକି ? ତା'ଠାରୁ ଦଳ ବେଶି ପୁଞ୍ଜି ଖଟାଇଲାବାଲା କିଏ ଅଛି ? ପୁଣି ଭୋଟ କାରବାରରେ ଯେଉଁ ଜାତିଆଣ ହାଓ୍ୱା ଏ ଗାଁରେ ଉଠିଛି

ତା'ଙ୍କୁ ଦବାଇବାକୁ ଲୋକ କାହାନ୍ତି ? ସବୁ ସେଇ ମଦନଲାଲ ମାରଓ୍ୱାଡ଼ି କରିପାରୁଛି ।

କିନ୍ତୁ ରାବଣମାନେ କେବେ ବାଳୀମାନଙ୍କୁ ଦବାଇ ଶାନ୍ତ ହୋଇ ନାହାନ୍ତି । ରାକ୍ଷସ ଜାତି ବାନର ଜାତିକୁ ପଦାନତ କରି ଯଦି ଚୁପ୍ ରହିଥାନ୍ତା ସାତ ଖଣ୍ଡ ରାମାୟଣ ହୁଅନ୍ତା କାହିଁକି ?

ଶକ୍ତି ବଢ଼ିଲେ ଉପଭୋଗ କରିବାର ଲାଳସା ବଢ଼େ । ଉପଭୋଗ ଓ ନର୍ଯାତନା ଗୋଟିଏ ମୁଦ୍ରାର ଦୁଇଟି ପାଖ । ମଣିଷର ଭୋଜ କୁକୁଡ଼ାର ମୃତ୍ୟୁ । ମନ୍ତ୍ରୀଙ୍କ ହାତେରମ୍ କେତୋଟି ନିଷ୍ପାପ ମହିଳାଙ୍କ ଦାୟିତ୍ୱ ।

ମଦନଲାଲର ଦୋକାନ ବଢ଼ିବା ସଙ୍ଗେ ସଙ୍ଗେ ଗାଁରେ ତା'ର ପ୍ରତି-ପତ୍ତି ବଢ଼ିଲା । ଗାଁର ଚାରି ପାଞ୍ଚଟି ପରାଙ୍ଗଭୋଗୀ ତା'ପାଖରେ ଜୁଟିଲେ । ତାକୁ ସାହସ ଦେଲେ । ଭଲ ମନ୍ଦ ବେଳକୁ କିଛି ମାଗଣା ସଉଦା ବା କଞ୍ଚା ଟଙ୍କା ପାଇଲେ । ସେହିମାନେ ମଦନର ହାତବାରିସୀ ହୋଇଗଲେ, ଗାଁର ଦାଡ଼ୁଆ କାଠ ମାନଙ୍କୁ ପାଲିସ କରିବା ଆରମ୍ଭ କଲେ ।

କେତେକ ନିଜର ବଦଖର୍ଚ୍ଚ ଯୋଗୁଁ, କେତେକ ନିଜର ଅଳସୁଆମି ପାଇଁ, ଆଉ କେତେକ ମଦ ଆସକ୍ତି ଯୋଗୁଁ, ଗରିବରୁ ଆହୁରି ଗରିବ ହୋଇଗଲେ । ଏସବୁ ମଦନଲାଲ ପାଇଁ ପ'ବାର ତେର । କେତେ ଲୋକଙ୍କ ଜମି ବନ୍ଧା ପଡ଼ିଲା । କେତେ ଲୋକ, ବେଶି କରି ସ୍ତ୍ରୀଲୋକେ, ଗହଣାଗାଣ୍ଠି ବା ଲୋଟା ଗରା ବନ୍ଧା ପକାଇଲେ । ଆଉ କେତେକ କରଜ ନେଇ ନିଜେ ବନ୍ଧା ପଡ଼ିଗଲେ । ସାମାନ୍ୟ ରୋଜଗାର ଆଶାରେ ପ୍ରାୟ ଅଧଡଜନେ ମହିଳା ମଦନଲାଲର ଦୋକାନରେ ଓ ଘରେ ଦିନରାତି କାମକରିବା ଆରମ୍ଭ କଲେ ।

ହରି କୋଳଥ ଧାନ ଚାଉଳକୁ ବାଛି, ପାଛୁଡ଼ି, ସଫା ସୁତରା କରି ବସ୍ତାରେ ଅଲଗା ଅଲଗା ରଖିବା କାମ ଏହି ସ୍ତ୍ରୀଲୋକେ କରନ୍ତି । ଅଟାରେ ତେନ୍ତୁଳି ଚୂନା ବା ଅମଶ୍ଲେପାର ପାଉଡର ମିଶେଇବା, ଜିରା ସୋରିଷରେ ସେହିଭଳି ଦେଖା ଯାଉଥିବା ଭୁଷ ବାଲି ମିଶାଇବା, ଚିନ ଚାଉଳରେ ତଦ୍ରୂପ ଗୋଡ଼ି ମିଶାଇବା, ଏହି ସ୍ତ୍ରୀମାନଙ୍କ ହାତ ହୁଏ ।

ବଡ଼ଲୋକ ହେବାର ଉପାୟ ଉପରେ କାହାର ଈର୍ଷା ନ ଥିଲା । ଈର୍ଷା ହେଲା ବଡ଼ଲୋକର ପ୍ରଭାବ ଉପରେ ।

ଗାଁରେ ପ୍ରାଧାନ୍ୟ ଥିବା ଖଣ୍ଡାୟତ କରଣ ଜାତିର ଗୁପ୍ତ ବୈଠକ ବସିଲା । ଜମିବାଡ଼ ଗଲା, ଚିନ୍ତା ନ ଥିଲା । ଝିଅ ବୋହୂଙ୍କ ଇଜ୍ଜତ ଗଲେ ସହିବା କପରି ?

ଆମେ ବର୍ଣ୍ଣସଙ୍କର ହୋଇଯିବା, ଗାଁ ସାକ ମଦନଲାଲର ଗୋଲ ବ୍ୟାପିଯିବ । ଏ ପ୍ରସ୍ତାବ ଉଠାଇଥିଲେ ନର ବିଶ୍ୱାଳ । ସେଦିନ ମଦନଲାଲ ତା'ଙ୍କୁ ଛିଚ୍‌କାର କରି କହିଲା, ଘରଜୋଇଁଆ ହୋଇ ଫୁଟାଣି ଗୁଡ଼ୁଛି, ସେହିଦିନରୁ ନର ବିଶ୍ୱାଳ ମଦନଲାଲ ମାରୱାଡ଼ିକୁ ଦେଖିଦେବ ବୋଲି ଶପଥ ନେଇଥିଲା ।

ମଦନପୁର ଗାଁର ବଡ଼ ପରିବାର ହରେକୃଷ୍ଣ ବିଶ୍ୱାଳଙ୍କ ଏକ ମାତ୍ର କନ୍ୟାଙ୍କ ସ୍ୱାମୀ ନରେନ୍ଦ୍ର ବଡ଼ ଖାନଦାନର ଦାୟାଦ । ସେହି ଖାତିରରେ ସେ ଦୁଇ ଥର ସରପଞ୍ଚ, ଥରେ ଚେଆରମାନ ହୋଇଛନ୍ତି । ଏବେ ମଦନଲାଲର ପଇସାରେ ଅନ୍ୟ ଗାଁର ଲୋକ ଚେଆରମାନ୍ । ମଦନଲାଲର ଗୁମାସ୍ତମାନେ ଗାଁର ୱାର୍ଡମେମ୍ବର, ପଞ୍ଚାୟତର ସରପଞ୍ଚ । କୋଉ ଆତ୍ମାଭିମାନୀ ଲୋକ ଏ କଥା ସହି ପାରନ୍ତା ?

ଯୋଉ ମଦନପୁର ଗାଁ ତା' କଥାରେ ଚାଲୁଥିଲା ସେଠି ଆଜି ବିଦ୍ରୋହର ତେଉ ସୃଷ୍ଟି ହୋଇଛି ଦେଖି ମଦନଲାଲ ନିଜ ବ୍ୟବସ୍ଥା କରି-ଥିଲା । କେତେଗୁଡ଼ିଏ ଲଠିଧାରୀ ସବଳ ଶରୀର ମଦନଲାଲଙ୍କ ଛନଛନିଆ ଶରୀରକୁ ଜଗି ରହିଥିଲେ ।

ନରେନ୍ଦ୍ରର ବଳ ଗାଁର ଟୋକାଏ । ଯୁବକ ସଂଘର ପ୍ରତ୍ୟେକ ସଭ୍ୟ ବୁଝିଗଲେ ଯେ ମଦନଲାଲ ମଦନପୁର ଗାଁଟାକୁ ନଷ୍ଟ କରିଦେଲା । ତାକୁ ଏଠୁ ନ ହଟାଇଲେ ଗାଁର ଭବିଷ୍ୟତ ନାହିଁ ।

ଇତିମଧ୍ୟରେ ମଦନଲାଲ ତା'ର ଦୁଇ ଭାଇଙ୍କୁ ରାଜସ୍ଥାନରୁ ଡକାଇ ଆଣିଛି । ମଦନଲାଲର ଜୋର ବଢ଼ିଯାଇଛି ।

ସେଦିନ ଦୁଧେଇ ନଈରେ ସକାଳୁ ସକାଳୁ ସ୍ନାନ ସାରି ମଦନଲାଲ ସୂର୍ଯ୍ୟ ନମସ୍କାର କରୁଛି । ପଛରୁ ନରି ବଣ୍ଠାଲର ପାଟି ଶୁଭିଲା ।

ହଁ, ହଁ, ଆହୁରି ଜୋରରେ ଭଗବାନଙ୍କୁ ଡାକ । ଏତେ ପାପ ସହଜରେ ଧୋଇବ ନାହିଁ । ତୋ ଅସ୍ଥିକୁ ଗଙ୍ଗାରେ ପକାଇବାକୁ ହେବ ।

ପଛକୁ ବୁଲି ମଦନଲାଲ ଦେଖିଲା, କୋଡ଼ିଏ ପଚିଶ ଲୋକ, ହାତରେ ଠେଙ୍ଗା ।

ଫୁଙ୍ଗୁଳା ଦେହ, ଏକୁଟିଆ ଖାଲୁଆ ଭୂଇଁରେ ।

ମଦନଲାଲ ନିଜକୁ ଖୁବ୍ ଅସହାୟ ମନେକଲା । ଅନୁନୟ ବିନୟ କରି ହାତଯୋଡ଼ି କହିଲା ମୋତେ ମାରନି, ମୁଁ ତୁମର ସବୁ ବନ୍ଧକପଟା ଫେରାଇ ଦେବି ।

ନରି ବଣ୍ଠାଲ ସାଙ୍ଗମାନଙ୍କୁ ସତର୍କ କରାଦେଲା, ଥରେ ବର୍ତ୍ତିଗଲେ ଘାଇଲ ବାଘ—ସମସ୍ତଙ୍କୁ ଆକ୍ରମଣ କରିବ । ଆମ ସମସ୍ତଙ୍କୁ ଚିହ୍ନି ରଖିବ ସେ ।

ପଚିଶ ଛବିଶ ପାହାର ପରେ, ନରି କହିଲା, ହାଃ, ହାଃ, ଲହୁଣି ମାଖି କେତେ ଛନଛନ ମାଂସ ତିଆରି କରିଥିଲା ସେ ।

ସେ ଓ ଆଉ ଦି' ତିନି ଜଣ ମିଶି ନିଶ୍ଚଳ ଦେହଟାକୁ ଦୁଧେଇ ନଈରେ ଭସେଇ ଦେଲେ ।

ଚାଲ ଆଜି ଗାଁରେ ଫିଷ୍ଟ କରିବା—ଏଥର ଗାଁରେ ନୂଆ ଜୀବନ ପଶିଲା । ନରି ବଣ୍ଠାଲ ସାଥିରେ ଏକାସ୍ୱରରେ ସମସ୍ତେ କହୁ କହୁ ଗାଁଆଡ଼କୁ ମୁହଁ ମୋଡ଼ିଲେ ।

* * *

# ବିପଦର ଆକର୍ଷଣ

ଆରେ, ଆନ୍ କାହିଁ ? ସେ ଛାତ୍ରମାନଙ୍କୁ ନାଁ ଧରି ଡାକନ୍ତି । ପ୍ରଥମ ନାଁରେ । ଯଦି ନାଁଟା ଅଦ୍ଭୁତ ଶ୍ରେଷ୍ଠ ହୋଇ ପାରିଲା, ତେବେ ସେ ଗୋଟିଏ କି ଦୁଇଟି ଅକ୍ଷରରେ କି ଡାକିଦେବାକୁ ଭଲ ପାଆନ୍ତି ।

ଆନନ୍ଦ କୁମାର ମୁଖାର୍ଜି କୁଆଡ଼େ ଗଲେ କେହି କହିପାରୁ ନାହାନ୍ତି । ଆଜି ଶେଷ ଦିନ । ସମସ୍ତେ ଯେ ଯାହା ଦେଶକୁ ଫେରିଯିବେ । ବିଲାତର ସ୍ମୃତି ଧରି । ତେଣୁ ଅଧ୍ୟାପକ ଡେଭିସ୍ ବଡ଼ ବ୍ୟସ୍ତ । ସେ ଚାହାନ୍ତି ପ୍ରତ୍ୟେକ ଅଂଶୀଦାର ଖୁସି ମନରେ ଘରକୁ ଫେରୁ । ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତିକରଣ ଓ ଉଦ୍ଧାର କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ କର୍ମଶାଳା ବେଶ୍ ଭଲରେ ସରିଛି । ଅନ୍ତତଃ ତାହାହିଁ ତାଙ୍କର ଧାରଣା । ଯଦି କେହି ବା ଖୁସି ନ ଥିବ ବିଲାତ ଛାଡ଼ିବା ପୂର୍ବରୁ ଅନ୍ତତଃ ଖୁସିରେ ଯାଉ । କମନ୍‌ୱେଲ୍‌ଥ ବା ବିଦେଶୀ ଛାତ୍ରମାନେ ଅଧିକାଂଶତଃ ସରକାରୀ କର୍ମଚାରୀ । ବିଲାତି ଜୀବନଧାରାର " ନିଜେ ନିଜର କାମ କରିବା " ତାଆରେ ଅଭ୍ୟସ୍ତ ନୁହନ୍ତି । ଚାକରବାକର ନାହିଁ । ଗରମ ଦେଶରୁ ଆସିଥିବା ଲୋକେ ବିଲାତର ଥଣ୍ଡାରେ ଥରି ଯାଇଛନ୍ତି । ଅଧ୍ୟାପକ ଡେଭିସ୍ ସେମାନଙ୍କ ଭିତରୁ ଅନେକଙ୍କୁ ଶୋଇବା ବିଛଣାର ଥଳ ଦେଇ ସାହାଯ୍ୟ କରିଛନ୍ତି, ବିଶେଷତଃ ଭ୍ରମଣରେ ଥିବାବେଳେ ।

ତାଙ୍କ ଆଖିରେ ଆଶଙ୍କା ଜଳ ଜଳ ହୋଇ ଦିଶୁଥିଲା । ଆନ୍ କାହିଁ ?

ଆନନ୍ଦ କୁମାର ମୁଖାର୍ଜି କାହାନ୍ତି । ଆମେ ସମସ୍ତେ ପରସ୍ପରର

କାନ ପାଖରେ ଫସ୍‌ଫାସ୍ ହେଲୁ । କାଲି ସେ ଆମ ସାଙ୍ଗରେ ଟ୍ରାଫଲ୍‌ଗର ସ୍କୋୟାରରେ ଥିଲି । ଅଧ୍ୟାପକ ଡେଭିସ୍ ଆମକୁ ନେଇଯାଇଥିଲେ ବ୍ରିଟିଶ୍ ମେଟ୍ରୋପଲିସ୍ ( ଆନ୍ତର୍ଜାତିକ ସହର )ର ଶେଷ ଦର୍ଶନ ପାଇଁ । ଦିନେ ଏହା ଯେଉଁ ସାମ୍ରାଜ୍ୟର ରାଜଧାନୀ ଥିଲା ତହିଁରେ କେବେ ସୂର୍ଯ୍ୟ ଅସ୍ତ ଯାଉ-ନଥିଲେ । ଛାତ୍ରମାନେ, ନା ନା କର୍ମଶାଳାର ଅଂଶୀଦାରମାନେ, ଯେପରି କଦାପି ଅସ୍ୱସ୍ତି କର ବୋଧ ନ କରନ୍ତି ସେଥିଲାଗି ସେ ଖୁବ୍ ଯତ୍ନ ନେଉଥିଲେ । ଏ ତ ପାଠପଢ଼ା ନ ଥିଲା । ତାଙ୍କୁ ବି ଅଧ୍ୟାପକ କହିବା କଥା ନୁହେଁ । ସେ ନିଜେ ବି ପସନ୍ଦ କରନ୍ତି ତାଙ୍କୁ ଇଆନ୍ ବୋଲି ଡକାଯାଉ । ପୂରା ନାଁ ଇଆନ୍ ଡେଭିସ୍ । ନାଁ ଧରି ଡାକିବାରେ ସେ ମଧ୍ୟ ସହଜ ବୋଧ କରନ୍ତି ।

ଏ ଇଂରେଜଗୁଡ଼ାକ ଅଦ୍ଭୁତ ଲୋକ । ଆମ ଦେଶରେ ରାଜୁତି କରୁଥିଲାବେଳେ ଆମକୁ ଖୋସାମତି କରିବାର ସମସ୍ତ ପ୍ରକାରର ଆଦବ କାଇଦା ଶିଖାଇଲେ । ଦରଖାସ୍ତ ଶେଷରେ ‘ ଆଇ ବେଗ୍ ଟୁ ରିମେନ୍ ସାର୍ ଇଓର୍ ମୋଷ୍ଟ ଓବିଡ଼ିଏଣ୍ଟ ସର୍ଭାଣ୍ଟ’ ଲେଖିବାକୁ ଅଭ୍ୟାସରେ ପକାଇଦେଲେ । ବର୍ତ୍ତମାନ ତାଙ୍କ ଦେଶ କଥା ଦେଖ । ସେ କହୁଛନ୍ତି ସମ୍ପର୍କ ଛାତ୍ର ଅଧ୍ୟାପକ ହେଲେ କଣ ହେଲା, ପ୍ରଥମ ନାଁ ଧରି ଡାକ । ସାର୍ ବା ପ୍ରଫେସର୍ ଡେଭିସ୍ ବୋଲି କହିଲେ ସମ୍ପର୍କଟା ତେତେ ଘନିଷ୍ଠ ଜଣାପଡ଼ୁ ନାହିଁ ।

ଏତେ ଯିଏ ଆପଣାର କରିଥିଲେ ସିଏ କପରି ଆମର ପାଠ-ପଢ଼ାକୁ କ୍ଲାସ୍ ଭଳି ଦେଖନ୍ତେ ? ଏ ପୁଣି କ୍ଲାସପଢ଼ା ନ ଥିଲା । ଏ ଥିଲା ଗୋଟିଏ କର୍ମଶାଳା । ତହିଁରେ ଅଂଶୀଦାରମାନେ ନିଜର ଅଭିଜ୍ଞତା ଅନୁଭୂତି ସମ୍ପର୍କରେ ପ୍ରବନ୍ଧମାନ ପଢ଼ିବେ ଏବଂ ତାହା ଉପରେ ଆଲୋଚନା ହେବ । ସମସ୍ତେ ସମାନ ଆସନର ଅଧିକାରୀ ।

ପୁଣି ବିଷୟ ହେଉଛି : ଡ଼ିଜାଷ୍ଟର ପ୍ରିପେଆର୍ଡ୍‌ନେସ୍ ଆଣ୍ଡ ରିକଭରି ମାନେଜମେଣ୍ଟ ଅର୍ଥାତ୍ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟକ୍ରମର ପରିଚାଳନା । ଇଆନ୍‌ଙ୍କ ଭାଷାରେ କୌଣସି ବିପର୍ଯ୍ୟୟ ପ୍ରାକୃତିକ ନୁହେଁ । ଭଗବାନ ବିପର୍ଯ୍ୟୟ କରାନ୍ତି ନାହିଁ । ବିପର୍ଯ୍ୟୟ ମଣିଷର ଅବହେଳା ଯୋଗୁଁ ଘଟେ ଓ ଏ ଅବହେଳା ମାର୍ଜନୀୟ ନୁହେଁ । ଏ ପ୍ରକାର ଅବହେଳାକୁ ଧର୍ତ୍ତବ୍ୟ ଅପରାଧ ବୋଲି ଘୋଷଣା କରାଯିବା ଉଚିତ ବୋଲି ସେ ବାରମ୍ବାର

କହନ୍ତି । ଦୁର୍ଘଟଣା ଦଉଛି ତ, କେତେକ ଲୋକ ଗଲେ, ସେଣିକି ଦୁର୍ଘଟଣା ଓଟାରେ ତେଣିକି ଯାଇ । ବଡ଼ଲୋକମାନେ ଭଲ ଭଲ ଜାଗା ବା ନିରାପଦ ଜାଗା ମାଡ଼ି ବସିବେ । ଥିଲାବାଲା ଲୋକେ ସୁବିଧା ଜାଗା ସବୁ ଅକ୍ତିଆରକୁ ନେଇନେବେ । ଗରିବଗୁରୁବାଙ୍କ ପାଇଁ ସମୁଦ୍ରକୂଳ, ନଈଅତଡ଼ା, ପାହାଡ଼ର ଡାଲୁ—ଏଭଳି ଶଙ୍କାକୁଳ ଜାଗାଗୁଡ଼ିକ ରହିଯିବ । କାରଣ ପେଟ ପୋଷିବା ପାଇଁ ସେମିତି ସବୁ ଜାଗାକୁ ଗଲେ କେହି ସେମାନଙ୍କୁ ରୋକିବ ନାହିଁ । ବିନା ଖର୍ଚ୍ଚରେ କୁଡ଼ିଆଟିଏ କରି ମୁଣ୍ଡ ଗୁଞ୍ଜି ପାରିଲେ ଦୁଇ ଓଳି ଖାଇବାର ଯୋଗାଡ଼ କରିନେବେ । ସମୁଦ୍ରରୁ ହୁଲଡଙ୍ଗାରେ ମାଛମାରି ହେଉ, ପାହାଡ଼ ଉପରେ କିଛି ଧାନ କି ତିଳ ବୁଣି ଦେଇ ହେଉ ବା ନଈ ଅତଡ଼ାରେ ଓ ଚରରେ ଜବରଦଖଲ କରି ହେଉ ମୁଣ୍ଡ ଝାଳ ତୁଣ୍ଡରେ ମାରି ଦି ଗଣ୍ଡା ଖାଇବାର ବନ୍ଦୋବସ୍ତ କରିପାରିବେ । ଏଇମାନେ ସମୁଦ୍ର ଜୁଆରରେ, ନଈର ବନ୍ୟାରେ, ପାହାଡ଼ର ଅତଡ଼ା ଖସାରେ ମରିବେ ନାହିଁ ତ ମରିବ କିଏ ? ଏ ଯଦି ଆମର ମଣିଷପଣିଆର ଚିହ୍ନ ହୁଏ ତେବେ ସେଭଳି ଲୋକଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାପାଇଁ ପ୍ରସ୍ତୁତ କରାଇବାକୁ ପଡ଼ିବ । ସେମାନେ ନିଜେ ତ ଏଭଳି ଜାଗା ବାଛି ନେଇଛନ୍ତି । ସୁଖ ସୁବିଧାରେ ଦି'ମୁଠା ଭାତ ଅର୍ଜନ କରିବାର ଯେଉଁ ଅବାଧ ସୁଯୋଗ ମିଳେ ତା ତୁଳନାରେ ଥରେ କେବେ ବିପର୍ଯ୍ୟୟ ଆସିଗଲେ ମରିଯିବେ ବୋଲି ଯେଉଁ ଭୟ, ତା କିଛି ନୁହେଁ । ଦିନେ ନା ଦିନେ ତ ମରିବା । ଗରିବ-ଗୁରୁବାଙ୍କ ଏ ପ୍ରକାର ଚିନ୍ତାଧାରା ସେମାନଙ୍କୁ ବିପର୍ଯ୍ୟୟପ୍ରବଣ ସ୍ଥାନମାନଙ୍କୁ ଟାଣିନିଏ । ତୃତୀୟ ବିଶ୍ୱର ଗରିବ ଦେଶମାନଙ୍କରେ ଏ ଘଟଣା ବେଶି । ତେଣୁ ଇଆନ୍ କହନ୍ତି ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ । ବିପର୍ଯ୍ୟୟକୁ ସିନା ବନ୍ଦ କରିପାରିବା ନାହିଁ , କିନ୍ତୁ ପ୍ରସ୍ତୁତ ହୋଇ ରହିଲେ ବିପଦର ପରିମାଣକୁ, ତାର ସମ୍ଭାବନାର ମାତ୍ରାକୁ, କମାଇ ଦେଇ ହେବ । ବିପଦ ଆସୁଛି ଓ କେଉଁ ପ୍ରକାର ବିପଦ ଆସୁଛି ଜାଣିଥିଲେ କି ପ୍ରକାର ପ୍ରସ୍ତୁତି କରିବାକୁ ପଡ଼ିବ ତାହା ମଧ୍ୟ କହିହେବ । ଲୋକେ ଜାଗ୍ରତ ରହିଲେ ପରିଣାମର ପରିମାଣ ବା ଇମ୍ପାକ୍ଟ କମିଯିବ । ତେଣୁ ବିପଦ ହିଁ କମିଯିବ । ଏ ହେଲା ବିପର୍ଯ୍ୟୟ ପ୍ରସ୍ତୁତିର ମୂଳକଥା । ଥରେ ବିପର୍ଯ୍ୟୟ ଘଟିଗଲେ ଉଦ୍ଧାର କାର୍ଯ୍ୟ କରିବାକୁ ହେବ ଏବଂ ଏହା କିପରି କରିବାକୁ ହୁଏ ଭାରତୀୟଙ୍କଠାରୁ ଆଉ ବେଶି କିଏ ଜାଣିଛି ?

ଯେଉଁ ବିପର୍ଯ୍ୟୟର ସେମାନେ ଭୁକ୍ତଭୋଗୀ, ଲୋକେ ସେଥିପାଇଁ ପ୍ରାୟ ପ୍ରସ୍ତୁତ ଥାଆନ୍ତି । କାରଣ ଉଣା ଅଧିକ ସେହି ପ୍ରକାରର ବିପର୍ଯ୍ୟୟ ସେହି ଅଞ୍ଚଳରେ ପ୍ରାୟ ଆଗରୁ ଘଟିଯାଇଥାଏ । ଆମର ଲକ୍ଷ୍ୟ ବିପର୍ଯ୍ୟୟର ପରିଣାମକୁ ଏକ ଗ୍ରହଣଯୋଗ୍ୟ ସୀମା ଭିତରକୁ ଆଣିବା । ତଦନୁଯାୟୀ କଷ୍ଟର ପରିମାଣ କମାଇବା । ଲୋକେ ଏକ ନିର୍ଦ୍ଦିଷ୍ଟ ପରିମାଣର କଷ୍ଟ ସହିପାରନ୍ତି । ତାଠାରୁ ବଳିଗଲେ ସେମାନେ ସରକାର ବା ବାହାରର ସାହାଯ୍ୟକୁ ଅପେକ୍ଷା କରନ୍ତି । ଅଧ୍ୟାପକ ଡେଭିସ୍ ବଡ଼ ଯତ୍ନର ସହିତ ବୁଝାନ୍ତି ଯେ ଲୋକେ ଥରେ ରିଲିଫ୍ ମନୋବୃତ୍ତି ଧରିଲେ ସବୁବେଳେ ବାହାରର ସାହାଯ୍ୟ ଉପରେ ନିର୍ଭର କରିବେ । ଲୋକଙ୍କର ଲୋକାଲ କୋପିଙ୍ଗ୍ ମେକାନିଜମ୍ ଫେଲ୍ ମାରିବ, ଅର୍ଥାତ୍ ସେମାନଙ୍କର ନିଜ ଉପରେ ନିର୍ଭର କରିବାର କ୍ଷମତା ଆସ୍ତେ ଆସ୍ତେ କମିଯିବ । ଲୋକ ଯେତେ ଶୀଘ୍ର ନିଜ ଗୋଡ଼ରେ ଛିଡ଼ା ହୋଇପାରିବେ ତାହାଲାଗି ଯେତେ କମ୍ ସାହାଯ୍ୟ କରିବା ଦରକାର ସେତିକି ସାହାଯ୍ୟ କର । ଏହା ହିଁ ହେଉଛି କର୍ମଶାଳାର ଏବଂ ଇଆନ୍‌ଙ୍କ ସନ୍ଦେଶ । ବିପଦର ମୁକାବିଲା କରିବାପାଇଁ ଲୋକଙ୍କ ଭିତରେ ଯେଉଁ ଦକ୍ଷତା ବା କ୍ଷମତା ଅଛି ତାହା ଯେପରି ଲୋପ ନ ପାଏ ସେଥିପ୍ରତି ଲକ୍ଷ୍ୟ ରଖିବା ସର୍ବାଦୌ ଆବଶ୍ୟକ । ତେର ସପ୍ତାହ ଧରି ଚାଲିଥିବା କର୍ମଶାଳାର ଏହା ହିଁ ହେଉଛି ସଂକ୍ଷିପ୍ତ ସାରସଂଗ୍ରହ ।

ଆମର ଲୋକାଲ୍ କୋପିଙ୍ଗ୍ ମେକାନିଜମ୍ ବା ମୁକାବିଲା କରିବାର ବ୍ୟକ୍ତିଗତ କ୍ଷମତା କଣ ଫେଲ ମାରିଗଲା ? ତାହାହେଲେ ସେ କାହିଁକି ଅକସ୍‌ଫୋର୍ଡକୁ ଫେରି ନାହିଁ ? ଘଣ୍ଟାକପାଇଁ ଇଆନ୍‌ଙ୍କଠାରୁ ସେ ଛୁଟି ନେଇଥିଲା । ଅତି ବେଶୀରେ ଖିଆବେଳ ସୁଦ୍ଧା ଫେରି ଆସିବା କଥା । ଛଅଟା ବାଜିଲାଣି, ଆଉ ଟିକିକରେ ସଞ୍ଜ ହେବ । ମିଳାମିଶା ସଂଳାପ ସାଢ଼େ ସାତରେ ସରିଯିବ । ତାପରେ ଡିନର ଆରମ୍ଭ ହେବ ।

ଅଧ୍ୟାପକ ଡେଭିସ୍ ଆମ ଭିତରେ ଚାଲିଥିବା ଫୁସଫାସ୍ ଲକ୍ଷ୍ୟ କରୁଥିଲେ । ଆମେ ସବୁ କଣ କଥା ହେଉଛୁ ବୋଲି ସେ ଗୁଡ଼ାଇ ଭୁଡ଼ାଇ ବହୁତ ପ୍ରଶ୍ନ କଲେ । ସେ ଜାଣନ୍ତି ଉଦ୍ଧାର କାର୍ଯ୍ୟକ୍ରମରେ ସବୁଠାରୁ ବେଶୀ

କାମ ହିଏ ସ୍ଥାନୀୟ ଲୋକମାନେ ବିପର୍ଯ୍ୟୟ ସମ୍ବନ୍ଧରେ କଣ ଜାଣିଛନ୍ତି ତାହାର ପର୍ଯ୍ୟାଲୋଚନା । ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ହେବାରେ ବା ମୁକାବିଲା କରିବାରେ ଏହି ତଥ୍ୟସବୁ କାମରେ ଆସେ । ବେଶି କାମ ହିଏ ଯଦି ବିପଦଟା ମନୁଷ୍ୟ-କୃତ । ଇଆନ୍‌ଙ୍କ ହୃଦବୋଧ ହେଲାଣି ଯେ ଆନ୍ ଘଟଣାରେ ବିପଦଟା ମନୁଷ୍ୟକୃତ ନିଶ୍ଚୟ ଏବଂ ଆମେ ସମସ୍ତେ ବିପଦର ସ୍ୱରୂପ ଜାଣିଛୁଁ ।

"ମୁଁ ତାଙ୍କୁ ସୋହୋ ଅଞ୍ଚଳ ଆଡ଼େ ଯାଉଥିବାର ଦେଖିଛି"—ଆମ ଭିତରୁ ଜଣେ କିଏ କହିଲେ ।

'ସୋହୋ' ଶବ୍ଦଟା ଯେମିତି ସମସ୍ତଙ୍କ କାନ ଭିତରେ ଫୋଡ଼ି ହୋଇଗଲା । ମଣିଷ ଭିତରେ ପଶୁ ବୋଲି ଯାହା କିଛି ଅଛି ଏ ତାହାର ପ୍ରତୀକ । ଖାଲି ଲଣ୍ଡନର ଲାଲବତ୍ତି ଅଞ୍ଚଳ ବୋଲି କହିଦେଲେ ଯଥେଷ୍ଟ ବୁଝାଏ ନାହିଁ । ନା, ଆହୁରି କିଛି ବେଶି । ପାପ ଆଉ ଅପରାଧର ଗୋଟିଏ ଆଡ୍ଡା । ଶୁଭିଲା ଆଉ ଜଣେ କିଏ କହୁଛି, ଭଗବାନ ନ କରନ୍ତୁ ଆନନ୍ଦ ସେମାନଙ୍କ ଖାପରରେ ପଡ଼ି ନ ଥାଉ ।

କିନ୍ତୁ ସେଠି ତ ପୋଲିସ୍ ଅଛନ୍ତି । ଆଉ ଆପଣମାନେ ଜାଣିଛନ୍ତି ଲଣ୍ଡନ ପୋଲିସ୍ ବହୁତ ସାହାଯ୍ୟ କରନ୍ତି । ନେପାଳରୁ ଆସିଥିବା ପ୍ରାର୍ଥୀ ଜଣକ କହିଲା ।

ଆରେ ସେମାନେ କଣ କରିବେ ? ଯଦି ଆନ୍ ଆଇନ୍‌ର ଖିଲାପ କରିଥିବ ! ଜାମାଇକାରୁ ଆସିଥିବା ଅଫିସର ଜଣକ ପ୍ରତିବାଦ କଲା ।

ଆନ୍‌ର ଜିଗର ଦୋସ୍ତ ହେଉଛି ପିଲାଇ । ଆନ୍‌ର ଚରିତ୍ର ବିଶ୍ଳେଷଣ କରିବାରେ ତାଠାରୁ ବଳି ବେଶି ଜାଣିଥିବା ଲୋକ ଆଉ କେହି ନାହିଁ । ଗତ କାଲିର ଶେଷ କେତୋଟି ମୁହୂର୍ତ୍ତ ସେ ଆନନ୍ଦ ସହିତ କଟାଇ ଥିଲା । ସେତେବେଳେ କଣ ଘଟିଲା ସେ ବିଷୟରେ ଓଗ ଓଗ କରି କେତେଟା ବାକ୍ୟ କହିଗଲା ।

ଆନ୍ ନିଜ ପର୍ସଟା ତାକୁ ଦେଲା ରଖିବାକୁ । ପଇସା ଥଳିରୁ କିଛି କାଢ଼ିଲା, ବୋଧହୁଏ କୋଡ଼ିଏ ପାଉଣ୍ଡ । ତାଠାରୁ ବିଦାୟ ନେଇ ସୋ ରୁମ୍‌କୁ

ଫଶିଗଲ । କବାଟ ମେଲାଇଲାକ୍ଷଣି ଦରଓ୍ୱାନ୍‌କୁ ଦୁଇ ପାଉଣ୍ଡ ଦେଉଥିବାର ମୁଁ ଦେଖିଛୁ, ପିଲାଇ କହିଲା ।

ଆମ ଭିତରେ ସବୁଠାରୁ କମ୍ ବୟସର କର୍ମକୃଷ୍ଣ ଥିଲା କେନ୍, ଅଧ୍ୟାପକ ଡେଭିସ୍ ତାକୁ କେନ୍ ବୋଲି ଡାକନ୍ତି । ତା'ର ପୂରା ନାଁ କହିବା ଦରକାର ନାହିଁ । ଏତିକି କହିଲେ ଯଥେଷ୍ଟ ଯେ ସେ ପ୍ରଶାନ୍ତ ମହାସାଗରସ୍ଥ ଟୋଙ୍ଗା ଦେଶର ଲୋକ । ସେ କହିଲା "ଅଧ୍ୟାପକ ମହାଶୟ ! ଅନ୍ଦରମହଲ କଥା ଯଦି ଜାଣି ନ ଥିବ, ତେବେ ସେ ଫଶିଗଲା ଜାଣ ! ତାକୁ ଗୋଟିଏ ଗୁରୁତର ଆଘାତ ଲାଗିଥିବ ନିଶ୍ଚୟ ।" କେନ୍ ବୁଝାଇ କହିଲା "ପ୍ରଥମେ ଆନ୍ ଗୋଟିଏ ପେଗ୍ ଡ୍ରିଙ୍କ୍ କରିବାକୁ ବାଧ୍ୟ ହୋଇଥିବ । ମଦ୍ୟକ୍ଷୟ ନ କଲେ ଆଗେଇବାକୁ ଦିଆଯାଏ ନାହିଁ । ଏ ହେଉଛି ସେମାନଙ୍କର ରୋଜଗାରର ଫନ୍ଦି । ଭିତରକୁ ଯିବାର ଇଚ୍ଛା ନେଇ ଯିଏ ଯାଇଛି ସେ ପାଞ୍ଚ ଦଶ ପାଉଣ୍ଡ ଖର୍ଚ୍ଚ କରି କିଣିବ ନିଶ୍ଚୟ । ଦରଜା ପାର ହେବାପରେ ଅଳନ୍ଦ, ଦୁଇ କଡ଼ରେ ପାନୀୟ କାଉଣ୍ଟର ; ତାକୁ ପାର ହେଲେ ତ !

ତା'ପରେ କଣ ହୁଏ ? ଆମ ଭିତରେ ଥିବା ଜଣେ ନିରାମିଷାଶୀ ଭାରତୀୟ ଥାଆନ୍ତି । କୌଣସିଥିରେ ଭାଗ ନ ନେଲେ ମଧ୍ୟ ସବୁ ବିଷୟରେ ଜାଣିବାକୁ ଚାହାନ୍ତି । ସେ ପଚାରିଦେଲେ । ମନେ ହେଉଥିଲା କେନ୍ ଯେପରି ଏ ସବୁ ବିଷୟରେ ପ୍ରତ୍ୟକ୍ଷଭୋଗୀ ।

କେନ୍ କହିଚାଲିଲା । ସେଠି ଜଣେ ପିମ୍ପ ଦେଖା ଦେବ । ଦେହ ବିକୁଥିବା ଝିଅମାନଙ୍କୁ ଗରାଖ ଯୋଗାଇବାପାଇଁ ଯେଉଁମାନେ ମଧ୍ୟସ୍ଥ ବା ଏଜେଣ୍ଟ ଭାବରେ କାମ ତୁଲାଇ ଥାଆନ୍ତି ସେମାନଙ୍କୁ ପିମ୍ପ୍ କୁହାଯାଏ । ସେ ଆନ୍‌କୁ ପଚାରିଥିବ, କେଉଁ ପ୍ରକାରର ଝିଅ ( ଗାର୍ଲ ) ଦରକାର । ଚାଳିଶ ବର୍ଷ ପାର ହୋଇଥିଲେ ବି ସେମାନେ କାଳିକା ଝିଅ ବୋଲି ଏ ବ୍ୟବସାୟରେ ଥିବା ଲୋକ ଜାଣନ୍ତି । ଦେହ ନୁହେଁ ପ୍ରସାଧନ ହିଁ ପୁରୁଷକୁ ଆକୃଷ୍ଟ କରିଥାଏ । ଗରାଖମାନେ ପାଉଡ଼ରରେ ଭୁଲିଯା'ନ୍ତି ବୋଲି ସୋ ରୁମ୍‌ର ଲୋକେ ବେଶ୍ ଜାଣନ୍ତି । ଆମେ ବି ତ କହୁଁ, ସୌନ୍ଦର୍ଯ୍ୟର ଗଭୀରତା ଚମ ଭଳି ପତଳା । ମେକ୍-ଅପ୍ ହିଁ ସବୁ । ଝିଅଟିର ବୟସ ଉପରେ ନିର୍ଭର କରି ଏହି ପିମ୍ପ୍ ଟି ଶତକଡ଼ା ଦଶରୁ ପଚିଶ ଯାଏ କମିସନ୍ ନିଏ । ଯଦି ଆନ୍ ସଟ୍ଟାଟିଏ ଚାହେଁ-

ମନେ ରଖିଥାନ୍ତୁ କେବଳ ଯୋଡ଼ାର ଲୋକେ ହିଁ ସର୍ଭିସର ଗାରେଣ୍ଟି ଦେବ, ବାହାରର କେହି ଦେଇପାରିବେ ନାହିଁ—ପଇସା ଖୁବ୍ ବେଶି ପଡ଼ିବ ଏବଂ ପିମ୍ପ୍‌ର କମିଶନ ମଧ୍ୟ ବେଶୀ ହେବ ।

ଆଚ୍ଛା, ଝିଅମାନଙ୍କର ଫି କେତେ ? ନଗ୍ରମିଷାଶୀଟି ପଚାରିଲା । କେନ୍ କହିଚାଲିଥାଏ । ସତେ ଯେପରି ସେ ଆନ୍ ସାଙ୍ଗରେ ସେହି ଅନ୍ଧାର ମହଲ ଭିତରକୁ ଯାଉଛି ।

ଝିଅର ବୟସ ଓ ଅବସ୍ଥା ଉପରେ ନିର୍ଭର କରି ଫି କମ୍ ବେଶୀ ହୋଇଥାଏ । ପୁଣି ପୂରା ରାତି ପାଇଁ ବେଶି, ଘଣ୍ଟାଏ ଦି ଘଣ୍ଟା ପାଇଁ କମ । ସାରାରାତି ପାଇଁ ଲୋଡ଼ିଏନ୍ତୁ ଶହେ ପାଉଣ୍ଡ ଯାଏ ପଡ଼ିବ । କେବଳ ଝିଅଟିର ଫି ନୁହେଁ, ଦୁଇ ଜଣଙ୍କ ଖାଇବା ଖର୍ଚ୍ଚ ମଧ୍ୟ ପଡ଼ିବ । ସାଙ୍ଗସୁଖ ପାଇଁ ଖିଆପିଆ ଦରକାର ତ ।

ଦୁଇ ଜଣଙ୍କ ପାଇଁ କାହିଁକି ? ଆମ ଭିତରୁ କିଏ ଜଣେ ଅନାଡ଼ିଟିଏ ପଚାରିଦେଲା ।

ତୁମେ ଆଉ ସେ ଝିଅ । କେନ୍ ଉତ୍ତର ଦେଲା ।

ଖାଇବା ସାଙ୍ଗରେ ପିଇବା କାହିଁକି ? ଆଉ ଜଣେ ଖରଗପୁର ପ୍ରଶ୍ନ । ଖରଗପୁ ଛଡ଼ା ଏତେ ଅନାଡ଼ି, କିଏ ହେବ ? କେନ୍ ଚିଡ଼ିଗଲା କହିଲା, ତୁମ ପୂର୍ବପୁରୁଷମାନେ ପରା କାମଶାସ୍ତ୍ର ଲେଖିଛନ୍ତି । ତୁମେ ସେମାନଙ୍କ ଉପଯୁକ୍ତ ଦାୟାଦ ହୋଇ ଏ ପ୍ରଶ୍ନ ପଚାରୁଛ ? ଏସବୁ ବ୍ୟାପାରରେ ଏମିତି ହୁଏ । ସବୁ କଥାରେ କିଛି ନା କିଛି ନିୟମ କାନୁନ ରହିଛି । ସିଧାସଳଖ ତ ଗୋଲ୍‌ପୋଷ୍ଟ ଭିତରକୁ ବଲଟା ନେଇ ଯାଇପାରିବ ନାହିଁ । ଧୀରେ ଧୀରେ ଖେଳ ଆବାହାଓ୍ବାକୁ ସରଗରମ କରିବାକୁ ପଡ଼ିବ । କ୍ଲାଇମାକ୍ସ ପହଞ୍ଚିଲା ପର୍ଯ୍ୟନ୍ତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଚେଷ୍ଟାକଲେ ନିଜେ ଅସନ୍ତୁଷ୍ଟ ହେବ । ଅନ୍ୟ ପକ୍ଷର ଉଦ୍ଦେଶ୍ୟ ତୁମକୁ ଡେରି କରାଇବା । ବେଶି ସମୟ ରହିଲେ ବେଶି ଫି କି ନା ?

ଆଲୋଚନା ବେଶ୍ ଅଶ୍ଳୀଳ ହୋଇ ଉଠିଲା । ଅଧ୍ୟାପକ ଡେଭିସ୍ ଅଧୈର୍ଯ୍ୟ ହୋଇପଡ଼ିଥିଲା ଭଳି ଜଣାଗଲେ । କିନ୍ତୁ ବିପର୍ଯ୍ୟୟର ସ୍ୱରୂପ ସେ

ଅନୁମାନ କରିନେଲେ । ବର୍ତ୍ତମାନ ଦରକାର ଅବସ୍ଥିତି । ସେ ପିଲାଙ୍କୁ ଡାକି ନେଲେ । ଆନ୍ ତାକୁ କେଉଁ ଜାଗାରୁ ବିଦାୟ ଦେଲା ତାର ଠିକଣା ସଂଗ୍ରହ କଲେ ।

ପର ମୁହୂର୍ତ୍ତରେ ଆମେ ଦେଖିଲୁ ଅଧ୍ୟାପକ ଡେଭିସ୍ ବଡ଼ ବ୍ୟସ୍ତ ହୋଇ କାହାକୁ ଫୋନ୍ କରୁଛନ୍ତି । ଯେଉଁ କେତେ ଗୁଡ଼ିଏ ଶବ୍ଦ ଆମକୁ ଶୁଣାଗଲା ସେଗୁଡ଼ିକ ଭିତରେ ଥିଲା : ଜର୍ଜ, ପିକାଡ଼ିଲି, ଆନ୍, ଆନନ୍ଦଚନ୍ଦ୍ର ମୁଖାର୍ଜୀ, ପୋଲିସ୍, ଆଉ ଶେଷରେ ତୁମେ ପୋଲିସ୍ ସହ ଟିକେ ସଂଯୋଗ ରଖି ଖବରଟା ନିଅ ।

ଫୋନ୍ ପାଖରୁ ଫେରି ଅଧ୍ୟାପକ ଡେଭିସ୍ କହିଲେ, ସେ ପୋଲିସ୍‌କୁ କାମରେ ଲଗାଇ ଦେଇଛନ୍ତି । ଘଣ୍ଟେ ଦି' ଘଣ୍ଟା ଭିତରେ କିଛି ନା କିଛି ଖବର ମିଳିଯିବ ।

ସତକୁ ସତ ଘଣ୍ଟାଏ ନ ପୂରୁଣୁ ଖବର ଆସିଗଲା । ଅଧ୍ୟାପକ ଡେଭିସ୍‌ଙ୍କ ଭାଷାରେ ତାଙ୍କ ବନ୍ଧୁ ପୋଲିସ ସାହାଯ୍ୟରେ ଆନ୍‌କୁ ସୋ ହାଉସରୁ ଉଦ୍ଧାର କରିଛନ୍ତି । ଆନ୍ ସବୁ ହରାଇଛି : ତା ଘଡ଼ି, କଲମ, ଜାକେଟ୍, ରେନ୍‌କୋଟ୍, ଆଉ ବେକରେ ଥିବା ଚେନ୍ । ଜର୍ଜ ଆନ୍ ପାଇଁ ବ୍ୟକ୍ତିଗତ ଜାମିନ୍ ନେଇଛି ଏବଂ ତାର ଭବିଷ୍ୟତ ଉତ୍ତମ ବ୍ୟବହାର ପାଇଁ ଗ୍ୟାରେଣ୍ଟି ଦେଇଛି । ସେ ଆନ୍‌କୁ ସିଟି ଲିଙ୍କ୍ ୧୮୦ କୋଚ୍‌ରେ ବସାଇ ଦେଇଛି । ଆନ୍ ସାଢ଼େ ଆଠଟା ସୁଦ୍ଧା ଏଠାରେ ପହଞ୍ଚିଯିବ ।

ଅଧ୍ୟାପକ ଡେଭିସ୍ ସେତିକିରେ ବନ୍ଦ କଲେ ନାହିଁ । କହିଲେ ମୁଁ ନିଜେ ବସ୍‌ଷ୍ଟାପକୁ ଯାଉଛି । ତୁମ୍ଭେମାନେ ସବୁ ତ ଜାଣ, ବର୍ତ୍ତମାନ ଆନ୍‌ର ମସ୍ତିଷ୍କକୁ ହାଲୁକା କରିବାକୁ ପଡ଼ିବ । ଅର୍ଥାତ୍ ଡିବ୍ରିଫିଙ୍ଗ । ଆନ୍ ନିଶ୍ଚୟ ଗୋଟାଏ ମସ୍ତବଡ଼ ଆଶଙ୍କାରେ ପୀଡ଼ିତ ଥିବ । ତା ମୁଣ୍ଡ ହାଲୁକା ନ ହେଲେ ସେ ବୋଧହୁଏ ଏଲିଜାବେଥ୍ ହାଉସ୍‌କୁ ନ ଆସିପାରେ । ଆଉ କୁଆଡ଼େ ଗୁଳିଯାଇପାରେ । କିମ୍ବା କିଛି ଗୋଟିଏ ଅଘଟଣ କରିଦେଇପାରେ ।

ଆମ୍ଭେମାନେ ଖୁବ୍ ଦୁଃଖିତ ସାର୍ । ଆମେ ସମସ୍ତେ ଏକସ୍ୱରରେ କହି ପକାଇଲୁ । ଏତେ ପାଠପଢ଼ା ଏତେ ପେପର ପରେ, ପୁଣି ଏତେ ତାଲିମ

ଯାଇ ମଧ୍ୟ ଆନ୍ ତାର ବିପର୍ଯ୍ୟସ୍ତ ପରିସ୍ଥିତି ପ୍ରତି ଯେଉଁ ଆକର୍ଷଣ ତାକୁ ଏଡ଼ାଇ ପାରିଲା ନାହିଁ ; ତହିଁରେ ପୁଣି ସେ ନିଜେ ଯେଉଁ ବିପର୍ଯ୍ୟସ୍ତ ତିଆରି କଲା : ତାର ମୁକାବିଲା କରିବାର ପ୍ରସ୍ତୁତି କରିପାରିଲା ନାହିଁ ।

ଆମ ଭିତରେ ଫିସ୍‌ଫାସ୍ ହେଲା, ତା ହେଲେ କଣ ସାରା କର୍ମଶାଳା ପାଣିରେ ପଡ଼ିଲା ? ସରକାର ବଲତ ପଠାଇଥିଲେ ପୁନର୍ମୂଷିକୋ ଭବ ଗଳ୍ପକୁ ଦୋହରାଇବା ପାଇଁ ?

* * *

# ସରକାରୀ ମହାପାତ୍ର

ଭାରତର ଦୁଇଟି ଜାଗାରେ ଗଳି ପ୍ରସିଦ୍ଧ । ଗୋଟିଏ ଜାଗା ହେଉଛି ବନାରସ, ଆଜିକାଲିର ବାରାଣସୀ । ଖେଉ-ନାଶ କରି ସହରର ଗଳିରୁ କେହି ଧରା ନ ପଡ଼ି ଚାଲିଯାଇପାରୁ ନ ଥିଲା କାହାଘରେ ନ ପଶି ପଳାଇଯିବାର ବାଟ ନ ଥିଲା । ସେହିପରି କେତେ ଗୁଡ଼ିଏ ଗଳି କଟକ ସହରରେ ବି ଅଛି । ପଞ୍ଚସ୍ତର ଛଅସ୍ତରର ଜରୁରୀ ପରିସ୍ଥିତି ଜାରିଥିବା ସମୟରେ ମଧ୍ୟ ଦେଶ୍ଟାକର ବଡ଼ା ବଡ଼ା ଅଫିସରମାନେ କଟକ ଗଳିକୁ ଉଦ୍ଧାର କରିପାରିଲେ ନାହିଁ । କଟକ ଏପର୍ଯ୍ୟନ୍ତ ବି ବାରାଣସୀ ସହିତ ତାଲ ରଖି ଚାଲିଛି ।

କିନ୍ତୁ ଖେଉ-ନାଶ ଯେଉଁମାନେ କରୁଛନ୍ତି ସେମାନେ ଆଉ ଗଳିକୁ ଡରୁ ନାହାନ୍ତି । ସେମାନେ ବୈଷୟିକ ଜ୍ଞାନରେ ଖୁବ ଉନ୍ନତ ହୋଇଗଲେଣି । ଡରିବ ନାହିଁ, ଜୀବନକୁ ଭୟ ନାହିଁ, ଏମିତିକା ଲୋକ କେତେଟା ଅଛନ୍ତି ? ପର ଘରେ ଖେଉ-ନାଶ ହେଲେ ତା'ପାଇଁ ପ୍ରାଣବଳି ଦେବାକୁ କିଏ ଗଳିରେ ଛିଡ଼ା ହୋଇ ରାସ୍ତା ଅବରୋଧ କରିବ ? ତେଣୁ ଗଳିରେ ଗଳିରେ ଡକାୟିତି କରି ଖସିଯିବା ସହଜ ହେଲାଣି, ଖାଲି ହାତବୋମା ଆଉ ପିସ୍ତଲ ଥିଲେ ହେଲା ।

ଏମିତି ଘଟଣା ଦିନେ ଗୋଟିଏ ଗଳିରେ ଘଟିଗଲା । ଗଳିର ନାଁ କହିବା ଉଚିତ ହେବ ନାହିଁ, କାରଣ ଆପଣମାନେ ଏ କଥାକୁ ନିଛକ ସତ ବୋଲି ଭାବିଦେବେ ।

ସବୁ ଦିନ ଭଳି ସେଦିନ ମଧ୍ୟ ରମଣୀରଞ୍ଜନ ଦୋଷେ ସନ୍ଧ୍ୟା ସାଢ଼େ ସାତଟାରେ ଗରାଖ ଭିଡ଼ ହେବା ଆଶା କରିଥିଲେ । ସେଇ ଭିତରେ ଦୁଇ ଜଣ ସ୍ତ୍ରୀଲୋକ ଗୋଟିକ ପରେ ଗୋଟିଏ ଗହଣା ମଗାଇ ଦେଖିବାରେ ଲାଗିଛନ୍ତି । ଦୁଇଟି ଗହଣା—ଗୋଟିଏ ଲମ୍ବାଚେନ୍, ଆଉ ଗୋଟିଏ କାନଫୁଲ୍ ହାଲ ବଛା ସରିଲାଣି । ଦୋକାନର ସହାୟକ ଓଜନ ସାରି ଟିପା ରଖିନେଲେଣି । ବର୍ତ୍ତମାନ ମହିଳା ଦୁହେଁ ଆଉ ଗୋଟିଏ ବାହୁବନ୍ଧ କିଣିବା ମତଲବରେ ଅଛନ୍ତି । ଏତେ ଗୁଡ଼ାଏ ପଇସା ଖର୍ଚ୍ଚ କରିବେ ? ବାହାଘର ବୋଧ ହୁଏ ? ଏମିତି ପ୍ରଶ୍ନ ପଚାରିବାକୁ ଇଚ୍ଛା ହେଲେହେଁ ରମଣୀରଞ୍ଜନଙ୍କର ସାହସ ହୁଏ ନାହିଁ । ପଚାରିବାଟା ଅସୌଜନ୍ୟ ହେବ । ଗ୍ରାହକ ଖର୍ଚ୍ଚ କରିବ, ଦୋକାନୀ ପଇସା ପାଇବ । ଗ୍ରାହକ କାହିଁକି ଏତେ ଖର୍ଚ୍ଚ କରୁଛି, ସେ ବିଷୟରେ ଦୋକାନୀର ମୁଣ୍ଡ ଖେଳାଇବା ଉଚିତ ହେବ ନାହିଁ । ପଡର ସାଉଁଟିବା ଲୋକ ତୋଟା ମୂଲଇବ କାହିଁକି ?

ବାପା ବୁଢ଼ା ଲୋକ । ପିଠି ଆଡ଼େ ଲମ୍ବା ତକିଆଟା ଡେରିଦେଇ କାନ୍ଥକୁ ଆଉଜି ବସିଛନ୍ତି । କିନ୍ତୁ ଦୋକାନର କାରବାର ପ୍ରତି ଲକ୍ଷ୍ୟ ରଖିଛନ୍ତି । ସବୁ ତ ସହାୟକ ଦୁଇ ଜଣ କରି ଦେଉଛନ୍ତି । ଖାଲି ନଜର ରଖିବା କଥା । ଏହି ସମୟରେ ଉପର ମହଲରୁ ଖବର ଆସିଲା । ଦୋକାନ ଭିତର ସିଡ଼ିବାଟେ ରମଣୀରଞ୍ଜନ ଘରକୁ ଉଠିଗଲେ । ବାପାଙ୍କୁ କହିଗଲେ, ଅଳ୍ପ ସମୟ ଭିତରେ ଆସୁଛି ।

ଗୋପାଳକୃଷ୍ଣ ବୃଦ୍ଧ ହେଲେହେଁ କର୍ମଠ ଅଛନ୍ତି । ଖୁବ୍ ଓଜନଦାର ଲୋକ ବି । ଦରକାର ପଡ଼ିଲେ ଜଣେ ଦୁଇ ଜଣଙ୍କୁ ନଜର ଓଜନ ବଳରେ ଅଟକାଇ ଦେଇ ପାରିବେ ।

ଯେଉଁ ମହିଳା ଦୁଇ ଜଣ ସଉଦା କରିବାରେ ବ୍ୟସ୍ତ ଥିଲେ, ସେମାନଙ୍କ ଗାଡ଼ି ଦୋକାନ ଆଗରେ । କାର୍ ଭିତରେ ଦୁଇ ଜଣ ପୁରୁଷ ବସି ରହିଥା'ନ୍ତି । ଦୁଇ ଜଣ ସ୍ତ୍ରୀ ଲୋକଙ୍କ ସାଙ୍ଗରେ ଦୁଇ ଜଣ ପୁରୁଷ ଆସିବା ତ ଅଯୌକ୍ତିକ କଥା ନୁହେଁ ।

ସେମାନେ ଯେତେବେଳେ ଦୋକାନ ଭିତରକୁ ଉଠିଆସିଲେ ସେମିତି କିଛି ଅସ୍ୱାଭାବିକତା ଜଣାଗଲା ନାହିଁ । ବରଂ ଦୋକାନରେ ଭିଡ଼

ହେଲେ ଗୋପାଳକୃଷ୍ଣଙ୍କୁ ଭଲଲାଗେ । ବେଶୀ ଲୋକ ହେଲେ, ବେଶୀ ଗରାଖ, ବେଶୀ ବନ୍ଦି ।

ଏମିତ ଖୁସି ଚିନ୍ତା ଭିତରେ କଣ ଗୋଟିଏ ଘଟିଗଲା ।

'ଘାଟି କର ନା' ଫୁସ୍ ଫୁସ୍ କଥା ଭିତରେ ଗୋଟିଏ ରିଭଲଭର୍ ଗୋପାଳକୃଷ୍ଣଙ୍କ ମଥା ପାଖରେ ଦେଖାଗଲା । ଗୁରୁଆଡ଼େ ଆଖି ବୁଲାଇ ସେ ଦେଖନ୍ତି ଯେ ସ୍ତ୍ରୀ ଲୋକ ଦୁଇ ଜଣ ଗହଣା ଗୋଟାଇବାରେ ବ୍ୟସ୍ତ । ଦୋକାନର ସହାୟକମାନେ ମୁଣ୍ଡ ଉପରକୁ ହାତଟେକି କାଠ ଭଳି ଠିଆ ।

ଗୋପାଳକୃଷ୍ଣ ଏ ଯୁଗର ଲୋକ ନୁହନ୍ତି, ଲୋକେ ଯେ ଟିକେ ପ୍ରଶ୍ନ ପଚାରିବାକୁ ସୁଯୋଗ ଦେବେ ନାହିଁ, ଏ କଥା ସେ କେବେ ଭାବି ବି ପାରି-ନାହାନ୍ତି । "ଏ କଣ କରୁଛ" ବୋଲି ପଚାରିବା ସଙ୍ଗେ ସଙ୍ଗେ ତାଙ୍କ ବାଁ ହାତ ଉଠିଗଲା ବନ୍ଧୁକଟାକୁ କଢ଼େଇ ଦେବାକୁ ।

ଠୋ କରି ଶବ୍ଦ ହେଲା, ସହାୟକମାନେ ଦେଖିଲେ ବୁଢ଼ା ବାବୁ ଢଳି ପଡ଼ିଲେ ।

ମୁଲେଇଥିବା ଅଳଙ୍କାର ସହିତ ଦୋକାନର ସୋ କେଶ୍ ଭିତରୁ ତରବରରେ ଯାହା କିଛି ଧଇଲେ, ଡକାୟତମାନେ ଧରି ଛୁଟିଲେ । ଆଖି ପିଛୁଳାକେ ସବୁ ଘଟିଗଲା । ଦୋକାନ ଭିତରେ ବୋମାଟିଏ ଫୁଟିଲା । ଏ ଭିତରେ ଗାଡ଼ିଟା ଭୁଁ କରି ଗୁଲିଗଲା । କେହି ଗାଡ଼ିର ନମ୍ବର ଲକ୍ଷ୍ୟ କରି ନ ଥିଲେ । ଏ ଗାଡ଼ିଟା ଯେ ଡକାୟତିରେ ବ୍ୟବହାର ହେବ କିଏ ଜାଣିଥିଲା ?

କିନ୍ତୁ ସେହି କଥା ହିଁ ପୋଲିସ ପଚାରୁଛି । ତୁମେ ଯଦି ଏତେ ସମ୍ମୁଖ ଧରି ଠିଆ ହୋଇଥିବା ଗୋଟିଏ ଗାଡ଼ିର ନମ୍ବର ଲକ୍ଷ୍ୟ କରିପାରିଲ ନାହିଁ ଆମେ ବିଲକୁଲ୍ ଦେଖି ନ ଥିବା ଲୋକଙ୍କୁ କିପରି ଏତେ ଶୀଘ୍ର ଧରି ପକାଇବୁ ?

ପୋଲିସର ଏପରି ପ୍ରଶ୍ନରେ ରମଣୀରଞ୍ଜନ କଣ ଉତ୍ତର ଦେବେ ? ତାର ଦୋକାନର ସହାୟକମାନେ ବି ଡକାୟତମାନଙ୍କର ରୂପ ବର୍ଣ୍ଣନାରେ ଏପାଖ ସେପାଖ କରିପକାଉଛନ୍ତି । କିନ୍ତୁ ସେ ନୀରବ ରହନ୍ତେ କିପରି ?

କେବଳ ଅଳଙ୍କାର ଶୁଣ୍ଡଏ ଚୋର ହୋଇଥିଲେ ସେ ଏତେ ବ୍ୟସ୍ତ ହୁଅନ୍ତେ ନାହିଁ । ଯେଉଁ ବାପା ତାଙ୍କୁ ଏତେ ସ୍ନେହ ଶ୍ରଦ୍ଧାରେ ଲାଳନପାଳନ କରି ବଡ଼ କରାଇଛନ୍ତି, ତାଙ୍କର ହନ୍ତାମାନଙ୍କୁ ସେ ଦଣ୍ଡିତ କରାଇ ନ ପାରିଲେ ପୁଅର କର୍ତ୍ତବ୍ୟ କଣ କଲେ ?

ଅପରାଧ ଅନୁସନ୍ଧାନରେ ଏତେ ବିଳମ୍ବ ଦେଖି ରମଣୀରଞ୍ଜନ ବହୁତ ବ୍ୟସ୍ତ ହୋଇ ପଡ଼ିଥିଲେ । ତାଙ୍କର ଧାରଣା, କେବଳ ତାଙ୍କର କାହିଁକି ଅନ୍ୟମାନଙ୍କର ବି ସେହି ଧାରଣା, ଯେ ସମୟ ବେଶି ଗଡ଼ିଗଲେ ଅପରାଧର ଚିହ୍ନବର୍ଣ୍ଣ ଲିଭିଲିଭି ଆସିବ । ତେଣୁ ତ୍ୱରାନ୍ୱିତ କରାଇବାପାଇଁ ସେ ଅଫିସର ମାନଙ୍କ ସ୍ତରରେ ଯେଉଁଠି ଯେତେ ଯାହାଙ୍କ ସମସ୍ତଙ୍କୁ ଅଣ୍ଟାଳ ପକାଇଲେ । ବହୁତ ପ୍ରକାରର ଉପଦେଶ, ସାନ୍ତ୍ୱନା ଓ ଦିଗ୍‌ଦର୍ଶନ ପାଇଲେ ।

ପୋଲିସ ଚାହିଁଲେ ଡକାୟତମାନଙ୍କୁ ନିଶ୍ଚୟ ଠାବ କରିପାରିବେ । ବିଭିନ୍ନ ଅପରାଧ ପାଇଁ ବିଭିନ୍ନ ତାଲିକା ସବୁ ଥାନାରେ ଅଛି । ଯିଏ କଂସା ବାସନ ଚୋରିକରେ ସେ ଗାଈ ଚୋରି କରିବ ନାହିଁ । ଯିଏ ରାଜପଥରେ ଡକାୟତି କରେ, ସେ କାହା ଘର ଭିତରେ ପଶି ଚୋରି କରିବ ନାହିଁ । ହଁ, ଏହାର ବ୍ୟତିକ୍ରମ ଘଟିପାରେ, ଯେମିତି ଜନ୍ତୁଖିଆ ବାଘ ଘାଇଲା ହୋଇଗଲେ ମଣିଷ ମାରିଖାଏ । କିନ୍ତୁ ସାଧାରଣତଃ ଅପରାଧୀମାନେ ଗୋଟିଏ ଗୋଟିଏ ବୃତ୍ତିରେ ପାରଦର୍ଶିତା ଲାଭ କରିଥାଆନ୍ତି ଓ ସେଥିରେ ହିଁ ବ୍ୟାପୃତ ରହନ୍ତି । ଅବଶ୍ୟ କେତେକ ବନ୍ଧୁ କହିଥିଲେ, ଏହାର ଦୁଇଟି ବ୍ୟତିକ୍ରମ ଅଛି । ଗୋଟିଏ ହେଉଛି; ରାଜ୍ୟ ବାହାରୁ କେହି ଆସି ଏପରି ଡକାୟତି କରିଥିଲେ ଥାନାର ତାଲିକା କାମ ଦେବ ନାହିଁ । ସେଥିପାଇଁ ଆମ ରାଜ୍ୟର ପୋଲିସଙ୍କୁ ସେ ରାଜ୍ୟର ପୋଲିସ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କରିବାକୁ ପଡ଼ିପାରେ । ଆଉ ଗୋଟିଏ ହେଉଛି, ରାଜନୈତିକ କାରଣ । ଆଜିକାଲି ପ୍ରତି ପୋଲିସ ଷ୍ଟେସନରେ ଅପରାଧି ତାଲିକାରେ ଥିବା ନାମମାନଙ୍କରୁ କେତେକଙ୍କ ନାମ ଆଗରେ ବନ୍ଧନୀ ଭିତରେ ଇଂରାଜୀ ଅକ୍ଷର ଆର୍ ଲେଖା ଯାଉଛି । ଏମାନଙ୍କୁ ପୋଲିସ ସହଜେ ଧରିବ ନାହିଁ । ଆରର ଅର୍ଥ ହେଉଛି ରୁଲିଂ ପାର୍ଟି ବା ଶାସକ ଦଳ । ଏପରି ଚିହ୍ନିତ ବ୍ୟକ୍ତିଙ୍କୁ ଧରିବା ପୂର୍ବରୁ ମନ୍ତ୍ରୀ ବା ତତ୍ତୁଲ୍ୟ

ନେତାଙ୍କୁ ପଗ୍ଭରିବାକୁ ପଡ଼ିବ । ଠିକେ ବ୍ୟତିକ୍ରମ ହୋଇଗଲେ ଥାନାବାବୁ ସ୍ଥାନାନ୍ତର ହୋଇଯିବେ ।

ଏସବୁ ଭିତର କଥାରେ ରମଣୀରଞ୍ଜନଙ୍କ ଆଗ୍ରହ ନ ଥିଲା । ସେ ବ୍ୟସ୍ତ ଥିଲେ, କପର ବାପାଙ୍କ ହତ୍ୟାକାରୀମାନଙ୍କୁ ଦଣ୍ଡ ମିଳିପାରିବ । ସମସ୍ତେ କହୁଥିଲେ ଥାନାବାବୁ ଚାହିଁଲେ ଶୀଘ୍ର ହୋଇପାରିବ ।

ସେଥିପାଇଁ ସେ ଥାନା କର୍ମଚାରୀମାନଙ୍କୁ ଖୁସି କରିବାର ବନ୍ଦୋବସ୍ତ କରିଥିଲେ । ସେ ଦେଖିଲେ ସିଧାସଳଖ ଲାଞ୍ଚ ନେବାରେ କେହି ଆଗେଇ ଆସୁ ନାହାଁନ୍ତି । କେତେକ ବନ୍ଧୁଙ୍କ ମତ ଥିଲା ଏଥିରେ ଉପରବାଲାଏ ସମ୍ପୃକ୍ତ ଥିବାରୁ ଏମାନେ ପଇସା ନେଲେ ବି କେହି କିଛି କରିପାରିବେ ନାହିଁ; ସେହି କାରଣରୁ ଚୁପ୍ ଅଛନ୍ତି । କିଛି ଯଦି କରି ନ ପାରିବେ ନେବେ କାହିଁକି ଆଉ ବଦନାମ ହେବେ କାହିଁକି ?

ତଥାପି ସେ ରମଣୀରଞ୍ଜନଙ୍କ ହାତରୁ କିଛି ବାକି ନ ଥିଲା ତାହା ନୁହେଁ । ଏମିତି ମୌକା କିଏ ବା କାହିଁକି ଛାଡ଼ନ୍ତା ? ସତେ ଯେମିତି ଏହି ସମୟରେ ଥାନାର ସମସ୍ତ କର୍ମଚାରୀଙ୍କର ଗହଣା କିଣିବା ଦରକାର ପଡ଼ିଛି । କେତେ ଜଣ ସାଙ୍ଗ କହୁଥିଲେ, ନାହିଁମ, ରମଣୀରଞ୍ଜନ, ତୁମେ ଏ ବିଷୟରେ ସଚେତନ ଅଛ ବୋଲି ତୁମକୁ ସେମିତି ଲାଗୁଛି । କିନ୍ତୁ ରମଣୀରଞ୍ଜନ ଲକ୍ଷ୍ୟ କରିଛନ୍ତି, ଆଗରୁ ଏମାନେ କେବେ ଅଳଙ୍କାର କିଣିବାକୁ ତାଙ୍କ ଦୋକାନକୁ ଆସି ନାହାନ୍ତି । ନୂଆ ଗରାଖ ଆସିବା କିଛି ଅଜବ କଥା ନୁହେଁ । କିନ୍ତୁ କଣାବିକାର ସାଧାରଣ ନୀତି ନିୟମ ତ ମାନିବାକୁ ପଡ଼ିବ ।

ସେମାନେ ବିନା ରସିଦରେ କିଣିବେ । କେହି ଯେପରି ନ ଜାଣିବେ ଯେ ସେମାନେ ଆଦୌ ସୁନା କିଣିଛନ୍ତି । ପୁଣି ରସିଦ୍ ନେଲେ ସେଲ୍‌ସଟାକ୍‌ସ ଲାଗିବ । ବିନା ରସିଦ୍‌ରେ ଟିକସରୁ କିଛି ମାଫି ମିଳିବ, ପୁଣି ଦର ମୂଲମୂଲରେ କିଛି କମାଇ ହେବ । ଦଶ ଗ୍ରାମରେ ଦୁଇ ଶହ କମେଇବା କିଛି କମ୍ କଥା ନୁହେଁ

କିନ୍ତୁ ରମଣୀରଞ୍ଜନ ବେଳେ ବେଳେ ମନେ ମନେ ହସନ୍ତି । କେବଳ ଏ ଥାନା ବାଲାଏ କାହିଁକି, ବୁଦ୍ଧିମାନ ଲୋକେ ବି ରସିଦ ନ ନେଇ ଦର

କମେଇବା ପାଇଁ ବ୍ୟସ୍ତ, ଅଥଚ ଓଜନରେ ଖୁବ୍ ସହଜରେ ସେ ଠକି ଯାଆନ୍ତି ! ପବନରେ ହଲଚଲ ନ ହେବା ପାଇଁ ବାକ୍ସ ଭିତରେ ଥିବା ନିକିତିକୁ ନିରେଖିଲେ ଯେଉଁ ଦୋକାନୀ ଓଜନ କରୁଥାଏ, ତା ପ୍ରତି ଗରାଖମାନେ ପ୍ରାୟ ଲକ୍ଷ୍ୟ ରଖନ୍ତି ନାହିଁ । ଏ କଥା ଜାଣି ଦୋକାନୀ ଯଦି ଟିପା କାଗଜରେ ଗୋଟିଏ ଅଧେ ଗ୍ରାମ ବଢ଼ାଇ ଦେଇପାରେ, ତେବେ ଶହେ ଦୁଇ ଶହ ଟଙ୍କା ଭରଣା କରିପାରିବ । ମାଙ୍କଡ଼ କେମିତି ନାଚେ ମାଙ୍କଡ଼ିଆ ଜାଣିଛି । ନିକିତି-ବାଲା ନିକିତିର କାଇଦା ଜାଣିଛି । ଆଉ ସେ ଟିକି ଟିକି ପାତର ଓଜନଗୁଡ଼ାକ ! କେତେଟା ଲୋକ ଠିକ୍ ପଢ଼ିପାରିବେ ସେଥିରେ କଣ ଲେଖା ଅଛି ? ବହୁତ ବଡ଼ ବଡ଼ ଅଫିସର ପ୍ରଫେସର ତ ତାଙ୍କୁ ପଚାରନ୍ତି ସେ'ଟା କେତେ ? ରମଣୀରଞ୍ଜନ କହନ୍ତି ସେ'ଟା ପଚିଶ ମିଲିଗ୍ରାମ୍, ଏ'ଟା ପଚାଶ ମିଲି । ଲୋକେ ତ ସନ୍ତୁଷ୍ଟ ହୋଇଯା'ନ୍ତି । କ୍ୱଚିତ୍ କେହି ନିରେଖି ଦେଖନ୍ତି । ସେମାନଙ୍କ ପାଇଁ ଭିନ୍ନ ବନ୍ଦୋବସ୍ତ । ମୁହଁରେ ହିସାବ ନ କରି କାଗଜରେ ହିସାବ କରାଯାଏ । ସେ ପୁଣି ଗୁଜୁରାଟି ଅକ୍ଷରରେ । ଅବଶ୍ୟ ଅତି ଗ୍ରେଡ଼ପାଛଡ଼ା ଲୋକପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ।

ପୋଲିସ କର୍ମଚାରୀମାନଙ୍କୁ ଠକାଇବା ତାଙ୍କର ଉଦ୍ଦେଶ୍ୟ ନୁହେଁ । କିନ୍ତୁ ସେମାନେ ଯେପରି ତାଙ୍କୁ ନ ଠକାନ୍ତି । ସେ ଶୁଣିଛନ୍ତି ବାପାଙ୍କ ହତ୍ୟାକାରୀମାନେ କିପରି ଶୀଘ୍ର ଧରା ପଡ଼ନ୍ତୁ । ଏ ବିଷୟରେ ଯେଉଁ କର୍ମଚାରୀମାନଙ୍କୁ ସେ ଧରିଛନ୍ତି ସେମାନେ ମହାପାନ ପାଇଛନ୍ତି । ତାଙ୍କଠୁ କିଛି ନା କିଛି ଆଦାୟ କରିଛନ୍ତି, ଅଥଚ ସେ କଳକା ହୋଇ ରହି ରହିଛନ୍ତି । ଏ ପର୍ଯ୍ୟନ୍ତ କିଛି ସୂଚନା ଡକାୟତମାନଙ୍କ ସମ୍ପର୍କରେ ମିଳି ନାହିଁ ।

ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଧରାଧରି କଲେ ପୋଲିସ ବାଲାଏ ତତ୍ପର ହେବେ ବୋଲି କେତେକ ବନ୍ଧୁ ଯେଉଁ ମତ ଦେଲେ ତାହା ରମଣୀରଞ୍ଜନଙ୍କ ମନକୁ ପାଇଲା ।

ଏସବୁ କାମରେ ସାଙ୍ଗ ସାଥୀ ନେବା କଥା ନୁହେଁ । ସେ ବା କାହିଁକି ନିଅନ୍ତେ !

ମନ୍ତ୍ରୀମହୋଦୟ ଖୁବ୍ ଧୀରସ୍ଥିର ଭାବରେ ଶୁଣିଲେ । ଯେତେବେଳେ ସେ କହିଲେ, ମୁଁ ଏ ସବୁ କଥା ଖବରକାଗଜରୁ ଜାଣିଛି, ରମଣୀରଞ୍ଜନ ଖୁସିରେ ଫୁଲି ଉଠିଲେ ।

ଓଡ଼ିଶାରେ ଆଜ୍ଞା ଏପରି କେବେ ଶୁଣା ନ ଥିଲା । ବିହାର କି ବେଙ୍ଗଲରେ ଏପରି ଡକାୟତି ହେବାର ଜଣା ଅଛି, କିନ୍ତୁ ଆପଣମାନେ ଶାସନରେ ଥାଉ ଥାଉ ଓଡ଼ିଶାରେ ବନ୍ଧୁକ ହାତବୋମା ଧରି ଲୋକେ ଡକାୟତି କରିବେ ପୁଣି ବିଚ୍ ବଜାରରେ ? ଆପଣ ଟିକେ ତତ୍ପର କରିବାକୁ ପୋଲିସବାଲାଙ୍କୁ କହୁନାହାନ୍ତି ।

ସେମାନେ କ'ଣ କରୁ ନାହାନ୍ତି ?

ରମଣୀରଞ୍ଜନ ମନେମନେ ହସିଦେଲେ । ମନ୍ତ୍ରୀ ଯାହାକୁ ଜୋରସୋର ବୋଲି ଭାବୁଛନ୍ତି, ତହିଁରେ ବେଗର ଲକ୍ଷଣ ଥିଲା ଭଳି ସେ ମନେ କରୁ ନ ଥିଲେ ।

ରମଣୀରଞ୍ଜନ ସିଧାସଳଖ କହିଦେଲେ । ଦେଖନ୍ତୁ ସାର୍, ଆପଣ ଚାହିଁଲେ ଡକାୟତମାନେ ନିଶ୍ଚୟ ଧରାପଡ଼ିଯିବେ ।

ମୁଁ ତ ଏ କେସ୍ ଭିତରକୁ ପଶି ନାହିଁ । ଯଦି ଆନ୍ତଃପ୍ରାଦେଶିକ ଡକାୟତ ଦଳ ଏଥିରେ ସଂପୃକ୍ତ ଥିବେ ତେବେ ତ ଆମ ପୋଲିସ ପଡ଼ୋଶୀ ରାଜ୍ୟମାନଙ୍କ ବିନା ସହାୟତାରେ ଧରି ପାରିବେ ନାହିଁ ।

ଆପଣ ଚାହିଁଲେ ସବୁ କିଛି ହୋଇପାରିବ ।

ମନ୍ତ୍ରୀଙ୍କର ଉତ୍ତର ଭିନ୍ନ ପ୍ରକାର ଥିଲା । ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ପୋଲିସଙ୍କର ତ ଅଧାରୁ ବେଶୀ ସମୟ ଯାଉଛି । ବ୍ୟକ୍ତିବିଶେଷଙ୍କ ପାଇଁ ବେଶୀ ସମୟ ମିଳୁଛି କେଉଁଠି ।

ଟିକେ ଅଟକିଯାଇ ମନ୍ତ୍ରୀ ମହୋଦୟ ପଚାରିଲେ, ହଇଓ ଦୋଷି ଆପଣ ଆମ ଦଳରେ ମିଶିଛନ୍ତି ତ ?

ଆମେ ଆଜ୍ଞା ଦୋକାନ ଚଳାଇବା ଲୋକ । ରାଜନୀତିରେ ମିଶିବାକୁ ବେଳ କାହିଁ ?

ସେଇଠି ତ ଆପଣମାନେ ଭୁଲ୍ କରୁଛନ୍ତି । ଆପଣମାନେ ଦଳରେ ନ ମିଶିଲେ ଗଣତନ୍ତ୍ର ଚାଲିବ କପରି ? ପୁଣି ଦରକାର ଅଦରକାର ବେଳେ ଆମର ସାହାଯ୍ୟ ନେବେ, ଅଥଚ ଦଳରେ ସଭ୍ୟ ହେବେ ନାହିଁ ।

ରମଣୀରଞ୍ଜନ ଭାବିଲେ, ଯଦି ଏ ଉପାୟରେ କାର୍ଯ୍ୟ ସାଧନ ହୁଏ, ତେବେ ସଭ୍ୟଟିଏ ନ ହେବେ କାହିଁକି ?

ଆପଣ ଯଦି କହୁଛନ୍ତି, ଏବେ ମୋତେ ପ୍ରାଥମିକ ସଦସ୍ୟ କରିନିଅନ୍ତୁ । ଏତକ କହି ରମଣୀରଞ୍ଜନ ପକେଟରେ ହାତ ପୂରେଇଲେ ।

ମନ୍ତ୍ରୀ ମହାଶୟ ଅଟକାଇ ଦେଇ କହିଲେ, ଥାଉ ଥାଉ ଏତେ ତରବର ହେବା ଦରକାର ନାହିଁ । ଆମ ଲୋକ କାଲି ଆପଣଙ୍କୁ ଦେଖା କରିବ ।

ଫିବାବେଳେ ଆଉଥରେ ରମଣୀରଞ୍ଜନ ଅନୁନୟ ବିନୟ କରି କହିଲେ, ସାର୍ ଆପଣ ଚାହିଁଲେ ଅପରାଧୀ ନିଶ୍ଚୟ ଧରା ପଡ଼ିବ ।

ବ୍ୟସ୍ତ ହୁଅ ନାହିଁ, ମୁଁ ବୁଝିସୁଝି କାଲି କହିବି ।

ମନ୍ତ୍ରୀଙ୍କ ଏତାଦୃଶ ସାନ୍ତ୍ୱନା ରମଣୀରଞ୍ଜନଙ୍କର ମନକୁ ପାଇଲା । ଏତେ ଦିନ ତ ଗଲାଣି ଆଉ ଗୋଟିଏ ଦିନ ଗଲେ କ୍ଷତି କଣ ? ଏଣିକି ପିତାଙ୍କ ପ୍ରତି ସେ କିଛି କର୍ତ୍ତବ୍ୟ କରିପାରିବେ ବୋଲି ତାଙ୍କର ଆଶା ଜନ୍ମିଲା ।

ତା ପରଦିନ ଅପରାହ୍ନରେ ଦୋକାନ ଖୋଲୁ ନ ଖୋଲୁଣୁ ମନ୍ତ୍ରୀଙ୍କ ଲୋକ ଆସି ହାଜର ।

ଆସନ୍ତୁ ବସନ୍ତୁ କହି ପାଣ୍ଟେଟିଏ ନେଲା ପରେ ରମଣୀରଞ୍ଜନ ଖୁସି ମନରେ ପଚାରିଲେ, ମନ୍ତ୍ରୀ ମହାଶୟ କି ବ୍ୟବସ୍ଥା କଲେ ? ଆଜି କହିବେ ବୋଲି କହିଥିଲେ । କିଛି କହିଛନ୍ତି କି ?

କାନ ପାଖକୁ ମୁହଁଟା ଆଣି ସେ କହିଲେ, ମନ୍ତ୍ରୀ ମହୋଦୟ କହୁଥିଲେ ମାମଲାଟା ବଡ଼ ରହସ୍ୟମୟ । ସାଧାରଣ ପୋଲିସ ପାରିବ ନାହିଁ ।

ଗୋଇନ୍ଦା ବିଭାଗର କର୍ମଚାରୀଙ୍କୁ ନ ଲଗାଇଲେ ଡକାୟତମାନଙ୍କ ସନ୍ଧାନ ପାଇବା ଅସମ୍ଭବ ।

ବଡ଼ ଉତ୍ସୁକ ହୋଇ ରମଣୀରଞ୍ଜନ କହିପକାଇଲେ ସେଇୟା କରନ୍ତୁ ନା, ମୁଁ ଆପଣଙ୍କ ନିକଟରେ ବଡ଼ କୃତଜ୍ଞ ହୋଇ ରହିବି ।

ଏଥିରେ କୃତଜ୍ଞ ଫୃତଜ୍ଞ ହେବାର କଣ ଅଛି ? ଗୋଇନ୍ଦା ପୋଲିସ କଣ ଏମିତି ଲାଗିବ ? ଏଥିପାଇଁ କେନ୍ଦ୍ର ସ୍ତର ପର୍ଯ୍ୟନ୍ତ କଥା ଯିବ । ସେମାନେ ହଁ ନ କଲେ କଣ ଗୋଇନ୍ଦା ତଦନ୍ତ ଆରମ୍ଭ ହେବ କି ?

ମନ୍ତ୍ରୀଙ୍କୁ କହି ତାହା କରାଇ ଦିଅନ୍ତୁ ନା ।

ରମଣୀରଞ୍ଜନଙ୍କର ଅନୁନୟ ବିନୟର ଓଲଟା ରସ ପରିବେଷଣ କରି ମନ୍ତ୍ରୀଙ୍କ ଚେଲା କହିଲେ, ରମଣୀ ବାବୁ ଏଥିପାଇଁ ପଇସା ଖର୍ଚ୍ଚ କରିବାକୁ ପଡ଼ିବ ।

କେତେ ?

କାହାକୁ ଲାଞ୍ଚ ନୁହେଁ । ପାର୍ଟିକୁ ଚାନ୍ଦା ଦେବାକୁ ପଡ଼ିବ । ଉପର-ନେତାମାନେ ଆପଣ ଚାନ୍ଦା ଫାନ୍ଦା ଦେଇଛନ୍ତି ଜାଣିଲେ ଗୋଇନ୍ଦା ପୋଲିସ ଲଗାଇବାକୁ ବାରଣ କରିବେ ନାହିଁ । ବରଂ କାମଟା ଜଲଦି ଜଲଦି ସୁରୁଖୁରୁରେ ହୋଇଯିବ ।

କେତେ ଦେବାକୁ ପଡ଼ିବ କହୁ ନାହାନ୍ତି ଯେ ।

ବେଶି ନୁହେଁ ପାର୍ଟି ଫଣ୍ଡକୁ ପଚିଶ ତିରିଶ ହଜାର । ଯେତେ ବେଶି ଦେବେ ଆପଣ ପାର୍ଟିର ସେତେ ବଡ଼ ସଭ୍ୟ ହେବେ ଏବଂ ଆପଣଙ୍କ କାମଟା ସେତେ ଶୀଘ୍ର ସମାଧାନ ହୋଇଯିବ ।

ଦେଢ଼ଶହ ଭରିର ସୁନା ଚୋରିଗଲା, ତାହା ମିଳିବ କି ନା ସନ୍ଦେହ । ଏ ପୁଣି କୋଢ଼ ଉପରେ ନଳିତା ବିଡ଼ା । ସମସ୍ତେ ଖାଲି ମାରି ନେଉଥିବେ ଆଉ ସେ ଚାହିଁ ରହିଥିବେ !

ମନ୍ତ୍ରୀଙ୍କ ଚେଲାଙ୍କ ଆଡ଼େ ଚାହିଁ ସେ କହିଲେ, ବୁଝିଲେ, ବହୁତ ମହାପାତ୍ରେ ମୋତେ ଜଳକା କରି ଯାଇଛନ୍ତି । କିନ୍ତୁ ସରକାର ନିଜେ ମହାପାତ୍ର ସାଜିବେ ବୋଲି ମୁଁ କେବେ ଭାବି ନ ଥିଲି ।

✽ ✽ ✽

# କୁନ କୁଟୁମ୍ବକୁ ନିଜ

ରମା ଦେବୀ ପ୍ରଶିକ୍ଷଣ ମହାବିଦ୍ୟାଳୟ ।

ଗେଟ୍ ଉପରେ ଥିବା ଅର୍ଦ୍ଧଚନ୍ଦ୍ରାକାର ସିମେଣ୍ଟ ଜାଲିର ଲେଖା ଆଗେ ଆଖି ଆଗରେ ପଡ଼େ । ତା' ତଳେ ଗୁଳି ଗୁଳି ଗଲାବେଳେ ହତା ଭିତରର ଶାନ୍ତଶିଷ୍ଟ ଆବହାଓ୍ୱା ଝଲକାଏ ଲେଖା ମାଡ଼ି ଆସୁଥାଏ । ଭବିଷ୍ୟତ ଶିକ୍ଷକମାନଙ୍କୁ ତିଆରି କରିବାର ବେଶ ଉପଯୁକ୍ତ ସ୍ଥାନ । ଦେଶର ଭବିଷ୍ୟତ ନାଗରିକମାନେ ଯେ ଏମାନଙ୍କଠାରୁ ଉପଯୁକ୍ତ ଶିକ୍ଷା ପାଇବେ, ସନ୍ଦେହ ରହେ ନାହିଁ ।

ସାଧାରଣ କଲେଜର ହତାରେ ଯେଉଁଳି ହୈ ଚୈ ଥାଏ, ଏଠାରେ ନାହିଁ । ଅଧ୍ୟକ୍ଷ କହନ୍ତି, ଛାତ୍ରମାନଙ୍କ ଭିତରେ ଅଧିକାଂଶ ଶିକ୍ଷକ, ବିଭିନ୍ନ ବିଦ୍ୟାଳୟରୁ ଆସି ପ୍ରଶିକ୍ଷଣ ତାଲିମ ପାଇଗଲେ ସେମାନେ ଚାକିରିରେ ସ୍ଥାୟିତ୍ୱ ପାଇବେ । ବୟସ ଓ ଅଭିଜ୍ଞତା ସେମାନଙ୍କୁ ଶାନ୍ତ, ଶୃଙ୍ଖଳିତ କରିଦେଇଛି ।

ସଭା ମଣ୍ଡପକୁ ଉଠିଲି । ଶ୍ରୋତାମାନଙ୍କ ମଧ୍ୟରେ ବହୁତ ଯୁବ ଛାତ୍ର ଛାତ୍ରୀ । ମୋର ମନରେ ବିସ୍ମୟ । ଅଧ୍ୟକ୍ଷ ମୋ ମନର ପ୍ରଶ୍ନ ଜାଣିପାରି କହିଲେ ଶିକ୍ଷକମାନଙ୍କ ବ୍ୟତୀତ ସିଧାସଳଖ କେତେକ ଛାତ୍ର ମଧ୍ୟ ମହାବିଦ୍ୟାଳୟକୁ ଆସିଥା'ନ୍ତି । କିନ୍ତୁ ସାଧାରଣ କଲା ଛାତ୍ରଙ୍କ ଭଳି ଏମାନେ ବିଶୃଙ୍ଖଳ ନୁହନ୍ତି । ବୃତ୍ତିଗତ ଶିକ୍ଷା ପାଉଥିବା ଛାତ୍ରମାନଙ୍କୁ ବାଜେ ସମୟ ମିଳେ ନାହିଁ । ଅପରପକ୍ଷରେ ଏମାନଙ୍କ ଆଚରଣ ଖରାପ ହେଲେ ଏମାନେ ଶିକ୍ଷକତା କାର୍ଯ୍ୟପାଇଁ ଅନୁପଯୁକ୍ତ ବିବେଚିତ ହେବେ । ଏମାନଙ୍କର ପାସ୍ ସଙ୍ଗେ ସଙ୍ଗେ

ସ୍ବୀକାର ଥିଲା । ଅନ୍ୟ କଲେଜର ପିଲାମାନେ ଏଭଳି ଭାଗ୍ୟବାନ ନୁହନ୍ତି ; ତେଣୁ ଦାୟିତ୍ବହୀନ ଆବହାଓ୍ବାରେ ବଢ଼ିଥାଆନ୍ତି ।

ଏତିକିବେଳେ ମଞ୍ଚଉପରକୁ କୁଳପତି ଉଠିଲେ । ସଭା ଆରମ୍ଭ ହେବା ସମୟ ହୋଇଗଲାଣି । ଅଧ୍ୟକ୍ଷ ଓ ମୁଁ କ କଥାବାର୍ତ୍ତା ହେଉଥିଲୁ ସେ ବିଷୟରେ ସେ କୌତୂହଳୀ ହେଲେ । ମୁଁ ସବୁ କଥା କହିଲି ।

ମୋ କାନ ପାଖକୁ ମୁହଁଟା ନୁଆଇଁ ଆଣି ଅଧ୍ୟକ୍ଷ ନ ଶୁଣିଲା ଭଳି ସେ କହିଲେ ଏ ଗୋଟିଏ ସାଗର, ଉପର ଖୁବ ଶାନ୍ତଶିଷ୍ଟ, ଭିତରେ ପ୍ରବଳ ମନ୍ଥନ ।

କଥାଟା କ'ଣ କହିବେ କହିବେ ହୋଇ କୁଳପତି ସେଦିନ ମୋତେ କହିପାରିଲେ ନାହିଁ । କାର୍ଯ୍ୟବ୍ୟସ୍ତରେ ମୁଁ ଶୀଘ୍ର ଦପ୍ତରକୁ ଫେରିଥିଲି ।

ଏହାପରେ ଦିନେ ଜିଲ୍ଲାପାଳଙ୍କ ପାକ୍ଷିକ ଗୁପ୍ତପତ୍ରର ଗୋଟିଏ ଅନୁଚ୍ଛେଦ ଉପରେ ମୋ ଆଖି ପଡ଼ିଗଲା ।

ରମା ଦେବୀ ପ୍ରଶିକ୍ଷଣ ମହାବିଦ୍ୟାଳୟ ସମ୍ପର୍କରେ । ଗୋପନୀୟ ଭାବେ ଜଣା ପଡ଼ୁଛି ସେ ପରୀକ୍ଷାଖାତା ମୂଲ୍ୟାଙ୍କନ ହେନ ଚାଞ୍ଚଲ୍ୟକର କାଣ୍ଡ । ତିନି ଜଣ ପରୀକ୍ଷାର୍ଥୀଙ୍କର ଉତ୍ତର ଖାତା ଏକ ରକମର ; କେବଳ ଉତ୍ତର ଦୃଷ୍ଟିରୁ ନୁହେଁ, ଅକ୍ଷର ଦୃଷ୍ଟିରୁ ମଧ୍ୟ । ସବିଶେଷ ବିବରଣୀ ସଂଗ୍ରହ କରୁଛି, ପାଇଲେ ପଠାଇବି ।

ଜିଲ୍ଲାପାଳଙ୍କ ପରବର୍ତ୍ତୀ ରିପୋର୍ଟକୁ ଅପେକ୍ଷା ନ କରି ମୁଁ ମୋର ଅନୁସନ୍ଧାନ ଆରମ୍ଭ କରିଦେଲି । କିଛି ଦିନ ତଳେ ଯେଉଁ ଅନୁଷ୍ଠାନର ମୁଁ ମୁଖ୍ୟ ଅତିଥି ହୋଇଥିଲି, ତା'ର ଅବସ୍ଥା ସମ୍ପର୍କରେ କିଛି ଜାଣିବାର ଇଚ୍ଛା ପ୍ରବଳ ହେଲା । ମୁଁ କୁଳପତିଙ୍କୁ ଫୋନ କଲି ।

ମୋର ସନ୍ଦେହକୁ ଦୃଢ଼ୀଭୂତ କରି ସେ କହିଲେ, ତିନୋଟିଯାକ ପରୀକ୍ଷା ଖାତା ହସ୍ତଲେଖା ବିଶେଷଜ୍ଞଙ୍କ ପାଖକୁ ପଠାଯାଇଛି । ପ୍ରଶିକ୍ଷଣ ମହାବିଦ୍ୟାଳୟର ପ୍ରତ୍ୟେକ ଅଧ୍ୟାପକଙ୍କ ହାତଲେଖା ସହିତ ତୁଳନା କରାଯିବ ।

ଅଧ୍ୟାପକମାନେ କ'ଣ ଏମିତି ଭୁଲ୍ କରିବେ ? କୌଣସି ପିଲାହାତ ଘରେ ଲେଖାଇ ନେଇଥିବେ । ମୋର ଅବିଶ୍ବାସ କୁଳପତିଙ୍କୁ କହିଲି ।

ମୋର ମଧ୍ୟ ସେହି ଧାରଣା । କୁଳପତି କହିଲେ । ଫାଇଲ୍ ଖୋଜି ଖୋଜି ମୁଁ ଦେଖିଲି ଦୁଇ ବର୍ଷ ତଳେ ଏମିତି ଗୋଟିଏ ଘଟଣା ହୋଇଥିଲା । ସିନେଟ ଅଧ୍ୟକ୍ଷଙ୍କ ବକ୍ତବ୍ୟକୁ ସ୍ୱୀକାର କରିନେଲା ଏବଂ ସମ୍ପୃକ୍ତ ଅଧ୍ୟାପକଙ୍କୁ ସ୍ଥାନାନ୍ତରିତ କରାଗଲା । ଅବଶ୍ୟ ମୋର ପୂର୍ବବର୍ତ୍ତୀ କୁଳପତିଙ୍କ ସମୟର ଘଟଣା । ମୋର ସନ୍ଦେହ ହେଉଛି ସାମ୍ପ୍ରତିକ ଘଟଣା ବୋଧହୁଏ କୌଣସି ଗୋଟିଏ ସୁପରିକଳ୍ପିତ ଯୋଜନାର ଅଂଶବିଶେଷ ।

ଏ ବିଷୟରେ ତା' ହେଲେ ଆପଣ କ'ଣ କରୁଛନ୍ତି ? ମୁଁ ପଚାରିଲି ।

ମୁଁ କୁଳାଧିପତିଙ୍କୁ ଅନୁରୋଧ କରିଛି, ଏ ବିଷୟରେ ସେ ଭିଜିଲାନସ୍ ବା ସି. ବି. ଆଇ. ଦ୍ୱାରା ଅନୁସନ୍ଧାନ କରାଇ ନିଅନ୍ତୁ ।

ମୋର ନିଜ ଅନୁସନ୍ଧାନର ଆଉ ଗୋଟିଏ ଦିଗ ଥିଲା । ମୋ ଡାକରା ପାଇ ବାସୁଦେବ ମିଶ୍ର ଆସିଲେ । ମୋର କଲେଜ ସାଙ୍ଗ । ବି.ଏ. ପରେ ଶିକ୍ଷକତା କରୁଥିଲେ । ଦୁଇ ବର୍ଷ ତଳେ ବି.ଇଡ୍. ପାସ୍ କରିଛନ୍ତି । ଖୁବ ଭଲ ଛାତ୍ର ଥିଲେ ।

ମୁଁ ପ୍ରଥମେ ଏଠାରେ ଯୋଗ ଦେଲା ପରେ ସେ ମୋତେ ଦେଖା କରିବାକୁ ଆସିଥିଲେ । କମିତି ଶୁଣିଛି ପ୍ରଶ୍ନକରି ମୁଁ ଉତ୍ତର ପାଇଥିଲି— ତାଙ୍କ ଠାରୁ ନିକୃଷ୍ଟ ଛାତ୍ର ଦୁଇ ଜଣ ଉପରକୁ ଉଠିଗଲେ ।

ପ୍ରଥମ ସାକ୍ଷାତରେ ଏ ଭଳି କୁତ୍ସାମୂଳକ ଉକ୍ତି କରିବା ଉଚିତ ନୁହେଁ ବୋଲି ମୁଁ ଭାବିଥିଲି । ମୋର ଧାରଣା, ନିଜେ ପରିଶ୍ରମ ନ କରି ନିଜର ଅସଫଳତା ପାଇଁ ଅନ୍ୟକୁ ଦୋଷ ଦେବାରେ ଆମେ ଖୁବ ଧୁରନ୍ଧର । ବାସୁଦେବ ସେଥିରୁ ଛାଡ଼ ଯିବେ କାହିଁକି ? କିନ୍ତୁ ବର୍ତ୍ତମାନ ତାଙ୍କଠାରୁ ହିଁ ଅଧିକ କିଛି ଜାଣିବାର ଇଚ୍ଛା ପ୍ରବଳ ହେଲା ।

ଏ ପ୍ରଶିକ୍ଷଣ ମହାବିଦ୍ୟାଳୟରେ କପି ଯୋଗାଉଛନ୍ତି ବୋଲି ଏବେ ମୁଁ ଶୁଣିଲି । ଏହା କ'ଣ ସତ ?

ମୁଁ ତ ସେଦିନ ମୋ ଦୁଃଖ ଶୁଣାଇଲା ବେଳେ ତୁମେ ବିରକ୍ତ ହେଲ । ଆଜି ପୁଣି ସେହି କଥା କହିବି ?

ମୋର ଆବାସିକ କାର୍ଯ୍ୟାଳୟରେ ବାସୁ ଆଉ ମୁଁ । କଥାଟା କୁଆଡ଼େ ବ୍ୟାପିବ ନାହିଁ । ମୁଁ ବାସୁକୁ ସାହସ ଦେଲି, ତୁମକୁ ସେଦିନ ଅବିଶ୍ୱାସ କରିଥିଲି । କିନ୍ତୁ ତୁମେ ତ ଦୁଇ ବର୍ଷ ସେ ଅନୁଷ୍ଠାନରେ ପଢ଼ିଲ, ଭିତର କଥା କିଛି ଲକ୍ଷ୍ୟ କରିଥିବ ନିଶ୍ଚୟ ।

କପି ଯୋଗାଇବା ପୁରୁଣା କାଳିଆ ହୋଇଗଲାଣି । କପି ଆଣିବାରେ ବିପଦ ଅଛି । ପୁଣି କପିଟାକୁ ପଢ଼ି ଉତ୍ତର ଉତ୍ତରରେ ଲେଖିବାକୁ ପଡ଼ିବ । ତିନି ଘଣ୍ଟାରେ ଏତେ କାମ କରିବାକୁ ଧୈର୍ଯ୍ୟ କାହିଁ ?

କପିକରିବା କ'ଣ ଉଠିଗଲା ? ତାହାହେଲେ ମୁଁ ଯାହା ଶୁଣିଛି କ'ଣ ମିଛ ?

କପି ଉଠି ନାହିଁ । ଜଣେ ଅଧେ ସଚ୍ଚୋଟ ଅଧ୍ୟାପକ ତ ଅଛନ୍ତି । ସେମାନେ ଧରିଦେବେ ।

ତା ହେଲେ ପିଲାଏ କ'ଣ କରୁଛନ୍ତି ?

କପିକରିବା ଆଜିକାଲି ଗୋଟିଏ କଳା । ବିଜ୍ଞାନ ମଧ୍ୟ । ସଙ୍ଗଠିତ ଭାବରେ ବାହାରୁ ସିଧାସଳଖ ବା ପରୀକ୍ଷାଘର ବାଟେ ବା ନିଜ ଯୋଗା-ଡ଼ରେ କପି ଆସୁଛି ସତ, କିନ୍ତୁ ତାକୁ ଦେଖି ଉତାରିବାରେ ବୁଦ୍ଧି ଦରକାର ନ ହେଲେ ଛୁରି ଦରକାର ।

ମାନେ ?

ଧରା ନ ପଡ଼ିବା ପାଇଁ ବୁଦ୍ଧି । ଧରାପଡ଼ିଗଲେ ଛୁରି ଦେଖାଇ ନିରୀକ୍ଷକଙ୍କ କଲମ ବନ୍ଦ କରିଦେବ ।

ଜଣେ ଲୋକ କେବେ ତିନି ତିନି ଜଣଙ୍କର ଖାତାରେ କପି ଉତାରିପାରେ ?

ସମ୍ଭବ ।

କିପରି ?

ବଡ଼ବାବୁଙ୍କୁ ଧରିଦେଲେ ।

ବୁଝିପାରିଲି ନାହିଁ । ମୁଁ ପଚାରିଲି । ଘଟଣାଟାକୁ ଖୋଲାଖୋଲି କହୁ ନାହଁ, ଏମିତି ଖଣ୍ଡିଆ ଖଣ୍ଡି କରି କ'ଣ କହୁଛ ମ ?

ବାପୁର ଭାବବିହ୍ୱଳ ବକ୍ତୃତା ଆରମ୍ଭ ହେଲା । ଆଶାକରିଥିବା ଯୋଗ୍ୟତାରୁ କମ ପାଇଥିବାରୁ ସେ ରମା ଦେବୀ ପ୍ରଶିକ୍ଷଣ ମହାବିଦ୍ୟାଳୟ ଉପରେ ଖୁବ୍ ଖପା । ତା' ବିରୁଦ୍ଧରେ ଗୁଡ଼ାଏ କହିବା ସ୍ୱାଭାବିକ । ମୋର ଦରକାର, ସେ ପକ୍ଷରୁ କିଛି ତଥ୍ୟ ସଂଗ୍ରହ କରିବା ।

ଦଳେ ପିଲା ହେଡ୍‌କ୍ଲର୍କଙ୍କୁ ହାତ କରିନ୍ତି । ସେ କହିଦିଏ କେଉଁ ଅଧ୍ୟାପକଙ୍କ ପାଖକୁ ଖାତା ଗଲା । ତା'ପରେ ପରୀକ୍ଷାର୍ଥୀ ଗୁଡ଼ିଲା ସେ ଅଧ୍ୟାପକଙ୍କ ଘରକୁ । ଧରାଧରି ଆରମ୍ଭ ହେଲା ।

ସବୁ ଅଧ୍ୟାପକ କ'ଣ ଏମିତି ? କଥା ମଝିରେ ପଚାରିଲି ।

ଥୋଡ଼େ ତ ସେମିତି ?

ଋଷ୍ୟଶୃଙ୍ଗ ଭଳି ଋଷିଙ୍କୁ ଯଦି ଜରତା ଯୋଗାଇ ରାଜ୍ୟରେ ବର୍ଷା କରାଯାଇ ପାରିଲା, ଏମାନେ କ'ଣ ତାଙ୍କଠୁଁ ବେଶି ସାଧୁ ? ସମସ୍ତଙ୍କର ସାଧୁତାର ଗୋଟିଏ ମୂଲ୍ୟ ଅଛି । ତା'ଠାରୁ ବେଶି ଦେଲେ ସେମାନେ ବାଧ୍ୟ ହୋଇ ନମ୍ବର ବଢ଼ାଇବେ ।

ସମସ୍ତେ କ'ଣ ଲାଞ୍ଚ ନିଅନ୍ତି ? ମୋର ପୁଣି ପ୍ରଶ୍ନ ।

ଯେଉଁମାନେ ଧରାଧରି କରନ୍ତି ସେମାନେ କ'ଣ କେବଳ ପଇସାମୁଣି ଧରି ଯାଆନ୍ତି ? କେଉଁ ଅଧ୍ୟାପକର କିଏ ବନ୍ଧୁବାନ୍ଧବ, କା' କଥା ସେ ପ୍ରାୟ ରଖିବେ କିମ୍ବା କେଉଁ ଅଫିସର ବା ମନ୍ତ୍ରୀଙ୍କ ପାଖରେ ତାଙ୍କର କାମ ଅଛି, ସେ ସବୁର ଖବର ସଂଗ୍ରହ କରି ସେମାନଙ୍କ ଜରିଆରେ ଅଧ୍ୟାପକଙ୍କୁ ପ୍ରଭାବିତ କରାଯାଏ । ତୁମେ କ'ଣ ଜାଣିନ , ତୁମ ଆଇ.ଏ.ଏସ୍. ଅଫିସରଙ୍କ ଭିତରେ କିମିତି ଧରାଧରି କରି ନିଜ ପିଲାର ମାର୍କ ବଢ଼ାଇଛନ୍ତି ?

ନାହିଁ ମ ? ଏ ଆଇ.ଏ.ଏସ୍. ଗୁଡ଼ାକ ସମସ୍ତଙ୍କ ଚକ୍ଷୁଶୂଳ ହୋଇଛନ୍ତି, ସେଥିଲାଗି ଏ ସବୁ କୁହାଯାଉଛି ନା ।

ନା, ନା । ଉଦାହରଣ ଚାହୁଁଛ ?

ପିଲାପାଇଁ ଫାଷ୍ଟ ପୋଜିସନ୍ ପାଇବା ପାଇଁ ମନ୍ତ୍ରୀ ଆଉ ଆଇ.ଏ. ଏସ୍. ଅଫିସରଙ୍କ ଭିତରେ ପ୍ରତିଦ୍ୱନ୍ଦିତା ହେବା କଥା ଶୁଣିନ ?

ଥାଉ, ଥାଉ । ସ୍ୱା'ର ତା'ର ଗୋହ୍ରି ଖୋଳିବା ଦରକାର ନାହିଁ । ମହାବିଦ୍ୟାଳୟ ବିଷୟରେ ଅଧିକ କ'ଣ ଜାଣିଛ କୁହ !

କିନ୍ତୁ ଏବେ ଅଫିସ୍'ର ବଡ଼ ବାବୁ ଆଉ ଠିକଣା ଦେବା ପର୍ଯ୍ୟନ୍ତ ଅପେକ୍ଷା କରୁ ନାହାନ୍ତି ।

ମାନେ ? ମୁଁ ପଚାରିଲି ଭଳି ହେଲି ।

ପରୀକ୍ଷା ପୂର୍ବରୁ ସେ ଇଚ୍ଛୁକ ପରୀକ୍ଷାର୍ଥୀଙ୍କ ସହିତ କଥାବାର୍ତ୍ତା କରି ନେଉଛନ୍ତି । ପାଞ୍ଚରୁ ଦଶ ଭିତରେ ସବୁ ଖତମ ।

ସନ୍ଧ୍ୟା ପାଞ୍ଚଟାରୁ ଦଶଟା ?

ନାଁ ମ ? ତା'ଙ୍କ ଡାକ୍ତରଖାନାରୁ ଜଣେ ପଡ଼ୁଥିଲା, ବାବୁ ଯେପରି ମୋତେ ଗୋଟେ ବୋକା ବୋଲି ଧରିନେଲେଣି ।

ଖୋଲି ଖୋଲି କୁହ ।

ପାଞ୍ଚ ହଜାରରୁ ଦଶ ହଜାର ଟଙ୍କା ଭିତରେ ମାମଲା । ପରୀକ୍ଷା ଖାତା ପତ୍ର ବଦଳିଯିବ । ଅଧ୍ୟାପକ ଉତ୍ତର ଲେଖିଦେବେ । ପାସ୍ କ'ଣ ମ ? ଡିଭିଜନ ବି ମିଳିଯିବ ।

ଧେତ୍ । ନିଜେ ଅଧକ୍ଷ ପରା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ?

ତୁମ ଆଖି ଆଡ଼୍ଆଳରେ କ'ଣ ତୁମେ ଶୁଣି ନ ଥିବା କଥା ଘଟୁ ନାହିଁ ? ନ ହେଲେ ଜଣ ଜଣକର ଫାଇଲ ପଡ଼ିରହନ୍ତା କିପରି ?

ମୁଁ ଦେଖିଲି ପ୍ରସଙ୍ଗ ଦେଲେ ବାବୁ ମୋ ଅଫିସ ବିରୁଦ୍ଧରେ କି କହିପକାଇବ !

ସବୁଆଡ଼େ ଉଣା ଅଧିକେ ଲାଞ୍ଚ ଖାଇ ପଶିଗଲେଣି । ମୋ ଅଫିସରେ ଯେ ନ ହେଉଥିବ, ମୁଁ କହୁ ନାହିଁ । କିନ୍ତୁ ଅଧକ୍ଷ ପରା ନିଜେ ବିଶ୍ୱବିଦ୍ୟାଳୟର ମାଲପ୍ରାକ୍ଟିସେସ କମିଟିର ଚେଆରମାନ । ନ' ଛ' କଲାବାଲାଙ୍କୁ ଧରିବା ତା'ଙ୍କ କାମ । ନିଜ ଅଫିସରେ ଏଭଳି ଅସତ୍ କାରବାର ହେଉଛି ସେ ଦେଖି ନାହାନ୍ତି ? ଆଚ୍ଛା ମୁଁ ତା'ଙ୍କ କାନକୁ ଆଣିବି ।

ସେଦିନ ସନ୍ଧ୍ୟାରେ ମୁଁ ଅଧ୍ୟକ୍ଷଙ୍କୁ ଫୋନ୍‌କଲି । ଦେବଦାସ ବାବୁ ! ମୁଁ ଏ ସବୁ କ'ଣ ଶୁଣୁଛି ? ଆପଣ ଥାଉଁ ଥାଉଁ ଏମିତି ଘଟିବା କ'ଣ ଉଚିତ ? ଭଲ ପିଲା ଯଦି ଭଲ ଫଳ ନ ପାଇଲା, ସେ ଚାଲିଯାଇ ସମାଜ ବିରୋଧୀ ହେବ ନାହିଁ ? ନକସାଲପନ୍ଥୀମାନେ ଏଇମିତି ତ ଜନ୍ମ ନିଅନ୍ତି ।

ଦେବଦାସ ମହାପାତ୍ର ଓଲଟା ମୋ ଉପରେ ଦୋଷ ଢାଳି ଦେଲେ । ଆପଣମାନେ ଯେଉଁମାନେ ଆଡ୍‌ମିନିଷ୍ଟ୍ରେସନରେ ଅଛନ୍ତି, ସେମାନେ ତ ସାହାଯ୍ୟ କରୁ ନାହାନ୍ତି । କପି ଫପି ସବୁ ବନ୍ଦ ହୋଇଯା'ନ୍ତା ।

ଆପଣମାନଙ୍କ ଶିକ୍ଷାନୁଷ୍ଠାନର ପରିବେଶ ପବିତ୍ର ସ୍ଥାନ; ତେଣୁ ଆପଣ ଡାକିଲା ପର୍ଯ୍ୟନ୍ତ ପୋଲିସ ବା ମାଜିଷ୍ଟ୍ରେଟ ଯିବା ମନା । ଯେତେବେଳେ ଆପଣଙ୍କ ଅଧ୍ୟାପକମାନେ ପରୀକ୍ଷାରେ ଇନଭିଜିଲେଟର ହେବାକୁ ମନା କରନ୍ତି, ଆମ ଅଫିସରମାନେ ତ ପୁଣି ଯାଆନ୍ତି !

ସେଥିଲାଗି କ'ଣ ସବୁ ହୋଇଗଲା ?

ଆପଣ ତା'ହେଲେ କ'ଣ ଚାହାନ୍ତି, ପ୍ରଶାସକ କର୍ମଚାରୀମାନେ ପରୀକ୍ଷା ଚଳାଇବେ, ପରୀକ୍ଷା ଖାତା ଦେଖିବେ ? ତା' ହେଲେ ଅଧ୍ୟାପନା କରିବାକୁ କହୁ ନାହାନ୍ତି କାହିଁକି ? ଛାଡନ୍ତୁ ସେ କଥା । ଆପଣ ଏ ପ୍ରକାର ଦୁର୍ନୀତି ରୋକିବାକୁ କ'ଣ କରିଛନ୍ତି କହିଲେ ଭଲ ହୁଅନ୍ତା । ସରକାର କେତେବେଳେ କ'ଣ ରିପୋର୍ଟ ମାଗିଦେବେ, ସେଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ।

ଦେବଦାସ ବାବୁ ଲମ୍ବା ତାଲିକା ଦେଇଦେଲେ, ସେ କ'ଣ କ'ଣ କରିଛନ୍ତି । ସେଥିରୁ ଗୋଟିଏ ହେଲା, ଦୁଇ ବର୍ଷ ତଳେ ଯେଉଁ ଅଧ୍ୟାପକ ଏଭଳି କପିକରା ଖାତା ଧରିଥିଲେ, ସେ ସର୍ଟୋଟ ପଣିଆ ଦେଖାଉଥିଲେ । ସେ ନିଜେ ଦୋଷୀ । ମୁଁ କର୍ତ୍ତୃପକ୍ଷଙ୍କୁ ଲେଖାଲେଖି କରି ବଦଳି କରାଇଲି । ଶୁଣନ୍ତୁ ନା ତା'ଙ୍କ କଥା । ମନ୍ତ୍ରୀ ଫନ୍ତ୍ରୀଙ୍କୁ ଧରି ସେ ମୋତେ ଗୁଡ଼ାଏ ନଚାଇଲେ । ଯା ହେଉ ସେ ଗଲେ ।

ଆଉ ଏ ବର୍ଷ କଥା । ମନୋରଞ୍ଜନ ନାୟକ ଆମର ଜଣେ ସିନିୟର ଅଧ୍ୟାପକ । ତା'ଙ୍କ ପାଖରୁ ତିନୋଟି ଖାତା ବାହାରିଛି ଏକା

ରକମର ଉତ୍ତରକୁ ଏକା ରକମର ଅକ୍ଷର । ତା'ଙ୍କୁ ଦଣ୍ଡ ନ ଦେଇ ପାରିଲେ ବି ଅନ୍ତତଃ ଏ ଅନୁଷ୍ଠାନରୁ ଅନ୍ତର କରିଦେବାକୁ ପଡ଼ିବ । ଅଧ୍ୟକ୍ଷଙ୍କ ସ୍ୱରରେ ଜୋର୍ ଥିଲା ।

ଆପଣ ଯାହା ଉଚିତ ମନେ କରୁଛନ୍ତି କରନ୍ତୁ ; କିନ୍ତୁ ଆପଣଙ୍କ କଲେଜରେ ଏମିତି ଗୁଲଥିବ, ଚାରିଆଡ଼େ ଫୁସଫାସ ହେଉଥିବେ ଯେ, ପଇସା ନେଇ ଅଧ୍ୟାପକମାନେ ଉତ୍ତର ଲେଖି ଦେଉଛନ୍ତି । ଏ କଥା ଭଲ ଦିଶୁ ନାହିଁ । ଆପଣ ଭିତିରିଆ ଇନକ୍ୱାରି କରି ପ୍ରକୃତ ଦୋଷୀକୁ ଧରନ୍ତୁ । ଆପଣଙ୍କ ହେଡ୍‌କ୍ଲର୍କଙ୍କୁ ସେଠୁ ତଡ଼ନ୍ତୁ ।

କିଛି ଉତ୍ତର ଶୁଭିଲା ନାହିଁ ।

ରହିଲି, କହି ମୁଁ ଫୋନ ରଖିଦେଲି ।

ଅନ୍ୟାନ୍ୟ କାମରେ ମୁଁ ବ୍ୟସ୍ତ ରହିଗଲି । ରମା ଦେବୀ ପ୍ରଶିକ୍ଷଣ ମହାବିଦ୍ୟାଳୟର ବ୍ୟାପାର ମନ ଭିତରେ ଥିଲେ ହେଁ ବାହାରକୁ ପ୍ରାୟ ଭୁଲି ଯାଇଥିଲି । ମଣିଷର ମନେ ରଖିବା ଜାଗାଟା ଗୋଟିଏ ଫାଇଲ ଆଲମିରା ଭଳି—ନୂଆ ଫାଇଲ କିଛି ରଖିବା ପାଇଁ ପୁରୁଣା ଫାଇଲ ନଷ୍ଟ କରିବାକୁ ପଡ଼ିବ; ନହେଲେ ଆଲମିରାର ସୀମିତ ଜାଗା ଭିତରେ ଅସୀମ ସଂଖ୍ୟକ ଫାଇଲ ରହନ୍ତା କିପରି ? ନୂଆ କଥା ମନେ ରଖିବାକୁ ପଡ଼ିବ । କାରଣ ତାହା ସାମ୍ପ୍ରତିକ ଘଟଣା । ସରକାର ରିପୋର୍ଟ ମାଗି ପାରନ୍ତି । ତେଣୁ ମନ-ଆଲମିରାରୁ ପୁରୁଣା କଥା ସବୁ ଆପେ ଲିଭି ଲିଭି ଆସେ ।

ପୂରା ଲିଭିବା ପୂର୍ବରୁ ସଳିତାକୁ ଟେକିଦେଲେ ଯେପରି ଦୀପ ବେଶି ଜୋରରେ ଜଳି ଉଠେ, ସେଦିନ ସି.ବି.ଆଇ. ଏସ୍.ପି.ଙ୍କ ଫୋନପାଇ ସେହିପରି ପୂର୍ବକଥା ସବୁ ମନେ ପଡ଼ିଗଲା ।

ଆପଣ ସେ ଦିନ କ୍ଲବରେ ଯେଉଁ କଥା କହୁଥିଲେ, ତାହାର ସୁରାକ ପୂରା ମିଳିଯାଇଛି ।

କ'ଣ କହିଲେ ? ମୁଁ ପଚାରିଲି ।

ପ୍ରଶିକ୍ଷଣ ମହାବିଦ୍ୟାଳୟର କପି କଥା ।

କିଏ ଏ ସବୁ କରୁଛି, ଜାଣିପାରିଲେ ? ମୁଁ ଉତ୍ସୁକ ହୋଇ ପଚାରିଲି ।

ହଁ । ଯାହା ଜଣାପଡୁଛି, ଏ ତ ବର୍ଷ ବର୍ଷ ଧରି ଚାଲିଛି । ଏ ସବୁ କାମରେ ଯୋଗାଡ଼କାରୀ ହେଉଛନ୍ତି ପ୍ରିନ୍‌ସିପାଲ ଦପ୍ତରର ହେଡ୍‌କ୍ଲର୍କ ।

ଏସ୍‌.ପି. ଗଳଗଳ ହୋଇ କହିଗଲେ । ପାନଷ୍ଟୋରରୁ ବଟୁଆଷ୍ଟୋର, ବଟୁଆ ଷ୍ଟୋରରୁ ଆଲମିରା ଷ୍ଟୋର, ଏମିତି କଥାଟା ବଢ଼ିଛି । ଫେଲ୍ ହେଉଥିବା ପିଲାକୁ ପାସ୍ କରାଇବାକୁ ଯେତେ ନମ୍ବର ଦରକାର ପ୍ରତି ନମ୍ବରକୁ ଶହେ ଟଙ୍କା, ପାସ୍ ହେଉଥିବା ପିଲାକୁ ସେକଣ୍ଡ ଡିଭିଜନ କରାଇବାକୁ ଯେତେ ନମ୍ବର ଦରକାର ପ୍ରତି ନମ୍ବରକୁ ଦୁଇ ଶହ ଟଙ୍କା ଏବଂ ସେକେଣ୍ଡ ଡିଭିଜନ ହେଉଥିବା ପିଲାକୁ ଫାଷ୍ଟ ଡିଭିଜନ ହେବାକୁ ଯେତେ ନମ୍ବର ଦରକାର, ପ୍ରତି ନମ୍ବରକୁ ତିନି ଶହ ଟଙ୍କା—ଏ ଥିଲା ଆଗର ମାସୁଲ ହାର । ସେଥିରେ ବିପଦ ଥିଲା । ପୁନଃମୂଲ୍ୟାୟନ ବା ମୁଖ୍ୟ ଅଧ୍ୟାପକଙ୍କ ଦ୍ୱାରା ଯାଞ୍ଚ ସମୟରେ ଥରେ ଥରେ ଧରା ପଡ଼ିଯାଉଥିଲା । ତେଣୁ ଏଣିକି ଦୋହରା ପରୀକ୍ଷା ଖାତା ରଖାଯାଉଛି । ସବୁବେଳେ କିଛି ନା କିଛି ଖାଲି ଖାତା ବଳିଯାଏ । ଯେଉଁ ପରୀକ୍ଷାର୍ଥୀ କିଛି ପରିଶ୍ରମ ନ କରି ସୁରୁଖୁରୁରେ ପାସ୍ କରିବାକୁ ଚାହେଁ ସେ ଆଠ ହଜାର ଧରାଇ ଦେଲେ ପରୀଖାତାରେ ପ୍ରଶ୍ନ ମୁତାବକ ଲେଖା ଉତ୍ତର ପାଇଯିବ ।

ତିନିଟା ଖାତା ମିଳୁଛି ପରା ? ମୁଁ ପଚାରିଲି ।

ହଁ ।

ଏତେ ଖାତା ଲେଖିବାକୁ ସମୟ ଲାଗିଥିବ । ୟୁନିଭର୍ସିଟିକୁ ବା ପରୀକ୍ଷକମାନଙ୍କୁ ଖାତା ପଠାଇବାରେ ଡେରି ହୋଇଥିବ ।

ତା' ବି ପରୀକ୍ଷା କରି ଦେଖିଛି । ବୋଧହୁଏ ତିନୋଟି ପରୀକ୍ଷାର୍ଥୀ ଆଗରୁ ବିବାଦ ଅର୍ଥ ଦେଇ ଦେଇଛନ୍ତି । ତିନୋଟି ଯାକ ଖାତାରେ ଜଣେ ଲେଖିଛି, ଉତ୍ତର ପ୍ରାୟ ଏକ ରକମର ।

କିଏ କରୁଛି ଜଣା ପଡ଼ିଲା କି ?

ହାଣ୍ଡରାଇଟିଂ ଏକ୍ସପର୍ଟମାନେ ମତ ଦେଇଛନ୍ତି, ଅକ୍ଷରଗୁଡ଼ିକ ଦେବଦାସ ମହାପାତ୍ରଙ୍କର ।

ଖୋଦ ଅଧ୍ୟକ୍ଷ ?

ହଁ ।

ସେ ପରା ବିଶ୍ୱବିଦ୍ୟାଳୟର ମାଲପ୍ରାକ୍ଟିସେସ୍ କମିଟିର ଚେଆରମାନ ?

କାହିଁକି, ହାକିମସ୍ଥାନ କ'ଣ ହଜ କମିଟିର ଚେଆରମାନ୍ ହୁଏ ନାହିଁ ?

* * *

# ମେଜିକ୍

: ଗ୍ରାମସେବକ ଆସି ଡାକ ଯାଇଛି, ତୁ ଯିବୁନି କି ?

: କଥା କଣ ?

: ଜାଣିନୁ ? କାମଧନ୍ଦା ବହୁତ ଜୋର୍‌ରେ ସବୁ ହେଉଛି ।

: ମଜୁରି ମିଳୁଛି ନା, ବାକିରେ ଖଟୁଛୁ ?

: ଧେତ୍ କେବଳ ଗହମ ନୁହେଁ, ନଗଦ ନାରାୟଣ ବି ମିଳୁଛି ।

ନେତରା ଏ କଥା ବିଶ୍ୱାସ କରିପାରିଲା ନାହିଁ । ଦୁଇ ମାସ ହେଲା ଭରେଠ ପଡ଼ୁଛି । ଏ ବର୍ଷ କଣ ହେଲା କେଜାଣି ଇନ୍ଦ୍ର ଦେବତା ଦୟା କଲେ ନାହିଁ । ବର୍ଷା ଋତୁର ଅସଲ ଦି'ମାସ ତ ଶୁଖିଗଲା । ଜ୍ୟେଷ୍ଠରେ କଦଳୀ ବଞ୍ଚିଲା ନାହିଁ କି ଆଷାଢ଼ରେ କଅା ଚେର ଧରିଲା ନାହିଁ । ଧାରଶ୍ରାବଣରେ ନିର୍ଜଳା ଗ୍ରୀଷ୍ମ । ବିଲ ବାଡ଼ି ତ ଗଲା । କାମଧନ୍ଦା ବି ଶୂନ ।

କେବଳ ବିଲ ବାଡ଼ି ଗଲା, ତା ନୁହେଁ । ବି.ଡି.ଓ. ବାବୁ ଯେଉଁ କାମ କରାଉଥିଲେ, ତା ବି ବନ୍ଦ ହେଲା । କାନଟରାଠି ବାବୁ କହୁଛି ପଇସା ନାହିଁ । ସରକାରରୁ ପଇସା ନ ପାଇଲେ ସେ ବା ପଇସା ଦେବ କୋଉଠୁ ? କେବଳ ଗହମ କିଲେ କିଲେ ଦେଉଥିଲା, ତା ବି ଦେଇପାରିବ ନାହିଁ, କହିଲା । ଇଷ୍ଟକ ତ ନାହିଁ । ଦେଶଟା ଯାକ ଶୁଖିଲା । ସେ ବା କଅଣ କରିବ !

ନେତରା ଭାବିଲା, ଦୁଃଖ ଯେତେବେଳେ ଆସେ ସାଙ୍ଗସାଥି ନେଇ ଆସେ । ଏକଲା ଆସେ ନାହିଁ । ଦେଶକୁ ଚଡ଼କ ପଡ଼ୁଛି । ଏ ଲୋକଗୁଡ଼ାକ ଯେମିତି ହୋଇଛନ୍ତି ଥୋକେ ନ ମରିଲେ ଭରସା ନାହିଁ !

କଣ ସ୍ପାଉ୍ ସ୍ୟାଣ୍ଡ୍ ବାଲବାଲୋଉଛନ୍ତି ମ ? ବରୁହାଁ ଗାଁ ମୁଣ୍ଡକୁ ଯାଉନୁ ଦେଖି ଆସିବୁ, କଣ ହେଉଛି ।

ନି' ଆଖିରେ ଦେଖିଲାପାଏ, ବିଶ୍ୱାସ ହେଉ ନା । ପୁଣି କାମ କେଉଁଠି ମିଳିବ ତା' ବୁଝିବା ଦରକାର । ଏ ସବୁ କାରବାର ଭେଲିକି ନୁହେଁ ତ ? ଦିନେ ଦୁଇ ଦିନର ମଜୁରି ଦେଇ ଦେଇ ହପ୍ତାକର ବାକି ରଖିଦେବେ ନାହିଁ ତ ? କେଜାଣେ ? ଏ ବାବୁ ଭୟା ଗୁଡାକ ଠକେଇ କାମ ଆଦାୟ କରିବାରେ ବେଶ ଓସ୍ତାଦ୍ । କାମ କରିନେଇ ଅଫିସରୁ ଟଙ୍କା ଯେମିତି ହେଲେ ଆଦାୟ କରିଦେବେ । ଆଉ ଆମେ ? ହପ୍ତାକର ମଜୁରି ପାଇଁ ଦୁଇ ହପ୍ତା ଦଉଡ଼ିବ୍ ; ତଥାପି ମିଳୁଛି କାହିଁ ? ବରଂ ଦେହରେ ଯୁ ଥାଉ ଥାଉ ରାୟପୁର କି ବିଜୟନଗରମ୍ ପଳେଇଲେ ଭଲ ହେବ ।

ତୁ ମୋ କଥା ବିଶ୍ୱାସ କରିବୁ ନାହିଁ ବୋଲି ମୁଁ ଜାଣିଥିଲି । ମୁଁ ବି ତ ନଇଖଣ୍ଡରୁ ଶୁଣିଲାବେଳେ ବିଶ୍ୱାସ କରୁ ନ ଥିଲି । ହି ତିନି ଦିନ ହେଲା ତ କାମ ଆରମ୍ଭ ହେଇଛି । ମଜୁରି କାହିଁ ନାହାନ୍ତି । କାମ ଗୁହଁ ମଜୁରି । ସମସ୍ତେ କହୁଛନ୍ତି ନିୟମ ହେଇଛି, ଠିକ ଠିକ ମଜୁରି ମିଳିବ—କାହାର ଓଜର ଆପତ୍ତି ରହିବ ନାହିଁ । ମୁଁ ପର୍ଶୁ ଦାର ଟଙ୍କା ପାଉଛି ।

ଖେତରର କଥାଗୁଡ଼ାକ ପଶାରିଇଜାର ଗପ ଭଳି ଲାଗିଲା । ସତେ କ'ଣ ଯୁଗ ବଦଳି ଗଲା ନା କଣ ?

ପଠିଆକୁ ଥାପୁଡ଼େଇ ଖେତରୀ କହିଲା, ମେଳକ ଭଳିଆ ଲାଗୁଛି, ନୁହେଁ ? ତୁ ନିଜ ଆଖିରେ ଦେଖିନେ ।

କଥାଟା ଭଲକରି ବୁଝିବା ପାଇଁ ନେତରା କହିଲା, ଚାଲ, ଦେଖିବା । ଖେତରାର ସାଇକେଲ୍ ଗଡ଼ି ଚାଲିଲା । ନେତରା ପଛରେ ବସି ପଡ଼ିଲା । ଗାଁ ମୁଣ୍ଡ । ସେଇଠୁ ବରୁହାଁ ଗାଁ ଆରମ୍ଭ ।

ବରୁହାଁ ବଡ଼ ଗାଁ ଟିଏ । ରାସ୍ତାକୁ ଲାଗିଛି । ରାସ୍ତାଟା ଏଣେ ଭବାନୀପାଟଣାକୁ ତ ତେଣେ ଧରମଗଡ଼କୁ ଯାଇଛି । ଏ ଅଞ୍ଚଳଟାରେ ଯାହା କିଛି ହେଲେ, ଆରମ୍ଭ ହୁଏ ବରୁହାଁ ଗାଁରୁ ।

“ହେବା କଥା ବି । ବଡ଼ ଗାଁ ହାଟ । ବେଶ ପଢ଼ାଶୁଣା ଲୋକ ଗୁଡ଼େ ଆସନ୍ତି । ସେଇଠି ଏମ୍‌ଏଲ୍‌ଙ୍କ ଘର । ସେଇଥି ଲାଗି କାମ ଦାମ ସେଠି ଆରମ୍ଭ ହୋଇ ଯାଇଥିବ ।”

ବାଟରେ କଥାବାର୍ତ୍ତା ଛଳରେ ନେତରା ଖେତରାକୁ ଶୁଣେଇ ଶୁଣେଇ କହିଲା । ଖେତରାର ଅନବରତ ପେଡ଼ାଲ୍ ଚଲେଇବା ଦେଖି ସେ ଭାବୁଥିଲା, ଘଣ୍ଟାଏ ଗତ ହୋଇଥିବ । ନ ହେଲେ ଖେତରା ହରିହାଟ ମେଲାକୁ ଗଲାଭଳି ଏତେ ତରତର ହୁଅନ୍ତା ନାହିଁ କି ଏତେ ସରାଗ ଦେଖାନ୍ତା ନାହିଁ । ତଥାପି ମନରେ ସନ୍ଦେହ, ଏତେ ବାକିଆ ମଜୁରି ଥାଉ ଥାଉ ସରକାର ନୂଆ କାମ ଆରମ୍ଭ କଲା କିମିତି ?

ଆଚ୍ଛା । ଖେତରା । ତୁ ତ କହୁଛୁ ବାର ଟଙ୍କା ନେଖା ପାଇଛୁ । ଆଗରୁ ଗହମଟା ବିକସାରି ଛଅ ଟଙ୍କାରୁ ବେଶୀ ହୋଉ ନ ଥିଲା । ପୁଣି ମାସେରୁ ବେଶି ହେବ ଆମର ନଗଦ ମୂଲଟିକ ବାକି ଅଛି । କି କଲବଲ ନ କଲେ ସେମାନେ ? ତେଲ ଲୁଣ କିଣିବାକୁ ପଇସାଟିଏ ଦେଲେ ନାହିଁ । ଖାଲି ଗହମ ଖାଇବୁ କେମିତି ?

ବାବୁମାନେ ସେଇଆ ବୁଝାଉଛନ୍ତି ; ଠିକାଦାର ବି ସେଇଆ ବୁଝାଉଛି । ବର୍ତ୍ତମାନ ଯୋଉଁ ଟଙ୍କା ଆସିଛି, ଉନେ କାମ ପାଇଁ । ଆଗ କାମର ଟଙ୍କା ଏ ଯାଏ ଆସି ନାହିଁ । ଆସିଗଲେ ସେମାନେ ବାକିଆ ମଜୁରି ସବୁ ଛୁଟେଇ ଦେବେ । ଯେମିତି ଧମାଧମ କାମ ଚାଲିଛି ନା, ଟଙ୍କାର ସୁଅ ଛୁଟିଛି । ମୁଁ ତ ଭାବୁଛି ଏମିତି କାମ ହି, ତିନ ମାସ ଚାଲୁ ନା । ବାକିଆ ମଜୁରି ମୋର ଦରକାର ନାହିଁ । ଦୁଇ ଗୁଣ ପାଖାପାଖି ମଜୁରି । କଣ କମ ହେଲଣି । ପୁଣି ସବୁ ନଗଦ ନାରାୟଣ ।

କଥାଗୁଡ଼ିକ ନେତରାକୁ ଅଜବ ଲାଗିଲା । ରିଲିଫ୍ କାମ ଅଳ୍ପ ଦିନ ଆରମ୍ଭ ହୋଇ ବନ୍ଦ ହୋଇଗଲା । କଣ ନା’ ଟଙ୍କା ନାହିଁ । ମଜୁରି ବାକି । ଠିକାଦାର କହିଲା, ବି. ଡି. ଓ. ବାବୁ ପଇସା ଦେଉ ନାହିଁ । ବି. ଡି. ଓ କହୁଛି ସରକାରୀ ଟଙ୍କା ମଞ୍ଜୁର ହୋଇ ନାହିଁ । ଦିଲ୍ଲୀ ସରକାର ପରା ଟଙ୍କା ପଠେଇବେ କହି ଏଯାଏଁ ପଠାଇ ନାହାନ୍ତି । ସାଫ୍ ସାଫ୍ କଥା—ଟଙ୍କା

ଏହି ଗାଁ ଲୋକଙ୍କୁ ଧରି କାମ ଆଦାୟ କରିବା ଲୋକ ସେ । ସତ କଥା ନ କହି ରହିବ କେତେ ଦିନ ? ତାଙ୍କର ଭିତରେ ହିଁ ତ ଗୁଳକର ସମ୍ଭାଳଛୁ ।

ନେତାଙ୍କ କାନ ପାଖରେ ସେ କହିଲା, ଦି ଦିନ ବାଦେ ପ୍ରଧାନମନ୍ତ୍ରୀ ଆସୁଛନ୍ତି । ରିଲିଫ୍ କାମ କେମିତି ହେଉଛି ଦେଖିବେ । ଲୋକଙ୍କ ଦୁଃଖ ବୁଝିବେ । କୋଉ ଗାଁକୁ ଯିବେ ଜଣା ନାହିଁ ସେଇଥିଲାଗି ସବୁ ଗାଁରେ କାମଧନ୍ଦା ଜୋରସୋରରେ ଲାଗିଛି । ପ୍ରଚୁର ଟଙ୍କା ଖର୍ଚ୍ଚ ହେବ । ଗୋଟିଏ କଥା ମନେରଖିଥା, ଯଦି ପ୍ରଧାନମନ୍ତ୍ରୀ କିଛି ପଚାରନ୍ତି କହିବୁ ସବୁ ଠିକ୍ ଠିକ୍ ଚାଲିଛି । ଏମିତି ନ କହିଲେ ତୁ ବହୁତ ହଇରାଣ ହେବୁ ।

ନେତାଙ୍କ ହୁଁ ମାରିଦେଲା ।—ଏଥର ସେ ବୁଝିଲା ମେଜକଟା କଣ ?

❋ ❋ ❋

# ଖଜୁରୀ ଗଛର ଶେଷ ପାହାଚ

ସଚିବ ପଦବୀରେ ଅଧିଷ୍ଠିତ ହେବା କମ୍ ଗୌରବର କଥା ନୁହେଁ । ଗଣତନ୍ତ୍ର ସରକାରଙ୍କ ସଚିବଶାଳାରେ ବିଭାଗ ବହୁତ । କିନ୍ତୁ କେତେ ଗୁଡ଼ିଏ ବିଭାଗରେ ଲୋକ ଲାଳ୍ । ଲାଳ୍ ହେବାର ଇଚ୍ଛା କାହାର ନାହିଁ ? ବୟସ କ୍ରମରେ ସମସ୍ତେ ଦିନେ ନା ଦିନେ ସଚିବ ହେବେ କିନ୍ତୁ ଏଥିପାଇଁ ଅପେକ୍ଷା କରିବାକୁ କେତେକଙ୍କର ତର ନ ଥାଏ । କୁର୍ସିରେ ଅନ୍ୟମାନେ କିପରି ଲାଳ୍ ଛନ୍-ଛନ୍ ହୋଇ ଯାଉଛନ୍ତି ଦେଖି ସେମାନଙ୍କର ଲାଳ ଗଡ଼େ । କରି କରାଉଥିବା ନେତାଙ୍କ ଦ୍ୱାରରେ ସେମାନେ ନସର ପସର ହୁଅନ୍ତି । ଏ ଅଭ୍ୟାସ ଦିନକର କଥା ନୁହେଁ । ଅଳ୍ପ ବୟସରେ ଜିଲ୍ଲାପାଳ ହେବାପାଇଁ ଚେଷ୍ଟା କରି ସେମାନେ ଏ ଦିଗରେ ତାଲିମ ପାଇଯାଇଥା'ନ୍ତି । ଅବଶ୍ୟ କେତେକ ଜନ୍ମରୁ ଭାଗ୍ୟବାନ; ସୁନା ଚାମୁଚରେ ଦୁଧ ପିଇଥା'ନ୍ତି ; ନେତାଙ୍କ ସମ୍ପର୍କୀୟ । ଆଗରୁ ଜିଲ୍ଲାପାଳ ହେବେ କି ସଚିବ ହେବେ ; ମନପସନ୍ଦ ଜିଲ୍ଲା କି ବିଭାଗ ପାଇବେ, ଏହା ସେମାନଙ୍କ ଜାତକରେ ଅଛି ।

ସେମାନେ ସବୁ ଗୋଟିଏ ଅଲଗା ଜାତିର, ଜାଣନ୍ତୁ ସେବାର କର୍ମଋଷି । କିନ୍ତୁ ସବୁଦିନେ ସବୁଆଡ଼େ କାହିଁକି ହାତ ବଢ଼ାଇବେ ? ଗୋଟିଏ ଗୋଟିଏ ବିଭାଗର କାମ ସମ୍ଭାଳିବାକୁ ବିଶେଷ 'ଜ୍ଞାନ, ବିଶେଷ ତାଲିମ ଦରକାର । ସେ ଗୁଡ଼ାଙ୍କର କାହିଁ ? ସରକାରଙ୍କ ଆଖି ଖୋଲିଯାଇଛି, ମୋ ବିଭାଗକୁ ସେମାନଙ୍କ ଖାପଚରୁ କାଟି ଆଣିଛନ୍ତି ।

ଏଭଳି ସୌଭାଗ୍ୟ ମୋ ଭାଗ୍ୟରେ ସହଜରେ ମିଳିଥିଲା । ଯନ୍ତ୍ରୀପ୍ରଧାନ ଥିଲାବେଳେ ମୁଁ କଣ ନ କରିଛି ? ତା' ଛଡ଼ା ମୁଁ ଥିଲି ବରିଷ୍ଠତମ ଅଧିକାରୀ । ମୋତେ ନିର୍ମାଣ ବିଭାଗର ସଚିବ ନ କରନ୍ତେ ବା କାହିଁକି ?

ଘରେ ନ ପଶୁଣୁ ଦୁଆରରେ ମୋ ମୁଣ୍ଡ ବାଜିଲା । ଲୋକେ ବଧେଇ ଜଣାଇବାକୁ ଆସିଲେ, ଅଥଚ ମୁଁ କପେ ଚା ଦେଇପାରିବି ନାହିଁ ବୋଲି ମୋର ବ୍ୟୟ ପରାମର୍ଶଦାତା ପରାମର୍ଶ ଦେଲେ ।

କ'ଣ ମ ! ମନ୍ତ୍ରୀ ପ୍ରଧାନ ହିସାବରେ ମୁଁ ମନ ଇଚ୍ଛା ଯାହାକୁ ପାରେ ତାକୁ ଜଳଖିଆ ଦେଇ ପାରୁଥିଲି, ଉପରକୁ ଉଠି କ'ଣ ମୋର ଅଧଃପତନ ହେଲା ?

ନାହିଁ ସାର୍ । ଆପଣ ଏମିତି କାହିଁକି କହୁଛନ୍ତି ? ବ୍ୟୟ ପରାମର୍ଶ-ଦାତା ଉଦ୍‌ବିଗ୍ନ ହୋଇ କହିଥିଲେ । ଏସବୁ ହିସାବ କିଏ ରଖୁଥିଲା କହି ନାହାନ୍ତି, ମୁଁ କହିଦେବି କପରି କ'ଣ କରିହେବ ।

ମୋର ଢେଙ୍କାନାଳ ପି. ଏ. ଏ ସବୁ ବୁଝୁଥିଲା । ଏ ଛୋଟ ଛୋଟ କଥା ବୁଝିବାକୁ ମୋତେ ତର କୋଉଠି ଥିଲା ?

ଏବେ ବୁଝିଲି ସାର୍ ; ସେ ନିଶ୍ଚୟ କେଉଁଠୁ ଆଣି ଭର୍ତ୍ତି କରୁଥିବେ କିମ୍ବା ଅଫିସ୍ ହିସାବକୁ ଯୋଡ଼ସାଡ଼େ କରି ଖର୍ଚ୍ଚ ମେଣ୍ଟାଉ ଥିବେ । ଆପଣ ଏବେ ଫୋନ କରି ବୁଝନ୍ତୁ ନାହାନ୍ତି ?

ମୁଁ ଫୋନ କରି ଯାହା ଉତ୍ତର ପାଇଲି ତାହା ମୋର ପରାମର୍ଶ-ଦାତାଙ୍କ କୈଫିୟତ ସାଙ୍ଗରେ ଖାପ ଖାଇଗଲା । ମୋର ମୁହଁ ବନ୍ଦ । ଆଉ କ'ଣ କହିବି କାହାକୁ । କେନ୍ଦ୍ର ସର୍କଲର ଅଧୀକ୍ଷକଙ୍କୁ ଏଣିକି ମୋର ଅତିଥି ସତ୍କାରର ସମସ୍ତ ଦାୟିତ୍ୱ ନେବାକୁ କହିଦେଲି । ସେ ଖର୍ଚ୍ଚ ଭରଣା କରିବାର ସମସ୍ତ ଦାୟିତ୍ୱ ନେଲା । ମୋର ପି. ଏ. ସମସ୍ତ ହିସାବ ପତ୍ର ରଖିଲା, ଟଙ୍କା ସରିଗଲା ବୋଲି ଫୋନ କରିଦେଲେ ସେ ପୁଣି ହଜାରେ ପଠାଇ ଦେଉଥିଲା ।

ଦ୍ୱିଗୁଣ ଧକ୍‌କା ମିଳିଲା ଯେତେବେଳେ ମୁଁ ଚାହିଁଲି ମୋର ଅଫିସ ରୁମ୍‌ଟା ଆଖିଦୃଶିଆ ସଜାସଜି ହେଉ । କିନ୍ତୁ ଶୁଣିଲି, ଏଥିପାଇଁ ଅସାଧାରଣ ପ୍ରଶାସନ ବିଭାଗର ଅନୁମତି ଓ ବ୍ୟୟ ବିଭାଗର ମଞ୍ଜୁରି ଦରକାର । ମନ୍ତ୍ରୀ ପ୍ରଧାନଙ୍କଠାରୁ କ'ଣ ସଚିବର କମ କ୍ଷମତା ? ବିଭିନ୍ନ କାମ ଚାଲିଛି ତ ସେଇଥିରେ ଖର୍ଚ୍ଚ ଯୋଡ଼ିଦିଅ । ଦେଖୁଛି କିଏ, ଢେଙ୍କାନାଳ ମତ ତ

ମୋର । ଏଥିରେ ଅଡ଼ିଟ ଫଡ଼ିଟ ବି କ'ଣ କରିପାରିବ ? କେବଳ ମୋ ଅଫିସ ରୁମ କାହିଁକି, ବସାଘର ଏବଂ ନିଜର ଘର ମଧ୍ୟ ମରାମତି କରିପାରୁଥିଲି । ମରାମତି ନାଁରେ ନୂଆ କୋଠରୀ ମଧ୍ୟ ତିଆରି କରାଇ ନେଇଥିଲି । ଏତିକି କରିପାରିବି ନାହିଁ ତ ଇଞ୍ଜିନିୟର ଚାକିରି କଲି କାହିଁକି ? ବାପା ମା ଏତେ ପଇସା ମୋ ପଢ଼ାରେ ଖର୍ଚ୍ଚ କଲେ କାହିଁକି ?

କିନ୍ତୁ ଚାକିରିରେ ଏ କି ବିଡ଼ମ୍ବନା ? ଯେତେ ଉପରକୁ ଉଠିବ, ଲୋକଲଜ୍ଜାକୁ ସେତେ ଭୟ । ଅଡ଼ିଟକୁ ଡରିବ । ଏ ପରାମର୍ଶଦାତାଗୁଡ଼ାକ ବଡ଼ ଡରୁଆ । ଡରିବ ତ, ଲୋକେ ବେଶି ଡରାଇବେ । ମନ୍ତ୍ରୀ ହାତରେ ଥିଲେ କିଏ କ'ଣ କରିପାରିବ ଯେ ? ସେଚମନ୍ତ୍ରୀଙ୍କ ନାଁରେ ଏତେ ପାଟି କଲେ, ଭିଜିଲାନ୍ସ ଲାଗିଲା, ଟ୍ରିବ୍ୟୁନାଲ ବି ଦୋଷୀ ସାବ୍ୟସ୍ତ କଲା । କିନ୍ତୁ କେହି କ'ଣ ଚାକିରି ନେଇପାରିଲେ ? ଯାହାକୁ ରଖିବେ ମନ୍ତ୍ରୀ କି କରିପାରେ ଷଡ଼ଯନ୍ତ୍ରୀ ? ଗଣତନ୍ତ୍ରରେ ମନ୍ତ୍ରୀ ଶକ୍ତି ଅନନ୍ତ । ତାଙ୍କ ଶ୍ରୀହସ୍ତତଳେ ଥିଲେ "କି କରିପାରେ ବଳବନ୍ତ ?"

ବେଶିଦିନ ଲାଗିଲା ନାହିଁ । ମୁଁ ଜାଣିଗଲି, ଏ ଯୋଉସବୁ ନିୟମ ତଳବାଲାଏ ଦେଖାଉଛନ୍ତି, ଉପରବାଲା ଡିଲାବୋଲି ସେମାନେ ଦେଖାନ୍ତି । ଥରେ ଲାଲ ଆଖି ଦେଖାଅ, ସମସ୍ତେ କହିବେ ହଁ ସାର ହଁ ସାର ମୁଁ କରିଦେବି ଏଇ କଥାଟା ହେବ ନାହିଁ ? ଯୁକ୍ତିଗୁଡ଼ାକୁ କଡ଼ାକରି ଲେଖିଦେଲେ ଅଡ଼ିଟ ନା ଅଡ଼ିଟର ବାପା ଧରିପାରିବ ? ଲିଖିତ ଆକାରରେ କାରଣଗୁଡ଼ିକ ଲିପିବଦ୍ଧ କଲେ ଆମେ କେମିତି ସବୁଠାରୁ ବେଶି ଡାକଦେଇଥିବା ଲୋକର ଟେଣ୍ଡର ନେଇ ନେଉ । ସେଥିରେ ସମସ୍ତଙ୍କ ଲାଭ । ସେ ଗ୍ରହଣ କଲା - ସେ ପାଇଲା, ଦଳପତି ପାଇଲେ, ସାହାଯ୍ୟ ପାର୍ଟି କୁ ବି କିଛି ଗଲା । ଏତେ ଆଡ଼କୁ ଯିଏ ଦେବ ତାହାର କୋଟେସନ ସବୁଠୁ ବେଶି ହେବ ନାହିଁ ତ ଆଉ କ'ଣ ?

ଯାହା କରିବ ପାଞ୍ଚ ଜଣ ପୁରେଇଥିବ । ଧରାପଡ଼ିଲେ ପାଞ୍ଚ ଜଣ ଜାଲରେ ପଡ଼ିବେ । କାହାରି ନା କାହାରି ତ ଉପରବାଲା ଲୋକଥିବେ ? ସେ ଖସିବାକୁ ଯେଉଁ ଉପାୟ କାଢ଼ିବ ସେ ଉପାୟରେ ଆପଣ ତ ଖସିଯିବେ ।

ମନ୍ତ୍ରୀପ୍ରଧାନ ହିସାବରେ ମୁଁ ଯାହା ଜାଣିଥିଲି ସେସବୁ ଭୁଲିବାକୁ ପଡ଼ିଲା । ଥରେ ଥରେ ସ୍ୱାଧୀନ ମତ ଦେବାକୁ ପଡୁଥିଲା । ପୋଲପାଇଁ ଏ ଜାଗାଟା ଠିକ୍ ନୁହେଁ, ରାସ୍ତାଟା ସେ ଗାଁବାଟେ ଯିବା ଉଚିତ୍ । ଏ ଦୁଇ ପର୍ବତ ଭିତରେ ବନ୍ଧ କରିବା ଜଳଭଣ୍ଡାର ପାଇଁ ସର୍ବୋତ୍କୃଷ୍ଟ ଇତ୍ୟାଦି । କିନ୍ତୁ ସଚିବ ହିସାବରେ ସେହିପରି ମତ ଦେଇପାରିବ ନାହିଁ । ଏଠି ସବୁଥିର ମୂଲ୍ୟ: କେଉଁଠି କଲେ ଭୋଟ ଭଣ୍ଡାର ଠିକ୍ ରହିବ, ଏଥିପାଇଁ ଲୋକମତ ଦରକାର ନାହିଁ । ନେତାଙ୍କ ଏଜେଣ୍ଟମାନେ ଯାହା କହିବେ ସେଇଟା ଠିକ୍ । ସେମିତି ଟିପ୍ପଣୀ ଦେବାକୁ ହେବ । ଯଦି ମାଲୁମ ନାହିଁ, ମନ୍ତ୍ରୀଙ୍କୁ ପଚାରି ଦିଅ । ସେ କ'ଣ ଚାହୁଁଛନ୍ତି ; ତଦନୁଯାୟୀ ଫାଇଲରେ ଟିପ୍ପଣୀ ଦିଅ । ଟିପ୍ପଣୀ ଅନୁଯାୟୀ ମାଳଗିରିରେ ବନ୍ଦର ହୋଇପାରିବ, ମହାନଦୀ ବାଲିରେ ଉଡ଼ାଜାହାଜ ଓହ୍ଲାଇ ପାରିବ । ଖର୍ଚ୍ଚ ପାଇଁ ଆପଣଙ୍କର ମୁଣ୍ଡବଥା କାହିଁକି ? ସେ ବଜେଟ ବ୍ୟବସ୍ଥା କରାଇଦେବେ ।

ମନ୍ତ୍ରୀ ନାହିଁ ଶୁଣିବାକୁ ଚାହାନ୍ତି ନାହିଁ । ଆଗକାଳରେ ରାଜାମାନେ କ'ଣ ଚାହୁଁଥିଲେ ? ଯୁଦ୍ଧ କ୍ଷେତ୍ରରୁ ଦୂତ ଯଦି ସୁଖବର ଆଣିଲା ସେ ପୁରସ୍କୃତ ହେଉଥିଲା । ମଣିମୁକ୍ତା, ସୁନାରୁପା, ଶିରୋପା ପାଉଥିଲା । ଯେଉଁ ଦୂତ ଖରାପ ଖବର ଆଣିଲା, ରାଜା ଗର୍ଜି ଉଠୁଥିଲେ, କିଏ ଅଛରେ ? ତା ଗଣ୍ଡିରୁ ମୁଣ୍ଡ ଅଲଗା କରିଦିଅ । ଶହ ଶହ ବର୍ଷ ବିତିଛି—ରାଜୁଡ଼ା ଯାଇ ଗଣତନ୍ତ୍ର ଆସିଛି ; କିନ୍ତୁ ଶାସନ ଢଙ୍ଗ ବଦଳି ନାହିଁ । ଏ କାଳରେ ମଧ୍ୟ ଯେଉଁ ଦୂତମାନେ ରାଜାଙ୍କ ମନ ଜାଣି ଖବରଦେଉ ନାହାନ୍ତି, ସେମାନଙ୍କ ପଦୋନ୍ନତି କାହିଁ ? ବରଂ ବିଭାଗୀୟ ମାମଲାରେ ଜଡ଼ିତହୋଇ ଚାକିରିରୁ ତଡ଼ା ଖା'ନ୍ତି । ଯଦି ତଡ଼ିବା ଅସମ୍ଭବ, ତେବେ ବଦଳି । କେତେକ ଅଫିସରଙ୍କ ପାଇଁ ପଦବୀ ବଦଳି ମୃତ୍ୟୁ ସହିତ ସମାନ । ମୁଖ୍ୟମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀତ୍ୱରୁ ଓହରିଗଲେ ବୋଧହୁଏ ଏଡ଼େ ବଡ଼ ଆଘାତ ପାଆନ୍ତି ନାହିଁ ।

ବୁଝିଲ ମହାନନ୍ଦେ ? ତିନି ମାସରେ ବିଶ୍ରାମ ଭବନ ତିଆରି ହେବ । ମୁଁ ଦେଖାଇ ଦେବି ଯେ ମୁଁ ଯାହା କହେ ତା' କରେ ।

ମୁଁ ଜାଣିଥିଲି, ମନ୍ତ୍ରୀ ରହିବା ପାଇଁ ରୁମ୍ ପାଇ ନ ଥିବାରୁ ଚିଡ଼ିଛନ୍ତି । ରୁମ୍ ମିଳିଲା-ନାହିଁ । ଭବନ ତିଆରି କରିବି ! ଗସ୍ତରେ ଆସିଲେ ରହିବା-

ପାଇଁ କାହାର ମର୍ଜିଉପରେ ନିର୍ଭର କରିବ ନାହିଁ । ଏ ହେଲା ତାଙ୍କର ଜିଦ୍ ।

ମୁଁ ବା କାହିଁକି ନାହିଁ କରିବ ? ଏ ଗୋଟିଏ ମୌକା । ଭବନର ଅଟକଳ ଖୁବ୍ ବଢ଼ାଇ ହେବ, କମିଶନ ବେଶ୍ ମିଳିବ । ଏତେ ଶୀଘ୍ର ତ ବଜେଟ୍ ହେବ ନାହିଁ । ତେଣୁ ମୁଁ ଟିପ୍ପଣୀ ଦେଲି, ଏଇ ଛୋଟିଆ କାମଟା ମୋ ବିଭାଗ କ'ଣ କରିପାରିବ ନାହିଁ ? ଗୋଟିଏ ମାସରେ ଠିଆ କରିଦେବ । କିନ୍ତୁ ଜମି କେଉଁଠି ମିଳିବ ଜିଲ୍ଲାପାଳ ଦେଖାଇ ଦେଲେ ତ ? ମନ୍ତ୍ରୀ ମହୋଦୟ ଜିଲ୍ଲାପାଳଙ୍କୁ କହି ସ୍ଥାନ ନିରୂପଣ କରନ୍ତୁ, ଇତି ମଧ୍ୟରେ ଅନ୍ୟ କାର୍ଯ୍ୟରୁ କାଟ ଛାଟ କରି ଅର୍ଥ ବିଗିଡ କରାଯାଉ ।

ମୁଁ ଭାବିଲି ଭାଲୁ ଲାଙ୍ଗୁଡ଼ ଧରାଇଦେଲି ଜିଲ୍ଲାପାଳଙ୍କୁ । କିନ୍ତୁ ସେ ବହୁତ ଭାଲୁ ଲାଙ୍ଗୁଡ଼ ସମ୍ଭାଳି ସମ୍ଭାଳି ପୋଖତ ହୋଇଯାଇଛନ୍ତି ।

ମନ୍ତ୍ରୀ ଯୋଉ ଜାଗାଖଣ୍ଡକ କହିଲେ ସେ ସେଇଟା ବାଛିଦେଲେ । ଜମି ଖଣ୍ଡକ ଆଗରୁ ଚରଖା ସମିତିକୁ ଦିଆଯାଇଥିଲା । ସେମାନେ ଆପତ୍ତି କଲେ । ଆପତ୍ତି ଶୁଣିଥିବା ତହସିଲଦାରର ବଦଳି ହେଲା । ତାଙ୍କ ଉତ୍ତରାଧିକାରୀ ହଁ ନ କରି ଯାଉଛି କୁଆଡ଼େ ?

ଜିଲ୍ଲାପାଳ ସିଧା ନ କରି ଅତିରିକ୍ତ ଜିଲ୍ଲାପାଳ ବାଟେ ଫାଇଲ କରାଇଲେ । ଟୋକା ଲୋକ, ମନା କରିଦେଲା, ଏ ସ୍ଥାନ ନିରୂପଣ ଠିକ୍ ହୋଇ ନାହିଁ, ନିର୍ମାଣ ବିଭାଗକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ । ସେ ବି ବଦଳି ହେଲା । ତାଙ୍କ ଉତ୍ତରାଧିକାରୀ ହଁ କରିବାରୁ ଜିଲ୍ଲାପାଳ ନିଜର ସ୍ୱାକ୍ଷରଟି ମାରି ଆଇନର ଅନୁମୋଦନ ଦେଲେ ।

ଚରଖା ସମିତି ବାଲାଏ ଟିକେ ବେଶି ଟାଣ ଦେଖାଇ ଦୁଅନ୍ତି । କୋର୍ଟରେ ନାଲିସ୍ କରି ଷ୍ଟେ ଆଦେଶ ଆଣିଲେ । ମନ୍ତ୍ରୀଙ୍କ ଫୋନ୍ କାମ କଲା ନାହିଁ । ବିଚାରପତି ବଦଳି ହେଲେ । ସରକାର ଅପିଲ୍ କଲେ ଉଚ୍ଚ ଅଦାଲତକୁ । ସେଠି ପୁଣି ଆପତ୍ତି କାଏମ କହିଲା । ଉଚ୍ଚ ଅଦାଲତ ଅଧିକାରୀ ବଦଳି ହେଲେ । ସରକାର ବିଭାଗୀୟ ଅପିଲ୍ କଲେ ଆହୁରି ଉଚ୍ଚ ନ୍ୟାୟାଳୟକୁ । ବାଛିବାଛି ବିଚାରପତି ଖୋଜାଗଲା—ହଁ କଲେ ପଦୋନ୍ନତି ଅଛି ।

ଆହୁରି ଉଚ୍ଚ ନ୍ୟାୟାଳୟକୁ ଯାଇହେବ । ଦୁନିଆରେ କେତେ ଲୋକ ଲୋଭ ସମ୍ବରଣ କରି ପାରନ୍ତି ? ମନ୍ତ୍ରୀଙ୍କ ଜୟ ହେଲା । ଜମି ଖଣ୍ଡକ ମୋ ବିଭାଗକୁ ହସ୍ତାନ୍ତର କରାଗଲା । ଏତେ ସମୟ ବଢ଼ିବା ଭିତରେ ବଜେଟ ଅଟକଳ, ଟେଣ୍ଡର ନିଷ୍ପତ୍ତି ଆଦି ସରିଥିଲା । ତିନି ମାସରେ ଘରକରିବା ଅସମ୍ଭବ ହେଲା ନାହିଁ । କେବଳ ସ୍ଥୁତ ଡାଳ ପାଣିରେ ବୁଡ଼ାଇ ରଖି ଠାଣ କରିବାକୁ ତିନି ସପ୍ତାହ ଲାଗିବ, ମାସକରେ ଭବନ ପ୍ରସ୍ତୁତ ହେବ କପରି ? ଏ କଥା କହିବାକୁ ସାହସ କାହିଁ ? ମୋ ସମୟରେ ଘରଟା ହୋଇଯାଉ । ଭୁଷୁଡ଼ି ପଡ଼ିବା ବେଳକୁ ମୁଁ ତ ଆଉ ନ ଥିବି । ତା'ଛଡ଼ା ମୁଁ ତ ଜାଗାରେ ରହି ଘର କରିବା ଦେଖୁ ନାହିଁ ଯେ ମୋ ଦୋଷ ହେବ ? ଯାହାହେଲେ ବି, ମୁଁ'ତ ଖାପଚରେ ପଡ଼ିଯାଇଛି, ଯାଉଛି କୁଆଡ଼େ ?

ଏତେ କଳାପରେ ମୋର କିଛି ସୁବିଧା ତ ଦରକାର । ଝିଅଟା ମେଡ଼ିକାଲରେ ପଢ଼ିବ, କିନ୍ତୁ ପ୍ରବେଶିକା ପରୀକ୍ଷାରେ ପାଶ୍ କରିପାରିବ ନାହିଁ । ପୁଣି ଅବସର ଗ୍ରହଣ କଲାପରେ କିଛି ଗୋଟାଏ ଧନ୍ଦା କରିବାକୁ ପଡ଼ିବ; ଚେଆରମ୍ୟାନ କି ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଚାକିରିଟାଏ ଦରକାର ।

ମନ୍ତ୍ରୀ ଖୁସି ନ ହେଲେ ଏ ସବୁ ଅସମ୍ଭବ । ଅଫିସ କାମଦାମ ସରିଗଲେ, ତାଙ୍କୁ ସସ୍ତ୍ରୀକ ଦେଖା କରିବା, ନିଜର ଦୁଃଖ ଜଣାଇବା ଉଚିତ୍ ମନେ କଲି । ରାତିର ନିର୍ଜନତାରେ ସେ ଫାଇଲ୍ କାମ କରିବାକୁ ଭଲ ପାଆନ୍ତି । ମୋତେ ବହୁତ ଥର ଫାଇଲ ସମ୍ପର୍କରେ ଡାକିଛନ୍ତି । ସ୍ତ୍ରୀ ସହିତ ଯାଇଛି, ଅଫିସ କାମ ହେବ, ସାମାଜିକ ପ୍ରଥାମଧ୍ୟ । ପ୍ରଥମେ ଭେଟି ନେଇଥିଲି । ଭେଟିଠାରୁ ମୋ ସ୍ତ୍ରୀକୁ ସେ ବେଶି ପ୍ରଶଂସା କଲେ । ମୁଁ ଖୁସି, ଭେଟି ଜନିତ ବଦ୍‌ଖର୍ଚ୍ଚ ବଞ୍ଚିଗଲା ।

ମୋର ଦୁଇଟି ଇଚ୍ଛା । ଝିଅଟା ମେଡ଼ିକାଲ୍-ପଢ଼ିବ ଚାହୁଁଛି, କିନ୍ତୁ ପ୍ରବେଶିକା ପରୀକ୍ଷା ପାଶ୍ କରିପାରୁ ନାହିଁ । ତା ପାଇଁ ଗୋଟିଏ ସରକାରୀ ସିଟ୍ ଦରକାର । ମୋର ଅବସର ଗ୍ରହଣ ସମୟ ଆସିଯାଉଛି, କୌଣସି ଗୋଟିଏ କର୍ପୋରେସନରେ ଲାଗିଗଲେ ଭଲ ହୁଅନ୍ତା । ମୃତ୍ତିକା ଖନନ କର୍ପୋରେସନରେ ଚେଆରମ୍ୟାନ ପଦ ଖାଲିଅଛି, ମୋର ବି ବୈଷୟିକ ଯୋଗ୍ୟତା ରହିଛି ।

ତାଙ୍କ ବରାଦ ତିନି ଲକ୍ଷ । ଏତେ କେଉଁଠୁ ଆଣିବ ? ସ୍ତ୍ରୀଟା ବୋଧହୁଏ ପାରିଲା ନାହିଁ । ଡେଆରମାନ ହେଲେ ଆସ୍ତେ ଆସ୍ତେ ଦେଇଦେବ କହିଲେ ବି ସେ ରାଜି ନୁହନ୍ତି । ତାଙ୍କର ଦରକାର ସଦ୍ୟପ୍ରାପ୍ତି । ଅବଶ୍ୟ ତାଙ୍କୁ ଦୋଷଦେବା ଉଚିତ ହେବ ନାହିଁ । ମେଡ଼ିକାଲ କଲେଜରେ ଝିଅଟାର ସିଟ୍ ହୋଇଯାଇଛି ।

ଅନିଶ୍ଚିତକୁ ଅପେକ୍ଷା କରିବା ବିପଦ । ବିଭିନ୍ନ ଠିକାଦାରଙ୍କ ଜରିଆରେ ଅର୍ଥବରାଦ କରାଇଲି । ଅବସର ଯେତେ ପାଖ ହେଲା ଠିକାଦାର-ମାନେ ସେତେ ମୋ ଠାରୁ ଦୂରେଇଲେ । ସ୍ତ୍ରୀକୁ ଅଧିକରୁ ଅଧିକ କାମରେ ଲଗାଇଲି । ପ୍ରଥମେ ପ୍ରଥମେ ତାଙ୍କୁ ଟେଲିଫୋନ ପଠାଇବାକୁ ପଡ଼ୁଥିଲା । ପରେ ସେ ନିଜେ ଗଲା । ସମୟ ଆସିଲା, ସେ ତାଙ୍କୁ ଡକାଇ ପଠାଉଛନ୍ତି । ସମୟ ଅସମୟ ନାହିଁ । ମୋଠାରୁ ସେ ପାରଙ୍ଗମ ହୋଇଉଠିଲାଣି । ବିନା ପ୍ରବେଶିକା ପରୀକ୍ଷାରେ ମେଡ଼ିକାଲରେ ଆଡମିସନ କରାଇବା କଣ ସମ୍ଭବ ହୋଇଥାଆନ୍ତା ? ଏଥିପାଇଁ ସରକାରୀ ଆଦେଶ ବାହାରିଲା ପରେ କିଏ କେତେ କଣ କହିହେଲେ । ଖବରକାଗଜରେ କେତେ କଣ ବାହାରିଲା । ସମୟ ଏ ସବୁର ପ୍ରତିକାର କରିନେବ । ଆସ୍ତେ ଆସ୍ତେ ଛିଦ୍ରାନ୍ୱେଷୀମାନେ ସବୁ ଭୁଲିଯିବେ ।

ଅଥୟ ହୋଇ ସେଦିନ ରାତି ଦଶଟାରେ ମୁଁ ମନ୍ତ୍ରୀଙ୍କ ବସାଆଡ଼େ ଗଲିଲି । ସ୍ତ୍ରୀ ସନ୍ଧ୍ୟାବେଳୁ ଯାଇଛି, କିଛି ଗୋଟାଏ ଅର୍ଡର କରାଇ ନେବାପାଇଁ । କଣ ହେଲା ବୁଝିବାପାଇଁ ମୁଁ ଅସ୍ଥିର ।

ଭିତରକୁ ଯିବାପାଇଁ ପିଅନ ମନା କରୁଥାଏ । ମୁଁ କହିଲି, ଆରେ ମୋ ସ୍ତ୍ରୀ ପରା ଅଛନ୍ତି ! ସେ ଆଉ ପ୍ରତିରୋଧ କରିନ୍ତା କାହିଁକି ?

କିନ୍ତୁ ଭିତର ପଟୁ ବାରିହେଲା ବିଦେଶୀ ପାନୀୟର ମୃଦୁ ଗନ୍ଧ । ଦରଜା ବନ୍ଦ । ସେବା ଉପଗୃହର ବିକୃତ ଶବ୍ଦ ଅସ୍ପଷ୍ଟ ଭାବେ ଶୁଣାଯାଉ-ଥିଲା । କିନ୍ତୁ କବାଟ ଭେଦି ବାହାରି ଆସୁଥିଲା ମୋ ସ୍ତ୍ରୀର ଖିଲଖିଲ ହସ । ଆଉ କଣ ଫାଇଲ୍ ପାଶ ହୋଇ ନ ଥିବ ? ମୁଁ ନିଶ୍ଚିତ ହୋଇ ପାଦ ଲେଉଟାଇଲି ।

* * *

# ଅଧିଆ

ଘଣ୍ଟା, ହୁଳହୁଳି, ଜୋର୍‌ରେ ଶୁଭିବାକୁ ଲାଗିଲା । ଆମ ଗାଡ଼ି ଆଗଉଥାଏ । ଆମ ଗାଁ ଗହଳରେ ଅତ୍ୟାଧୁନିକ ମାର୍କିନ ସଭ୍ୟତାର ଚିହ୍ନ ମିସ୍ ଲୁସିଫର ଦେଖିଛନ୍ତି । ଆଜ ସେ ମୋତେ ଗୋଟିଏ ମେଳା ଦେଖାଇବେ । ମୁଁ ବି ଖୁବ୍ ଉତ୍ସୁକ ।

ଘଣ୍ଟା, ହୁଳହୁଳି, ଶଙ୍ଖଧ୍ୱନି, ଝୁଣାଗନ୍ଧର ବାସନା—ଏ ସବୁଥିରେ ପୂଜକର ଅତ୍ୟଧିକ ଉତ୍ସାହ । ଏ ଧୂଆଁ ବାଣ ଭିତରେ ସତ କଥା ଲୁଚିଯିବ; ଠାକୁରଙ୍କ ମାହାତ୍ମ୍ୟ ବଢ଼ିବ, ଠାକୁରଙ୍କ ନାଁ ବଢ଼ିଲେ ପୂଜକର କାଟତି ବଢ଼ିବ । ତାର ରୋଜଗାର ବଢ଼ିବ ।

ଏତକ ଉପକ୍ରମ ଦେଇ କୁମାରୀ ଲୁସିଫର କଥାର ମୋଡ଼ ବଦଳାଇଲେ । ମନ୍ଦିରଆଡ଼କୁ ହାତ ଦେଖାଇ କହିଲେ ; ଦେଖ, ଦେଖ, କେତେ ଲୋକ ରୁଣ୍ଡ ହୋଇଛନ୍ତି । ସମସ୍ତେ ଖୁସି ଯେ ତାଙ୍କ ଠାକୁର ପ୍ରତ୍ୟକ୍ଷ ଦେବତା ବୋଲି ପ୍ରମାଣ କରିଛନ୍ତି ।

ଲୁସିଫର ପାଞ୍ଚ ବର୍ଷ ହେଲା ଅମର୍ଦାରୋଡରେ ରହିଛନ୍ତି । ଗବେଷଣାରତ, ପ୍ରମାଣକରିବେ, ଅତ୍ୟାଧୁନିକ ମାର୍କିନ ସଭ୍ୟତାର କେତୋଟି ଅଙ୍ଗ ଗାଉଁଲି ଭାରତୀୟ ଆଧ୍ୟାତ୍ମିକତାର ଅଂଶ ହୋଇଯାଇଛି । ସେ ପ୍ରମାଣ କରିବେ ଭାରତୀୟ ସଭ୍ୟତା ଆଢୁରେ ବସ୍ତୁବାଦ, ଧର୍ମ ଗୋଟିଏ ଆବରଣ ମାତ୍ର ।

ଆଜିକାଲି ଗବେଷଣା କରିବାପାଇଁ ଆମ ଦେଶର ଗାଁ ଗହଳରେ ବିଦ୍ୱାନ ଓ ବିଦୁଷୀ ବିଦେଶୀମାନେ ବୁଲୁଛନ୍ତି । ଯୁକ୍ତି ଆପଣ ନୂଆ ହାଓ୍ୱା

କହିପାରନ୍ତି । ଆମ ଗାଁ ଲୋକେ ଚିଡ଼ିଆଖାନାର ଜୀବଭଳି ଦିଶନ୍ତି । ସେମାନଙ୍କ ହାବଭାବ ଲୋହିତ ଭାରତୀୟ ସ୍ତରର । ହୋଇପାରେ ଯେ ସହରୀ ମାର୍କିନ ଜୀବନର ବସ୍ତୁବାଦୀ ହାଓ୍ୱାରେ ବ୍ୟତିବ୍ୟସ୍ତ ହୋଇ ଆମ ଦେଶର ନୈସର୍ଗିକ ପ୍ରକୃତି ମଧ୍ୟରେ କିଛି ଦିନ କଟାଇବାକୁ ସେମାନେ ଚାହାଁନ୍ତି । ଛୁଟିଟାକୁ ଅର୍ଥକରୀ କରିବାପାଇଁ ଗବେଷଣା ଗୋଟିଏ ଛଳ ହୋଇଥାଇପାରେ ।

ଲୁସିଫରଙ୍କ ଗବେଷଣାର ଫଳ ଶୁଣିବାକୁ ଭଲଲାଗେ । ଯୁକ୍ତି, ପୁଣି ବିଦେଶୀୟ । ସମସ୍ତଙ୍କୁ ଭଲ ଲାଗିବା କଥା । କିନ୍ତୁ ଲୁସିଫର ଏ କଥା ମାନନ୍ତି ନାହିଁ । ସେ କହନ୍ତି ସବୁ ପୁରୁଷଙ୍କ ଦେହରେ ତ ସମାନ ଘଟଣା ଘଟେ ନାହିଁ । ଯେଉଁମାନଙ୍କ ଦ୍ରର୍ମୀନ ଷରଣ ଶତକଡ଼ା ୨୯ ରୁ କମ୍ ହୁଏ ସେମାନଙ୍କ ଭିତରେ ନାରୀତ୍ୱ ଲୁଚି ରହିଛି, ସେମାନେ ଈର୍ଷା କରିବେ ।

ଲୁସିଫରଙ୍କ ଗବେଷଣାଗୁଡ଼ିକ ଯୌନଧର୍ମୀ । ସେ ଆଗରୁ ପ୍ରମାଣ କରିଛନ୍ତି ଯେ ଭାରତରେ ପାଠଶାଳାରେ ଯୌନଶିକ୍ଷା ଦେବା ଦରକାର ନାହିଁ । ଏକାନ୍ନବର୍ତ୍ତୀ ପରିବାରର ବୟସ୍କ ଲୋକେ ଜାଣତରେ ଅଜାଣତରେ ଏହି ଶିକ୍ଷା ଦେଇଥାଆନ୍ତି । ତେଣୁ ପ୍ରେମ ବୋଲି ଗୋଟିଏ ଜିନିଷ ଗାଁର ପିଲା ଜାଣେ ନାହିଁ । ଏକପତି ବା ଏକପତ୍ନୀ ଜୀବନ ଯାପନ କରିବା ଅସହ୍ୟବୋଧ ହୁଏ ନାହିଁ । ଭାରତୀୟ ସହରମାନଙ୍କରେ ଏହି ଶିକ୍ଷାର ଅଭାବଯୋଗୁ ପାଶ୍ଚାତ୍ୟ ଦେଶ ଭଳି ଅଣବୈବାହିକ ସମ୍ପର୍କ ବଢ଼ୁଛି, ଯୌନ ଅପରାଧ ବଢ଼ୁଛି ।

ଆଜି ଲୁସିଫର ସେ ବିଷୟରେ କିଛି ଦେଖାଇବେ ବୋଲି ଡାକ ଆଣିନାହାନ୍ତି । ସେ ଦେଖାଇବେ ଭାରତୀୟ ଜୀବନରେ ଆଉ ଗୋଟିଏ ମାର୍କିନ ସ୍ତୁପ । କିମ୍ବା ମାର୍କିନ ପରିପ୍ରେକ୍ଷୀରେ ଭାରତୀୟ ଘାନ୍ତର ବସ୍ତୁର ।

କଥାବାର୍ତ୍ତା ଛଳରେ ମୁଁ ବହୁବାର ଯୁକ୍ତିତର୍କ କରିଛି । ମାର୍କିନ ମହିଳାମାନଙ୍କ ଚରିତ୍ର ନାହିଁ । ଆର୍ଟିଫିସିଆଲ୍ ଇନ୍‌ସେମିନେସନ, କୃତ୍ରିମ ପ୍ରଜନନ, ଆମ ଦେଶରେ ଗୋରୁଗାଈଙ୍କ ଭିତରେ ମଣିଷ ପୂରେଇଛି । ଆମେରିକାରେ ପରପୁରୁଷଠାରୁ ଶୁକ୍ରଦାନ ନେଉଥିବା ମହିଳାମାନଙ୍କ ସଂଖ୍ୟା କମ୍ ନୁହେଁ । ନିର୍ଲ୍ଲଜ ସ୍ୱାମୀମାନେ ତାହା ଗ୍ରହଣ କରିଥାନ୍ତି । କେବଳ ତେତିକ ନୁହେଁ, ଡଲାର ଲୋଭରେ କେତେକ ମହିଳା ନିଜର ଜରାୟୁକୁ ଭଡ଼ାରେ ଲଗାଉଛନ୍ତି । ଅନ୍ୟ ଦମ୍ପତ୍ତିର ଭ୍ରୂଣ ବଢ଼ାନ୍ତି ।

ଲୁସିଫର୍ କହନ୍ତି, ସେମାନେ ବଡ଼ ପ୍ରାକ୍ଟିକାଲ । ବିଭା ହେବାର ଉଦ୍ଦେଶ୍ୟ ଆଉ କଣ କି ? ସନ୍ତାନ ଜନ୍ମ ତ ? ଯଦି ଦୁହିଁଙ୍କ ମଧ୍ୟରେ ଇନ୍‌କମ୍ପାଟିବିଲିଟି ମାନେ ଅମେଳ ହେଲା, ଆଉ ଗୋଟିଏ ବାହାହୁଅ, କିମ୍ବା ଅନ୍ୟ କାହାଦ୍ୱାରା ସନ୍ତାନ ଧାରଣ କରାଅ ।

କାହିଁକି ? ମୁଁ ପଚାରିଲି । ଅନ୍ୟର ପିଲାକୁ ନିଜର କରି, ବାପା ମା' ହେଉଣ୍ଡ ପିଲାଙ୍କୁ ନେଇ ବହୁତ ଦମ୍ପତି ତ ସୁଖୀ ହେଉଛନ୍ତି ।

ହିଁ । ଅନାଥପିଲାଙ୍କୁ ନିଜର କରିବା ତ ବଢ଼ି ଚାଲିଛି । ଲୁସିଫର୍ ବୁଝାନ୍ତି । ଯେତେ ହେଲେ ନିଜର ରକ୍ତ ସମ୍ପର୍କ, ଆଉ ଅନ୍ୟର ପିଲା—ଏଥିରେ ପ୍ରଭେଦ ନାହିଁ ? ଅନ୍ତତଃ ଦୁନିଆ ଜାଣିବା କଥା ଯେ ପିଲାଟି ଏହି ବାପା ମା'ଙ୍କର ।

କହୁଁ କହୁଁ ଲୁସିଫର୍ କହି ପକାଇଲେ, ଆପଣଙ୍କ ଦେଶରେ ବି ଏହି କାରଣରୁ ଲୁଚେଇ ଛପେଇ ପରପୁରୁଷଙ୍କ ଦ୍ୱାରା ସନ୍ତାନ ଲାଭର ବ୍ୟବସ୍ଥା ଅଛି । ପର ସ୍ତ୍ରୀ ଦ୍ୱାରା ସନ୍ତାନଲାଭ କୌଣସି ସମାଜରେ ଗ୍ରହଣ-ଯୋଗ୍ୟ ହୋଇ ନାହିଁ ; ଆପଣଙ୍କ ଏଠି ବା ହୁଅନ୍ତା କିପରି ?

ଲୁସିଫର୍ କଣ ଗୁଡ଼ାଏ କହୁଛନ୍ତି ଭାବୁ ଭାବୁ ମୋତେ ଜଣାଗଲା, ସେ ଆମର ସାମାଜିକ ଚଳଣି ବିଷୟରେ କିଛି କଟୁ-ମନ୍ତବ୍ୟ ଦେଲେ । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ଆପଣ ଏ କଣ କହୁଛନ୍ତି ? କିଏ କେଉଁଠି ଅବା ପରିସ୍ଥିତିର ଖାପରେ ପଡ଼ି ଏମିତି କରିଥିବ, କିନ୍ତୁ ସାମାଜିକ ବ୍ୟବସ୍ଥା ଅଛି ବୋଲି କିଏ କହିଲା ?

ଅପେକ୍ଷା କରନ୍ତୁ । ସମୟ ଦେଖି ମୁଁ ପ୍ରମାଣ କରିଦେବି । ଲୁସିଫର୍‌ଙ୍କ କଥାରେ ଦୃଢ଼ତାର ଇଙ୍ଗିତ ଥିଲା ।

ଅମର୍ଦ୍ଦାର ପ୍ରତି ଘର, ପ୍ରତି ଗଳି ମିଷ୍ ଲୁସିଫର୍ ଜାଣନ୍ତି । ପାଞ୍ଚ ବର୍ଷ କିଛି ଅଳ୍ପ ସମୟ ନୁହେଁ । ଅନ୍ୟ ଘରମାନଙ୍କୁ ଯେମିତି ଚିହ୍ନନ୍ତି, ଜନାର୍ଦ୍ଦନ ବେହେରାର ପରିବାରକୁ ସେମିତି ଚିହ୍ନନ୍ତି କହିଲେ, କଥାଟାର ଓଜନ କମିଯିବ । ସେ ଜନାର୍ଦ୍ଦନ ସହିତ ଖୁବ୍ ମିଳାମିଶା କରନ୍ତି । ଜନାର୍ଦ୍ଦନ ମଧ୍ୟ

ବିଦେଶୀମାର କିନ୍ତୁ କୁହୁକ କାଳେ କାମ କରିପାରେ ସେ ଆଶାନେଇ ଲୁସିଫର୍‌ଙ୍କ ସହିତ ମିଶିଛି । ସତ କହିବାକୁ ଗଲେ, ଲୁସିଫର୍‌ର ଓଡ଼ିଆ ଶିକ୍ଷା ସହଜ ହୋଇଛି ଜନାର୍ଦ୍ଦନ ପରିବାର ସହିତ ଘନିଷ୍ଠ ହେବା ପରେ । ଜନାର୍ଦ୍ଦନର ଗାଉଁଲି କଥାବାର୍ତ୍ତାର ଗୋଟିଏ ମାର୍ଜିତ ସଂସ୍କରଣ ଲୁସିଫର୍‌ଙ୍କ ମୁହଁରୁ ମିଳେ ।

ମିସ୍ ଲୁସିଫର୍ ଅମର୍ଦ୍ଦାବେଡ଼କୁ ଆସିବାର ଦୁଇ ବର୍ଷ ଆଗରୁ ସୁନ୍ଦଶ୍ରୀ ଜନାର୍ଦ୍ଦନର ଘରକୁ ଆସିଛି । ସେତେବେଳେ କି ଜାକଯମକ ? ଜନାର୍ଦ୍ଦନର ବାପା ଗୋଟିଏ ବୋଲି ପୁଅର ବାହାଘର ପାଇଁ ଖୁବ୍ ଖର୍ଚ୍ଚ କରିଥିଲେ । ବାଛି ବାଛି ବୋହୂ ଆଣିଥିଲେ । ଗୋଟିଏ ଖୁଣ୍ଟଲରେ ଗଢ଼ା । ଲୁସିଫର୍ ତ ଶେତା ଦେଖାଯା'ନ୍ତି, ତା'ର ଦେହଗଣ୍ଠା ଗୋରା । ବାପା ମା କଣ ମିଛରେ ନାଁ ଦେଇଛନ୍ତି ସୁନ୍ଦଶ୍ରୀ ? କେବଳ ଦେହବର୍ଣ୍ଣ କାହିଁକି; ଘରପାଇଟି କରିବାରେ ସୁନ୍ଦଶ୍ରୀଠାରୁ ସୁନ୍ଦର କାମ ଆଉ କେହି କରିପାରିବ ନାହିଁ ।

କିନ୍ତୁ ଦୁଃଖ ରହିଗଲା । ଜନାର୍ଦ୍ଦନର ଘର ଖାଲି ଖାଲି ଲାଗୁଛି । ବାପାଙ୍କ ମନ କଷ୍ଟ । ଗୋଟିଏ ନାତି କି ନାତୁଣୀ ଦେଖିପାରିଲେ ନାହିଁ । ମା ଗେଲ କରିବାକୁ ଚିଲାଟିଏ ପାଇଲେ ନାହିଁ । ଜନାର୍ଦ୍ଦନ ମରିଗଲେ ତା' ପାଇଁ ପିଣ୍ଡ ଦେବାକୁ ତା କୁଳରେ କେହି ନାହିଁ ।

ଲୋକେ ବର୍ଷେ ବି ଅପେକ୍ଷା କଲେ ନାହିଁ । ବର୍ତ୍ତିଲା ବୋହୂଟା ବର୍ଷେ କଣ ମ ? ଦଶ ମାସ ତ ଯଥେଷ୍ଟ । ଆଜିକାଲି ବୋହୂମାନେ ତ ପେଟରେ ନେଇ ଶାଶୁଘରେ ପଶୁଛନ୍ତି । ଯୁ'ର କିଛି ଗୋଟାଏ ଦୋଷ ରହିଯାଇଛି ।

ଏଣିକି କିଏ କେତେ କଥା କହିଲେ । ସମୟ ଯେତେ ଗଡ଼ିଲା, ସୁନ୍ଦଶ୍ରୀ ପ୍ରତି ଗାଁ ଲୋକଙ୍କ ବିଶେଷତଃ ସ୍ତ୍ରୀ ଲୋକମାନଙ୍କ ବ୍ୟବହାର ତେତେ ଅସୁନ୍ଦର ହେଲା । ସେ ଗୋଟିଏ ଅଲକ୍ଷଣୀ ।

ମା ଯେ ନ ହୋଇପାରିଲା, ତା ଜୀବନ ଧିକ । ବାଂଝବୋଲି ଅନ୍ୟ ଘରର ବୋହୂ ମୁହଁ ମୋଡ଼ିଦେଲେ । କେହି କୁଆଡ଼େ ଯିବାର ଥିଲେ, ସୁନ୍ଦଶ୍ରୀର ମୁହଁକୁ ଯେପରି ନ ଦେଖନ୍ତି ତାର ବ୍ୟବସ୍ଥା କଲେ । ଯଦି ଦୈବାତ୍

ସୁନ୍ଦରୀ ସେ ସମୟରେ ବାହାରିପଡ଼ିଲା, ତାକୁ ଗାଳି ମିଳିଲା । ଲୋକେ ଛି ଛାକର କଲେ ।

ସୁନ୍ଦରୀ କିମ୍ବା ଜନାର୍ଦ୍ଦନ ଯେ ଚୁପ୍‌ଚାପ୍ ରହିଗଲେ, ତା ନୁହେଁ । ଭଗବାନ ଯାହାକୁ ଯେମିତି ଦେଇଛନ୍ତି, ଏ ଉତ୍ତର ଦେଇ ସମସ୍ତଙ୍କୁ ଚୁପ୍ କରୁଥିଲେ । ହେଲେ ମନ ମାନୁ ନ ଥିଲା । ଗାଁରେ ଯିଏ ଯାହା କହିଲା, କଲେ । ମନ୍ତ୍ରଯନ୍ତ୍ର ଗୁଣିଗାରେଡ଼ି, ଭୁଟୁକାମୁଟୁକା । ଗାଁ ବୈଦ୍ୟ, ପାଖ ଗାଁର ହୋମିଓପାଥି ଡାକ୍ତର, ବ୍ଲକ ଅଫିସ ପାଖ ପ୍ରାଥମିକ ଚିକିତ୍ସାକେନ୍ଦ୍ର-ସମସ୍ତଙ୍କ ପାଖକୁ ଯାଇଛନ୍ତି । ସମସ୍ତଙ୍କ ଔଷଧ ନିସ୍ଫଳ । କେଳା କେଳୁଣୀ, ଶବର ଶବରୁଣୀ, ଯୋଗୀ, ସାଧୁ ସନ୍ଥ, ଯେତେ ସବୁ ଗାଁକୁ ଆସିଲେ, ସେମାନଙ୍କ ସାଙ୍ଗରେ ଚୁପ୍‌ଚାପ୍ ପରାମର୍ଶ । ବଜରଙ୍ଗବଳିଙ୍କ ମୁଣ୍ଡରେ ମଣିଷମୁଣ୍ଡ ବୋଲିଲେ । ଭିକାରୁଣୀ ବୁଢ଼ୀ ହାତ କୋଉ ପୁତ୍ରବତୀ ବୋଉର, କୋଉ ସୁଲକ୍ଷଣୀ ଝିଅର ରଜସିକ୍ତ କନା ଚୋରିକରାଇ ଆଣି ସୁନ୍ଦରୀ ପିନ୍ଧିଲା । ସବୁ ବିଫଳ ।

ଲୁସିଫରଙ୍କ ସମ୍ପର୍କରେ ଆସିବା ପରଠାରୁ ସେମାନେ ଗାଉଁଲିଭୁଟୁକା ଛାଡ଼ିଦେଇଛନ୍ତି । କଟକ କିମ୍ବା କଲିକତା ଯାଇ ପରୀକ୍ଷା କରିଆସ । ଲୁସିଫର୍ ବୁଝାଇଛନ୍ତି । ସେମାନେ କହିଦେବେ ପିଲା କାହିଁକି ହେଉ ନାହିଁ । ଜରାୟୁ ଫଲୋପିଆନରେ ଦୋଷ ଥିଲେ ସେମାନେ ସଂଶୋଧନ କରିଦେବେ ।

କଟକ ଯିବାକୁ ସୋମବାର ଠିକ୍ ହୋଇଯାଇଥିଲା । ଜମି କିଛି ବନ୍ଧକ ପକାଇ ଟଙ୍କା ଯୋଗାଡ଼ କରିବାରେ ଜନାର୍ଦ୍ଦନ ବ୍ୟସ୍ତଥିଲା । ଏତିକିବେଳେ ଗାଁର ନବପ୍ରଧାନ କହିଲା, ଏଇଥିକି ଏତେ ବାଉଳା ? ଗୌଡ଼େଶ୍ୱର ମହାଦେବଙ୍କ ପାଖରେ ଅଧିଆପଡ଼ । ଯଦି ଠାକୁରେ ନ ସପନେଇଲେ, ଜାଣିବୁ ତୋ ଭାଗ୍ୟରେ ନାହିଁ ।

ସତେ ? ଆଶ୍ଚର୍ଯ୍ୟ ହୋଇ ଜନାର୍ଦ୍ଦନ ପଚାରିଲା ।

କାହିଁକି ? ତୁ ଶୁଣି ନାହୁଁ କି ବଡ଼ବାଉଁଶୁଣୀ ଗାଁର ନବବୋଉ କଥା ? ତା'ର କିମିତି ଛୁଆ ହେଲା ? ଖାଡ଼ା ଖାଡ଼ା ତିନି ମାସ ଅଧିଆ । ମେଷ ମାସରେ ନିର୍ଜଳା ଉପବାସ । କେବଳ ଠାକୁରଙ୍କ ପ୍ରସାଦ ଯାହା କିଛି

ପୂଜାଶ୍ରୀ ହିଏ, ତେଣିକି । ପ୍ରାଣ ହାରିଦେବ ବୋଲି ଠିକ୍ କରିଥିଲା ପରା ? ଦିନେ ରାତିରେ ସପନ ହେଲା । ଏବେ ଦେଖୁନୁ ତା' କୋଳରେ ମହାଦେବଙ୍କ ଭଳି ପୁଅଟି ଖେଳୁଛି ନା ନାହିଁ ?

ଜନାର୍ଦ୍ଦନ ଟିକେ ଗୁମ୍ ମାରି ରହିଯିବା ଦେଖି ନବପଧାନ କହିଲା, ଆମ ପୁରାଣ କଥା ସବୁ ଶୁଣି ନାହୁଁକି ? ଯଜ୍ଞରୁ ଫଳ ବାହାରିବ, ରାଣୀମାନେ ଖାଇବେ, ପରାକ୍ରମଶାଳୀ ରାଜକୁମାରମାନେ ଜନ୍ମହେବେ । ତୁ ତ ଆଉ ଯଜ୍ଞ କରିବୁ ନାହିଁ ? କିନ୍ତୁ ଗୌଡ଼େଶ୍ୱର ପ୍ରତ୍ୟକ୍ଷ ଦେବତା । ମହାଦେବ ପରା । ତପେ ବର, ନ ହେଲେ କୋପେ ବର ।

ସେହିଦିନ ନିଧିମ ଅନ୍ଧାରରେ ଗୋଟିଏ ମିଞ୍ଜିମିଞ୍ଜି ଆଲୁଅ ଦେଖାଦେଲା । ଜନାର୍ଦ୍ଦନର ଆପତ୍ତି ନାହିଁ । ସୁନ୍ଦରୀ ଅଧିଆ ପଡ଼ିବ । ଠାକୁରଙ୍କୁ ଧମକାଇବ । ଏମିତି ନଳଠା ଜୀବନ ରଖି ସମସ୍ତଙ୍କଠୁ ଛି ଛାକର ଶୁଣିବାଠାରୁ ଉପାସରେ ମରିଯିବା ଭଲ । ପୁଣି ଠାକୁରଙ୍କ ପାଖରେ ତ ମରିବ, ଆଉ କେଉଁଠି ନୁହେଁ ।

ପ୍ରଥମେ ପ୍ରଥମେ ଜନାର୍ଦ୍ଦନ ଖାଇବା ଜିନିଷ ଆଉ ପାଣି ଧରି ଯାଉଥିଲା; ସକାଳେ, ଖରାବେଳେ ଆଉ ରାତିକୁ ।

ଘର ତିଆରି ଜିନିଷ ଖାଇ ଦିବ୍ୟଶକ୍ତି ମିଳିବ ନାହିଁ । ପୂଜକ ନନା ଦିନେ କହିଲେ ନିଷ୍ଠାରେ ରହିବାକୁ ପଡ଼ିବ । ଗୁଡ଼ଦେ, ସେ ଭୋଗ ଖାଇ ରହୁ । ବାହାର ଜିନିଷ ଯେପରି ନ ଛୁଏଁ ।

ଜନାର୍ଦ୍ଦନ ମନ୍ଦିରକୁ ଯିବାବନ୍ଦ କରିଦେଲା । ଠାକୁରଙ୍କ ଦୟାପାଇଁ ସୁନ୍ଦରୀ ମଧ୍ୟ ନନାଙ୍କୁ ବହୁତ ଅନୁନୟ ବିନୟ କରିଛି ।

ନନା ବହୁତ କଥା ବତାଇଛି । ସୁନ୍ଦରୀକୁ ବିଶ୍ୱାସ ଦେଇଛି । ମାସର ଖରାପ ପାଞ୍ଚଦିନ ଦୂରରେ ରହିବ । ଅନ୍ୟଦିନରେ ଶୁଦ୍ଧପୂତ ଦେହ ମନ ନେଇ ଅଧିଆ ପଡ଼ିବ । ମହାଦେବ ତ ଲୋକଙ୍କ ଆଗରେ ବାହାରିବେ ନାହିଁ ? ରାତି ଅଧରେ ନିଶା ଗର୍ଜୁଥିବାବେଳେ ସେ ବାହାରିବେ । ପୁରାଣ ଶୁଣିଛୁ ନା ? ପାର୍ବତୀ କିମିତି ଶିବଙ୍କୁ ପାଇଲେ ? ପାର୍ବତୀଙ୍କ ତପସ୍ୟାରେ

ତରଳି ଯାଇ ଦେବଦେବ ମହାଦେବ ତାଙ୍କୁ କୋଳରେ ବସାଇ ନିଜର କରିନେଲେ । ପାର୍ବତୀଙ୍କ କାର୍ତ୍ତିକ ଭଳି ପୁଅ ହେବ ନାହିଁ ତ ଆଉ କାହାର ହେବ ?

ଲୁସିଫର୍ କହିଲେ, ଆଜି ସୁନ୍ଦରୀର ଅଧିଆ ସଫଳ ହୋଇଛି ବୋଲି ସମସ୍ତେ କହୁଛନ୍ତି । ସେଥିପାଇଁ ଧୂମଧାମ ପୂଜାହୁଉଛି ।

ଏହି ପୂଜା ଦେଖାଇବାକୁ ଲୁସିଫର୍ ମୋତେ ଟାଣି ନେଉଥିଲେ । ମନ୍ଦିର ଯେତେ ପାଖ ହେଉଥାଏ, ଭିଡ଼ ତେତେ ବେଶୀ । ଆଉ ଗୌଡ଼େଶ୍ୱରଙ୍କ ଜୟଧ୍ୱନି ତେତେ ଉଚ୍ଚ ଶୁଣାଯାଉଥାଏ ।

ମନ୍ଦିର ଦ୍ୱାରରେ ପୂଜକ ଗାରଦର୍ପରେ ଠିଆ ହୋଇଥା'ନ୍ତି । ତାଙ୍କର ରୁଆବ୍ ବଢ଼ିଯାଇଛି ।

କସ୍ତାମରା ଧୋତି । ଅଣ୍ଟା ଗୁଡ଼ିପଟେ ବଳିଲ୍ ବଳିଲ୍ ଲୁଗାର ଚଉତ । ଉର୍ଦ୍ଧ୍ୱ ଅଙ୍ଗସବୁ ମୁକୁଳା, କାର୍ତ୍ତିକପରି ଚେହେରା ।

ଏ ପୂଜକ ଜାତିଟିକୁ ମୋର ଈର୍ଷାହୁଏ । ଟିପ ମାରିଦେଲେ ଘିଅ ବୋହି ପଡ଼ିବ । ମନହୁଏ ଏମିତି ପୂଜାରୀ କୁଳରେ ଜନ୍ମ ହୋଇଥା'ନ୍ତି କି ? ମନ୍ଦିର ବେଢାରେ ସବୁବେଳେ ଗୁଇରେ କାମ, ପ୍ରସାଦ ନାମରେ ଚଉସ୍ତ୍ରଖିଆ ଠାକୁର ନାଁରେ ଭେଜାଲ୍ ନାହିଁ । ସ୍ୱାସ୍ଥ୍ୟ ଖରାପ ହେବ କାହିଁକି ? ଖରାତରାରେ ଖଟଣି ନାହିଁ, ଚେହେରା କଳା ହେବ କାହିଁକି ? ବାଜେ ଜିନିଷ ତ ନାହିଁ, ଅକାଳବାର୍ଦ୍ଧକ୍ୟ ହେବ କାହିଁକି ?

ନାତିପ୍ରୌଢ଼ ପୂଜକର ଖୋଲାଚଉଡ଼ା ଗୁଡ଼ି ତାର ଗର୍ବର ଗୋଟିଏ ବଡ଼ ଛବି ଭଳି ଦିଶୁଥାଏ । ଦେଖା ନ ଯିବ ବା କାହିଁକି ?

ଲୁସିଫର୍ କହିଲେ, ତାଙ୍କ ପୂଜକତ୍ୱରେ ବନ୍ଧ୍ୟାମାନେ ଜନନୀ ହେବା ଘଟଣା ଟେଷ୍ଟଟ୍ୟୁବ୍ ବେବି ଘଟଣାଠାରୁ ବେଶୀ ଐତିହାସିକ ନୁହେଁ କି ? ଗାଁ ଗହଳରେ କୃତ୍ରିମ ପ୍ରଜନନ ଯୋଜନାରେ ତାଙ୍କର ଅବଦାନ ତ କମ ନୁହେଁ ? ଏଥିରେ ପୁଣି ଧର୍ମର ଦାହି ଅଛି ।

* * *

# ଅତଥାଗତ

ମୁଁ ଜଣେ କରାଣି । ନାଁ, ଗାଁ କହିବା କ'ଣ ଦରକାର ? ପଣ୍ଡିତମାନେ ଯେଉଁ ଅମଲାତନ୍ତ୍ରକୁ ଗରିବ ହଟାଓ କାର୍ଯ୍ୟକ୍ରମର ଅନ୍ତରାୟ ବୋଲି କହିଛନ୍ତି ସେହି ଅମଲାତନ୍ତ୍ରର ମୁଁ ଗୋଟିଏ ଅଂଶ ।

ଯେଉଁ ଦେଶରେ ଶତକଡ଼ା ନବେ ଜଣଙ୍କୁ ଦି' ବକତ ଭଲକରି ଖାଇବାକୁ ପାଆନ୍ତି ନାହିଁ, ସେ ଦେଶରେ ପିଅନ ଚାକିରିଟିଏ ପାଇଲେ ବି ଲୋକ ମଧ୍ୟବିତ୍ତ ଶ୍ରେଣୀକୁ ଉନ୍ନୀତ ହୋଇଯାଏ । ତେଣୁ ସେ ଲୋକ ଗରିବର ବ୍ୟଥା ଜାଣିବା ଅବସ୍ଥାରେ ରହିଲା ନାହିଁ । ଦାରିଦ୍ର୍ୟ ସୀମାରେଖା ଉପରକୁ ଚାଲିଗଲ ମାନେ ତୁମେ ରେଖାତଳେ ଥିବା ଲୋକଙ୍କ କଥା ଭୁଲିଗଲ । ଯେଉଁ ଲୋକପ୍ରତିନିଧିମାନେ ବା ଅଧ୍ୟାପକମାନେ ଏ କଥା କହନ୍ତି, ସେମାନେ ତ ଅୟସ କରୁଥିବା ଶ୍ରେଣୀର ଲୋକ, ସେମାନେ ଗରିବ କ'ଣ ଚାହେଁ ଜାଣିଲେ କପରି ? ଲୋକଙ୍କ ଭିତରେ ଥରେ ଅଧେ ବୁଲି ଆସି ଯଦି ସେମାନେ ସବୁ ଜାଣିଲେ, ତେବେ ଗରିବ ଶ୍ରେଣୀରୁ ମଧ୍ୟବିତ୍ତ ଶ୍ରେଣୀକୁ ସଦ୍ୟ ଉନ୍ନୀତ ହୋଇଥିବା କରାଣି କାହିଁକି ଜାଣିପାରିବ ନାହିଁ ? କି ଅନୁଭବ କରିପାରିବ ନାହିଁ ?

ମୁଁ ଗୁଡ଼ାଏ ସୁଁଡୁସାଡୁ ବକୁଛି ବୋଲି ଭାବୁଥିବେ । ମୁଁ କିନ୍ତୁ ସୁଁଡୁସାଡୁ କହୁ ନାହିଁ । ମୋର କହିବାର କଥା କେବଳ ପଣ୍ଡିତ ବା ଗବେଷକମାନେ ନୁହନ୍ତି, ନିଜର ପରିବାରର ଲୋକେ ନିଜର ବାପା, ମା', ମଧ୍ୟ ଭାବନ୍ତି ଯେ ପିଲାଟା ଚାକିରିଟାଏ ପାଇଗଲା ମାନେ ଗରିବ ବାପା ମାଙ୍କ କଥା ବୁଝିପାରିବ ନାହିଁ । ଫକୀରମୋହନ ସେନାପତି ତାଙ୍କ ଡାକମୁନ୍‌ସି

ପରେ ଏ କଥାଟାକୁ ମାଜି ଆହୁରି ମୋଟା କରିଦେଲେ । ଅସଲ କଥା ହେଉଛି, ଶାଗୁଆଖିଆକୁ ପେଜଖିଆ ଦେଖିପାରେ ନାହିଁ । ଯଦି ଟିକିଟା ଟିକେ କେଉଁଠି ଚେର ଲଗାଇଲା, ତା' ଉପରେ ସମସ୍ତେ ଲଦି ହୋଇଯିବେ । ସେ ଓଲଟି ପଡ଼ୁ, ସେଥିରେ ଯାଏ ଆସେ ନାହିଁ । ସେମାନେ ଜାଣନ୍ତି ଆମ ସାମାଜିକ ଜୀବନରେ ଲୋକଲଜ୍ୟାକୁ ନ ଡରେ କିଏ ? ଲୋକେ କ'ଣ କହିବେ ଏହି ଭୟରେ ପୁଅ ନିଜକୁ ଶୁଖାଇ ବାପା ମା'ଙ୍କୁ ବଞ୍ଚାଇବ ।

ମାଯ୍ନାଧର ମୋ ପାଖରେ ମୁହଁ ଖୋଲି କହିଲାଦିନୁ ଏହି ସତ୍ୟରେ ମୁଁ ଉପନୀତ ହେଲି । ଆପଣ କହି ପାରନ୍ତି; ମୁଁ ତ ଗୋଟିଏ କରାଣି, ଆଉ ଗୋଟିଏ କରାଣି ମୁହଁରୁ ନ ଶୁଣିଲା ଯାଏ, ଏ ସତ୍ୟ ମୁଁ ନିଜେ କାହିଁକି ଆବିଷ୍କାରକରି ନ ପାରିଲି ?

ମୋର ପରିସ୍ଥିତି ଭିନ୍ନ । ତେଣୁ ଅନୁଭବ ବି ଭିନ୍ନ । ମୋ ଭଳି ଭାଗ୍ୟବାନ ଲୋକ ଖୁବ୍ କମ୍ ଅଛନ୍ତି । ଭଗବାନ ମୋର ଗୁରୁ ଦାଉଡ଼ି ରଖିନାହାନ୍ତି । ଭୁଲ୍ ବୁଝିବେ ନାହିଁ, କଥା ନୁହେଁ । ମୁଁ ଏକଲା, ମୋ ଘରର ମୁଁ ହିଁ ମାଲିକ । କାହାକୁ ଯେ କିଛି ଦେବାକୁ ପଡ଼ିବ, ଏ ପର୍ଯ୍ୟନ୍ତ ଅଙ୍ଗେ ଲିଭାଇ ନାହିଁ । ବହୁତ ପ୍ରସ୍ତାବ ଆସିଛି, ଦୁଇ ହାତ ହୋଇ ନାହିଁ । ଅପେକ୍ଷା କରିଛି, କେଉଁଠୁ ଖଣ୍ଡେ କୋଠା ସହିତ କନ୍ୟାରତ୍ନ ମିଳିଯିବ । ଭଉଣୀ, ପିଉସୀ ଆଦି ଯେଉଁମାନେ ଅଛନ୍ତି, ସମସ୍ତେ ମୋ' ଠାରୁ ବଡ଼ ଓ ବିବାହିତା । ତେଣୁ ମୋ ଦରମା ଉପରେ କାହାରି ନଜର ନାହିଁ ।

କିନ୍ତୁ ମାଯ୍ନାଧର ? ଦୁଇ ଭାଇ, ଦୁଇ ଭଉଣୀ ଭିତରେ ସେ ସବୁଠୁ ବଡ଼ । ଯାଜପୁରର ସହରତଳି ଅଞ୍ଚଳରେ ଘର । ଆଗରୁ ବାପା ସୁନାରୁପାର ଦୋକାନ କରିଥିଲେ । ଜମିବାଡ଼ି ଥିଲା । ଗୁଡ଼ାଏ ବଦଖର୍ଚ୍ଚ କରି ସେ ଜୀବନ ସଂଗ୍ରାମରେ ପରାସ୍ତ ହୋଇଗଲେ । ଜମିବାଡ଼ି ଆସ୍ତେ ଆସ୍ତେ ବିକ୍ରି ହୋଇଗଲା । ଯେଉଁ ସମାଜରେ ଶତକଡ଼ା ନବେ ଦାରିଦ୍ର୍ୟ ସୀମାରେଖା ତଳେ ସେଠି ସୁନାରୁପାର ଜିନିଷ ପିନ୍ଧିବାକୁ ଲୋକ କାହାନ୍ତି ? ଦୋକାନ ବନ୍ଦ ହୋଇଗଲା । ବାପା ଯେ ଜୀବନ ସଂଗ୍ରାମରେ ହାରି ଗଲେ, ଏ କଥା ସେ ମାନନ୍ତି ନାହିଁ । ପିଲାଗୁଡ଼ିଙ୍କୁ ପଢ଼େଇବାରେ ତାଙ୍କର ସଂପତ୍ତି ସରିଗଲା ବୋଲି ସେ କହନ୍ତି । କିନ୍ତୁ ପଢ଼ା କେତେ ବାଟ ? ଉଚ୍ଚ ପ୍ରାଥମିକ ପରେ ମାଯ୍ନାଧର ମାମୁଁ ଘରେ

ରହି ପଡ଼ିଲା । ଝିଅ-ଦୁହିଙ୍କର ପଢ଼ା ନାସ୍ତି । ସାନ ଭାଇ ସ୍କୁଲ ଆରମ୍ଭ କରୁଛି ମାତ୍ର ।

ମାୟାଧରର ବାପା ପାଗଳ ହୋଇଗଲେ । ମୁଁ ଭାବୁଛି ସେ ଚାଲାକି କଲେ । ଜୀବନ ସଂଗ୍ରାମରେ ହାରିଥିବା ଅନେକ ଲୋକ ପାଗଳ ହୁଅନ୍ତି । ମୁଣ୍ଡ ଭଲ ଅଛି ବୋଲି ଜାଣିଲେ ଲୋକେ ଗାଳିଦେବେ । ନିକମା, କୁଷ୍ମାଣ୍ଡ କହିବେ । ପାଗଳ ହୋଇ ସେ ଏ ସବୁରୁ ରକ୍ଷା ପାଇଯାଇଛନ୍ତି ।

କିନ୍ତୁ ମାୟାଧରର ମାଆ ? ସେ ମୁଢ଼ି ବିକି ଘର ଚଳାଇଲେ । ଶୀଘ୍ର କିପରି କାମ ଖଣ୍ଡେ ପାଇ ମାୟାଧର ଘର ସମ୍ଭାଳୁ ଏହା ତାଙ୍କର ଇଚ୍ଛା ଥିଲା ।

ମାଟ୍ରିକ୍ ପାସ୍ କରିଛି ସେଇ ଯଥେଷ୍ଟ । ଆଉ ଆଗେଇ ଲାଭ ନାହିଁ । ହଜାର ହଜାର ଲୋକ ଯେ ମାଟ୍ରିକ୍ ପାଶ କରିଛନ୍ତି ଏ କଥା ସେ ବୁଝିବାକୁ ନାରାଜ । ପୁତୁରା ବଡ଼ ଅଫିସର । ସେ ଲାଗିଲେ ନିଶ୍ଚୟ ଖଣ୍ଡେ ଚାକିରି କରି ଦେବେ । ଏହି ଧାରଣା ନେଇ ସେ ପୁତୁରା ପଛରେ ସବୁବେଳେ ଲାଗିଲେ । ଆଜି କାଲି ଖୁବ୍ ପ୍ରତିଯୋଗିତା । ଫାଷ୍ଟ ଡିଭିଜନ ପିଲା ଚାକିରି ପାଉ ନାହାନ୍ତି, ଏ କଥା ସେତେ ବୁଝେଇଲେ ବି ସେ ନାଛୋଡ଼ବନ୍ଧା ।

ପୁତୁରା ବାବୁ ଧରାଧରି କରି ମାୟାଧରକୁ ମ୍ୟୁନିସିପାଲିଟିରେ ଗୋଟିଏ ଟେମ୍ପୋରାରି ଚାକିରି କରାଇ ଦେଲେ । ସେ କେତେ ଦିନ ରହନ୍ତା ? ଚକେ ଗଲେ ବାର ହାତ । ପୁତୁରା ବାବୁ ଜିଲ୍ଲାପାଳ ହୋଇ ବାହାରକୁ ଚାଲିଗଲା ପରେ ତାଙ୍କ କଥା ଆଉ ଶୁଣୁଛି କିଏ ? ଜିଲ୍ଲାରେ ଥିଲେ କିଏ ଡରନ୍ତା କି ଖାତିର କରନ୍ତା । ଆଖିରୁ ଅନ୍ତର ତ ମନରୁ ଅନ୍ତର । ମାୟାଧରକୁ ପୁନଃ-ନିଯୁକ୍ତି ମିଳିଲା ନାହିଁ । ପୁତୁରା ବାବୁଙ୍କ ଚେଷ୍ଟାରେ ତା'କୁ କୌଣସି ମତେ ଛଟେଇ ତାଲିକାରେ ରଖାଗଲା । ବାପାର ପାଗଲାମି ପୁଅକୁ ଧରିଲା । ମା ପୁଣି ଦୌଡ଼ିଲେ ପୁତୁରା ପାଖକୁ ।

ଛଟେଇ ତାଲିକାରେ ଥିବାରୁ ତା'କୁ ଅଗ୍ରାଧିକାର ମିଳିଲା । କିଛି ଦିନ ଭିତରେ ଚାକିରିଟିଏ ମିଳିଗଲା । କିନ୍ତୁ ପାଖ ଆଖରେ ନୁହଁ । ଫୁଲ-ବାଣୀରେ ପଶୁପାଳନ ଜିଲ୍ଲା ଅଫିସରେ । ସେଇଠି ମୋର ଦେଖା ତା ସାଙ୍ଗରେ । ମୋ ସାଙ୍ଗରେ ଏକା ମେସ୍‌ରେ ରହିଲା ।

ମାୟାଧର ମୂଳରୁ କେତେ ଗୁଡ଼ିଏ ଭୁଲ କରିଦେଲା । ପ୍ରଥମେ ପ୍ରଥମେ ଚାକିରି କଲାବେଳେ ବୋଧହୁଏ ସମସ୍ତେ ଏହିଭଳି ଭୁଲ କରି ବସନ୍ତି । କେତେ ଜଣ ଖୁବ୍ ଆଦର୍ଶ ଦେଖାନ୍ତି ଏବଂ ପରେ ଏହି ଆଦର୍ଶର ଶିକାର ହୁଅନ୍ତି । ପ୍ରଥମ ଚାକିରି ଆରମ୍ଭ କଲାବେଳେ ନିଜର ଆବଶ୍ୟକତା ନ୍ୟୁନତମ ଥାଏ । ତେଣୁ ସବୁଠୁ ବେଶି ପଇସା ବଞ୍ଚାଇ ହୁଏ । ମାୟାଧର ଏହାର ବ୍ୟତିକ୍ରମ ନ ଥିଲା । ଦେଢ଼ଶହ ଟଙ୍କା ଭିତରେ ନିଜର ଖର୍ଚ୍ଚ ତୁଲାଇ ସେ ଚାରିଶହ ଟଙ୍କା ଘରକୁ ପଠାଇଥିଲା । ଦୁଇ ତିନି ମାସ ଭିତରେ ବାପାଙ୍କ ଠାରୁ ଚିଠି ମିଳିଲା, ତୁ ମ୍ୟୁନିସିପାଲିଟିରେ ଥିଲାବେଳେ ତ ଏହାଠାରୁ ପଚିଶ ଟଙ୍କା ଅଧିକା ପଠାଉ ଥିଲୁ; ଏବେ ସରକାରରେ ରହିଲୁ ବୋଲି କଣ ତୋ ଖର୍ଚ୍ଚ ବଢ଼ିଗଲା କି ?

ମାୟାଧର ମୋତେ ଚିଠି ଦେଖାଇ ପଚାରିଥିଲା, କ'ଣ ଉତ୍ତର ଦେବି କହ ତ ।

ପୁଅ ପାଖ ଉଠେଲାଣି ଦେଖି ବାପାଙ୍କ ପାଗଳାମି ଛୁଡ଼ିଗଲାଣି ଭଳି ମନେ ହେଲା । ମୋ ବୁଝେଇବା ଅନୁଯାୟୀ ସେ ଲେଖିଲା, ଏଠି ମୁଁ ଘରଭଡ଼ା ନେଇ ରହୁଛି, ସେଠି ମ୍ୟୁନିସିପାଲିଟି ଘର ମିଳିଥିଲା । ଏଥିଲାଗି ପଚିଶ ଟଙ୍କା ଅଧିକା ଖର୍ଚ୍ଚ ହେଉଛି ।

ମାୟାଧରର ଖର୍ଚ୍ଚ ବଢ଼ିବା କଥା । ଲୁଗାପଟା କିଣିବାକୁ ପଡ଼ିଲା, ମେସ୍‌ରେ ଆମେ ଆଉ ଭଡ଼ା କଂସାବାସନ ବ୍ୟବହାର ନକରି ନିଜର ବାସନ କୁସନ କିଣି ରଖିବା ବ୍ୟବସ୍ଥା କଲୁ, ମସାଣି ପସାରି କଣା ହେଲା । ଏସବୁ ଆସ୍ତେ ଆସ୍ତେ ହେଲା ସତ, କିନ୍ତୁ ଏ ସବୁର ପ୍ରଭାବରେ ମାୟାଧରର ଖର୍ଚ୍ଚ ବଢ଼ିଗଲା । ଘରକୁ ପଠାଉଥିବା ଟଙ୍କାର ପରିମାଣ ଯେତେ କମ୍ ହେଲା, ଘରୁ ସେତେ କଡ଼ା ଚିଠି ଆସିଲା । କେବଳ କେବଳ ଚିଠିର ଅର୍ଥ ବାହାରିଲା, ସତେ ଯେପରି ମାୟାଧର କାହାରି ପାଲରେ ପଡ଼ିଗଲାଣି । ସେ କାହା ପଛରେ ପଇସା ସାରୁଛି । ମାୟାଧରର ଯେତେ ହିସାବ ଦିଆ ଚିଠି ଘରକୁ ଯାଏ, ଘରୁ ସେତେ ହିସାବ ଦିଆ ଚିଠି ଆସେ । ଆମେ ଯଦି ମାସକୁ ଷାଠିଏ ଟଙ୍କାର ଜିନିଷପତ୍ର କିଣି ସ୍ତ୍ରୀ ଘର ଚଳେଇ ପାରୁଛୁ, ତୁ ଏକୁଟିଆ ଖାଲି ଖାଇବାରେ ଦେଢ଼ଶହ କାହିଁକି ଖର୍ଚ୍ଚ କରୁଛୁ ? ଆମେ ମୋଟା

କସରା ଲୁଗାରେ ଚଳାଇ ଦେଉଛୁ, ତୁ କାହିଁକି ଥରକେ ଦେଢ଼ଶହ ଦୁଇଶହ ଟଙ୍କା କେବଳ ଗୋଟିଏ ଗୋଟିଏ ପେଣ୍ଟ ସାର୍ଟରେ ଖର୍ଚ୍ଚ କରି ଦେଉଛୁ ?

ଅନ୍ୟମାନଙ୍କ ସାଙ୍ଗରେ ସମାନ ଭାବରେ ଚଳିବାକୁ ହେବ ଏଥିଲାଗି ଟିକେ ଆଖି ଦୃଷ୍ଟିଆ ଲୁଗାପଟା କିଣିବାକୁ ପଡ଼ୁଛି , ତୁମେ ଘରେ ଥାଇ ଭାତ ଡାଲି ବାଲରୁ ପାଉଛ , ମୁଁ ତ ପାଉନି—ଏମିତି ଯୁକ୍ତିକରି ମାୟାଧର ଗାଳି ଖାଇଲା ।

ପାଠ ପଢ଼ିଲୁ, ଚାକିରି କଲୁ, ବାପାକୁ ଉତ୍ତର ଦେବୁନି ତ ଦେବୁ କାହାକୁ ? ତୁ ଏଣିକି ଘର ସମ୍ଭାଳେ । ଗୋଟିଏ ଭଉଣୀ ବାହା ହେବାକୁ ହେଲାଣି ତା' ପାଇଁ ତ କିଛି କରିବାକୁ ପଡ଼ିବ । ସାନ ଭାଇଟା ମଣିଷ ହେବା ପର୍ଯ୍ୟନ୍ତ ଖର୍ଚ୍ଚ ବାର୍ଚ୍ଚ ତ ଅଛି ।

ଅଧିକରୁ ଅଧିକ ପଇସା ନେବାପାଇଁ ବାପାଙ୍କର ଏମିତି ବହୁତ ଯୁକ୍ତି ମାୟାଧରକୁ ଶୁଣିବାକୁ ପଡ଼େ । ବେଳେ ବେଳେ ବାପା ମଧ୍ୟ ସାଙ୍ଗମାନଙ୍କ ସମର୍ଥନ ଲାଭ କରିଥାନ୍ତି । ସେମାନେ କଡ଼ା କଡ଼ା ଶବ୍ଦ ବ୍ୟବହାର କରନ୍ତି । ତୁ ତ ସେଆଡ଼େ ଖୁସିରେ ରହିଲୁ, ବାପା ମାଙ୍କୁ ପଚାରିବୁ କାହିଁକି ?

ବାପାଙ୍କର ବୟସ ଅଛି । ସେ ଗୋଟିଏ କିଛି କରିପାରନ୍ତେ । ତାଙ୍କ ରୋଜଗାର ମିଶି ପାରିଲେ ଘର ଚଳିବା ସୁବିଧା ହୁଅନ୍ତା । କିନ୍ତୁ ଏ କଥା ସେ ବାପାଙ୍କୁ ବୁଝେଇବ କିପରି ? ପୁଅ ରୋଜଗାରି ହୋଇଗଲାଣି, ବାପା ଏଣିକି ବିଶ୍ରାମ କରିବେ, ଆୟୁସ କରିବେ । ଏ ପ୍ରବୃତ୍ତି ସବୁ ମଣିଷଙ୍କର ଅଛି । ଏ ଆୟୁସକୁ ବଢ଼ାଇବା ପାଇଁ ବୋହୂଟିଏ ଆସିବା ଦରକାର, ସେବା ଶୁଶ୍ରୂଷା କରିବ ।

ସତକୁ ସତ ଥରେ ଚିଠି ଆସିଲା, ତା'ର ବାହାଘର ଠିକ୍ କରାଯାଇଛି । ବାପାଙ୍କ ମତରେ ମାୟାଧରର ବଦ୍‌ଖର୍ଚ୍ଚ କମାଇବାର ଗୋଟିଏ ମାତ୍ର ଉପାୟ ତା'କୁ ବାହା କରିଦେବା ।

ମାୟାଧର ବହୁତ ଥର ବୁଝେଇ ଲେଖିଲା । ବର୍ତ୍ତମାନ ବାହାଘର ବେଳ ହୋଇ ନାହିଁ । ପଇସା କିଛି ରହୁ । ଗୋଟିଏ ଭଉଣୀର ବାହାଘର

ହୋଇଯାଉ, ସାନ ଭାଇଟା କଲେଜ ସ୍ତରକୁ ଆସିଯାଉ, ବୟସ କେତେ ଗଡ଼ି ଯାଉଛି କି ? ଇତ୍ୟାଦି ଇତ୍ୟାଦି । ମାୟାଧରର ବାପାଙ୍କ ଏକା ଜିଦ୍, ଭଲ ଝିଅଟିଏ ପାଇଛନ୍ତି, ହାତଛଡ଼ା କରିବେ ନାହିଁ ।

ପଞ୍ଚମଶ୍ରେଣୀ ଝିଅଟିଏ ପାଇ ବାପା ଏତେ ବ୍ୟସ୍ତ ? ତୁ ମନା କରିଦେ ସାଫ୍ ସାଫ୍ । ମୋର ଏପରି ବୁଝାଇବା କିଛିଦିନ ଚାଲିଲା । ଥରେ ସେ କ'ଣ ଚିଠି ପାଇଲା କେଜାଣି, ମୋ ଉପରେ ରାଗିକି ଖପ୍ପା । ମୁଁ ଗୋଟିଏ ବେମୁରବି, ମୁଁ ବାପା ମା'ଙ୍କ ପ୍ରତି କର୍ତ୍ତବ୍ୟ କ'ଣ ଜାଣି ନାହିଁ । ତେଣୁ ଏ ବିଷୟରେ ଉପଦେଶ ଦେବାର ଅଧିକାର ମୋର ନାହିଁ ।

ସେହିଦିନୁ ମାୟାଧରର ମୋର ଅପଡ଼ ହୋଇଗଲା । କିନ୍ତୁ ସେ ଏଣିକି ଏକୁଟିଆ ନ ଥିଲା ଜୀବନସାଥୀ ପାଇ ସାରିଥିଲା ।

ଅପଡ଼ ହେବା ତା'କୁ ବାଧିଲା ନାହିଁ । ନୂଆ ନୂଆ ବାହା, ତେଣୁ ପନ୍ଦର କୋଡ଼ିଏ ଦିନରେ ଥରେ ଗାଁକୁ ଯାଉଥିଲା । କଥା ନ କହିଲେ କ'ଣ ହେବ, ତାକୁ ସେ ଯିବା ଆସିବା ଆଉ ଅନ୍ୟାନ୍ୟ ଖର୍ଚ୍ଚ ସବୁ ବାଧୁଛି, ତା'ର ମୁହଁ କହି ଦେଉଥିଲା ।

ବାହାରେ ରହି କାହା ସାଙ୍ଗରେ ଝଗଡ଼ା କରି ଲାଭ କ'ଣ ? ମୁଁ ଆପେ ଆପେ ତା' ସାଙ୍ଗରେ ମିଶିବାକୁ ଚେଷ୍ଟା କଲି । ତାଛଡ଼ା ତା'ମୁହଁରୁ ଦାମ୍ପତ୍ୟ ରହସ୍ୟ ଟିକେଟିକେ ଜାଣିବାକୁ ମୋର ଭାରି ଇଚ୍ଛା ହେଉଥିଲା ।

କିନ୍ତୁ ସେ ମଜାକଥା କହିବା ଅବସ୍ଥାରେ ନ ଥିଲା । ବାହାଘର ତା' ପାଇଁ ଗୋଟିଏ ମସ୍ତବଡ଼ ବୋଝ ହୋଇଯାଇଛି । ବସ୍ତିରେ ପ୍ରଥମ କରି ସରକାରୀ ଚାକିରି ପାଇଥିବା ପୁଅର ବାହାଘରରେ ବାପା ସାଧ ବାହାରେ ଗୁଡ଼ାଏ ଖର୍ଚ୍ଚ କରି ପକାଇଛନ୍ତି । ଏସବୁ ଋଣଭାର ତା'କୁ ହିଁ ଶୁଝିବାକୁ ପଡ଼ିବ ।

ତା'ର ଖର୍ଚ୍ଚଭାର କିଛିଟା ଲାଘବ କରିବା ଉଦ୍ଦେଶ୍ୟ ନେଇ ମୁଁ କହିଲି ତୁ ସ୍ତ୍ରୀକୁ ଏଠିକୁ ନେଇଆ । ଆମ ମେସ୍‌ର ଗୋଟିଏ ରୁମ୍ ତୁ ପୂରାପୂରି ବ୍ୟବହାର କର । ଘରଭଡ଼ା ପଚାଶରୁ ବେଶି ପଡ଼ିବ ନାହିଁ । ତୁ ବି ଯିବା

ଆସିବା ଖର୍ଚ୍ଚ ବଞ୍ଚାଇ ପାରିବୁ । ଅଛାରେ ମୁଁ ଯୋଡ଼ି ଦେଇ କହିଲି, ଭାଉଜଙ୍କ ରନ୍ଧା ବି ଖାଇବାକୁ ମିଳିବ ।

ମାୟାଧର ସେଇଆ କରିଥିଲା । ବାପା ମାଙ୍କୁ ବହୁତ ବୁଝାଇ ସୁଝାଇ ସେ ସ୍ତ୍ରୀକୁ ନେଇ ଆସିଲା ଫୁଲବାଣୀକୁ ।

ନୂଆ ନୂଆ ପାଇଥିବା ସାଥୀର ଦୁଃଖସୁଖରେ ଭାଗୀ ହେବାକୁ କୋଉ ସ୍ତ୍ରୀ ମନା କରିବ ? ଲତିକା ଭାଉଜ ବି ବେଶ୍ ସୁରୁଖୁରୁରେ ଫୁଲବାଣୀର ଆବହାଓ୍ୱା ସାଙ୍ଗରେ ମିଶିଗଲେ ।

ଏମିତି ବେଶି ଦିନ ଗଲା ନାହିଁ । ଘରୁ ଚିଠି ଆସିଲା, ବୋହୂକୁ ସାଙ୍ଗରେ ନେଇଗଲୁ ବୋଲି ଆମକୁ ଭୁଲିଗଲୁ କି ? ପଇସାଟାଏ ବି ପଠାଇଲୁ ନାହିଁ, ଆମେ ଚଳିବୁ କେମିତି ?

କଷ୍ଟେ ମଷ୍ଟେ ଷାଠିଏ ଟଙ୍କା ଥରେ ସେ ପଠାଇବାର ମୁଁ ଦେଖିଲି । ବାପାଙ୍କ ଚିଠି ପାଇ ସେ ମୋତେ ଦେଖାଇଲା । ତୁ ପାଞ୍ଚ ଶହ ଟଙ୍କା ଖର୍ଚ୍ଚ କରିବୁ ଦି' ଜଣକ ପାଇଁ ଆଉ ଆମେ ଗୋଟା ପରିବାରଟା ଚଳିବୁ ମାତ୍ର ଷାଠିଏ ଟଙ୍କାରେ ।

ତା ପରମାସ ସେ ଶହେ ଟଙ୍କା ପଠାଇଲା । ଖାଇବା ଖର୍ଚ୍ଚ କାଟକଣ କଂସା ମାଜିବାକୁ ରଖିଥିବା ଚାକରାଣୀକୁ ଆଉ ମାସରେ ଦି'ମାସର ଦରମା ଦେଇ ନବ ବୋଲି କହି ସେ ମନିଅର୍ଡରରେ ପରିମାଣ ଷାଠିଏରୁ ଶହେକୁ ବଢ଼ାଇ ପାରିଥିଲା ।

ତଥାପି ନିସ୍ତାର ନାହିଁ । ବାପା କଡ଼ା ଚିଠି ଲେଖିବାରୁ କ୍ଷାନ୍ତ ହେଲେ ନାହିଁ । ଲତିକା ଭାଉଜ ନିଜେ କହିଲେ, ମୋତେ ଘରେ ଛାଡ଼ି ଦେଇଆସ । ଲୁଗାପଟା କିଣା ଏଠି ହେବ ନାହିଁ । ମେସ୍‌ରେ ଖାଇଲେ ଖର୍ଚ୍ଚ ବି କମ୍ ପଡ଼ିବ । ତୁମେ ଘରକୁ କିଛି ପଠାଇ ପାରିବ ।

ମାୟାଧର ପୂର୍ବ ଅବସ୍ଥାକୁ ଫେରି ଆସିଲା । ଏକା ସାଙ୍ଗରେ ରହିଲୁ । କିନ୍ତୁ ମାୟାଧରର ବିବାହ ପୂର୍ବ ହସ ହସ ମୁହଁ ଆଉ ଫେରିଲା ନାହିଁ । ଘରର ଦାବି ବଢ଼ି ବଢ଼ି ଚାଲିଲା । ପରିବାର ବଢ଼ିବଢ଼ି ଚାଲିଛି । ଆଉ ତୁ

କମେଇ କମେଇ ପଠଉଛୁ ? ପୁଣି ବୋହୂ ତ ଦୁଇଟା ଜୀବନପାଇଁ ଖାଦ୍ୟ ଚାହୁଁଛି ।

ବାପା ହେବାକୁ ଯାଉଛି, ଯେ କୌଣସି ଲୋକ ଖୁସି ହେବା କଥା । କିନ୍ତୁ ମାୟାଧର ଯଥାପୂର୍ବଂ ତଥାପରଂ । ବରଂ ଥରେ ମୋତେ କହିଲା, ଦୁନିଆ ଛାଡ଼ି ଚାଲିଯିବାକୁ ଇଚ୍ଛା ହେଉଛି । ବାପା ଭାବୁଛନ୍ତି, ମୁଁ ସେମାନଙ୍କୁ ଜାଣିଶୁଣି ପଇସା ଦେଉ ନାହିଁ ।

ତାକୁ ବରଂ ଆଶ୍ୱାସନା ଦେବାକୁ ଯାଇ ମୁଁ କହିଲି, ମୋର ଉଧାର ଫେରାଇବା ଦରକାର ନାହିଁ । ସ୍ତ୍ରୀକୁ ଗାଁରେ ଛାଡ଼ିବାକୁ ଗଲାଦିନ ସେ ମୋ ଠାରୁ ଦୁଇଶହ ଟଙ୍କା ନେଇଥିଲା, ଭାବିଥିଲି ନେବ ନାହିଁ କହିଲେ ସେ ଖୁସି ହେବ । କିନ୍ତୁ ସେ ଭିନ୍ନ ରକମର ଚିନ୍ତା କରୁଥିଲା । ସେ ଭାବୁଥିଲା ଚାକରାଣୀଟାକୁ ଛାଡ଼ି ଦେବ, କାରଣ ଯୁଭିତରେ ଆଉ ସ୍ତ୍ରୀକୁ ଆଣିବାର ଅବସର ତାର ଆସିବ ନାହିଁ ।

ମୁଁ କହିଲି, ପିଲା ହେଲା ବେଳକୁ ସ୍ତ୍ରୀକୁ ତ ଏଠିକୁ ଆଣିବୁ । ଗାଁରେ ପ୍ରସୂତି ସୁବିଧା ନ ଥିବ । ଚାକରାଣୀଟା ଥାଉ, ବରଂ ମେସ୍ ତରଫରୁ ବର୍ତ୍ତମାନ ଦରମା ଦେବା । ତା ହେଲେ ତୋ ବୋଝ ଅଧେ କମିଯିବ ।

କିନ୍ତୁ ମାୟାଧରର ମନରେ ଘୃଣ ଲାଗିସାରିଥିଲା । ମୁଁ ଯେତେ ବୁଝାଉଥିଲେ ବି ସେ ସବୁବେଳେ କିଛି ନା କିଛି ଚିନ୍ତାରେ ବୁଡ଼ି ରହୁଥାଏ ।

ଘରୁ ଚିଠି ଆସିଲେ ମୁଁ ଲକ୍ଷ୍ୟ କରୁଥିଲି, ମାୟାଧର ଆଗଭଳି ଆଉ ଖୁସି ହେଉ ନାହିଁ । ବରଂ ଆହୁରି ବେଶି ଗୁମ୍ ଖାଇ ବସୁଛି ।

ଆଉ ଭାଉଜଙ୍କ ପ୍ରେମଭରା ଚିଠି ଆସୁନାହିଁ କି ? ମୁଁ ଥରେ ପଚାରି-ଦେଲି । କିଛି ତ ଗୋଟାଏ କହି ଖୁସି କରାଇବାକୁ ପଡ଼ିବ । ମୁଁ ଜାଣିଥିଲି ଲଳିତା ଭାଉଜ କିଛିଦିନ ପାଇଁ ବାପ ଘରକୁ ଯାଇଛନ୍ତି ।

ମୋର ପ୍ରଶ୍ନର ଉତ୍ତରରେ ସେ କହିଥିଲା, ମା ଯାଇଥିଲା, ବୋହୂକୁ ଘରକୁ ନେଇ ଆସିଛି । ଲଳିତାର ଦେହ ଭଲ ରହିଲା ନାହିଁ । ଔଷଧପତ୍ର କରିବାକୁ ହେବ । ତେଣୁ ପଇସା ଦରକାର । ଜଲଦି ପଠାଇବାକୁ ତାଗିଦ ଆସିଛି ।

ଯାହା ପଠାଉଛନ୍ତି ଧାର ଆଡ଼କୁ କଟି ଯାଉଛି । ବାକି ଯାହା ବଳୁଛି, ସେଥିରେ ଘରଖର୍ଚ୍ଚ ସାଙ୍ଗକୁ ତୋର ସଂସାର, ତୁ ସମ୍ଭାଳିବୁ ନାହିଁ ତ ସମ୍ଭାଳିବ କିଏ ? ବାପା କାହିଁକି ବାହା କରିଦେଲେ ବୋଲି କହିଲେ ବି ଶାନ୍ତି ନାହିଁ । ବାପାଙ୍କର ସେହି ଜିଦ୍, ସଂସାର ତୋର, ତୁ ସମ୍ଭାଳ । ଆମେ ଏତେ ଦିନ ବଡ଼ କରି ଆସିଲୁ, ଏଣିକି ତୋର କର୍ତ୍ତବ୍ୟ ।

ମୁଁ ଲକ୍ଷ୍ୟ କଲି; ମାୟାଧରର ଖାଇବା ପିଇବାରେ କିଛି ଠିକ୍ ରହିଲା ନାହିଁ । ଜଳଖିଆ ଖାଇବା ଛାଡ଼ିଦେଲା । ଦିନେ ଦିନେ ଖରାବେଳ ଖିଆ ଛାଡ଼ି ଦେଲା ତ ଦିନେ ଦିନେ ରାତିଖିଆ । କେବଳ କପେ ଚା ପିଇ ଥରେ ଥରେ ଦିନଟା ଚଳାଇ ଦେଲା । ଫଳରେ କିଛି ଅଧିକା ପଇସା ଘରକୁ ପଠାଇଲା । ତଥାପି ଆହୁରି ଅଧିକା ପଠାଇବା ପାଇଁ ଚିଠି ଆସିଲା ।

ମୁଁ ସାତଦିନ ଛୁଟିରେ ଗାଁକୁ ଯିବାର ପୂର୍ବଦିନ ସେ ଦୁଃଖ କରି ମୋତେ କହୁଥାଏ ।

ଦେଖ୍ ତ, ବାପା କିମିତି ଗୋବିନ୍ଦ ନଜିର ଦେଇଛନ୍ତି ।

ଗୋବିନ୍ଦ କମର୍ସିଆଲ ଟ୍ୟାକ୍ସ ଅଫିସରେ କାମ କରେ । ସେ କିପରି ଏତେ ପଇସା ପାଏ, ତା' ତାଙ୍କୁ ଜଣା । କିନ୍ତୁ ମାୟାଧରର ବାପା ଲେଖିଛନ୍ତି, ସେ କାହିଁକି ସେତିକି ପଢ଼ା ଆଉ ସେହିଭଳି ଚାକିରିରେ ସେତିକି ପଇସା ଘରକୁ ପଠାଇପାରୁ ନାହିଁ ।

ମୁଁ ସାନ୍ତ୍ୱନା ଦେଇ ଅନ୍ୟ ଦିନମାନଙ୍କ ଭଳି କହିଥିଲି, ପଇସା ମାଗିଲା ବେଳେ ଲୋକେ ଏମିତି ଅନ୍ୟର ଉଦାହରଣ ଦିଅନ୍ତି, ତୁମର ଅଯୋଗ୍ୟତା ପ୍ରମାଣ କରାଇ ତୁମକୁ ପଇସା ଖାଇବା ବାଟକୁ ଟାଣି ନିଅନ୍ତି ।

ମାୟାଧର ବେଳେ ବେଳେ ମୋ କଥା ବୁଝିଲା ଭଳି ହୁଏ । ଦୁଃଖକୁ ମୋ ପାଖରେ ବଖାଣି ସେ କିଛି ଉପଶମ ପାଏ ।

ଗାଁରେ ଛ'ଦିନ ଛୁଟି କଟାଇ ମୁଁ ଫେରିଲି ।

ଭୋର୍ ଭୋର୍‌ରୁ ବସ୍‌ରେ ଆସି ଫୁଲବାଣୀରେ ଓହ୍ଲାଇଲି । ରିକ୍ସା ଧରି ମେସ୍‌ରେ ପହଞ୍ଚିଲା ବେଳକୁ ସାତଟା । ମେସ୍ ଦ୍ୱାର ଖୋଲାହୋଇ ନାହିଁ ।

ଗୃହକର୍ତ୍ତ୍ରୀ ଆସି ବାରଣ୍ଡାରେ ବସି ରହିଛନ୍ତି । ମୁଁ ଅପେକ୍ଷା କରୁଛି । ବେଶି ରାତିରେ ଶୋଇଥିବେ । ବାବୁଙ୍କୁ ଉଠାଇବା ଉଚିତ ହେବ ନାହିଁ ।

ସାଧାରଣତଃ ମାୟାଧର ଚଞ୍ଚଳ ଉଠେ । ମୁଁ ଗୃହକର୍ତ୍ତ୍ରୀଙ୍କୁ ପଚାରିଲି ବାବୁଙ୍କୁ ଡାକି ନାହାଁନ୍ତି ? ଦୁଇ ତିନି ଥର ଡାକିଛି, ବୋଧହୁଏ ଗାଧୁଆ ଘରେ ପଶିଥିବେ । ବଳେ ବାହାରିବେ ସେ ।

ମୁଁ କବାଟ ବାଡ଼େଇଲି । କିଛି ସମୟ ଅପେକ୍ଷା କରି ଜୋର୍‌ରେ ମାୟାଧର ମାୟାଧର ଡାକିଲି । କବାଟକୁ ଜୋରରେ ଠେଲା ଠେଲି କରିବା-ପରେ ଭିତର ଆଡ଼ ଛିଟିକିଣି ଖୋଲିଗଲା । ମାୟାଧର ନିଘୋଡ଼ ନିଦରେ ଶୋଇଛି ।

ମାୟାଧର ମାୟାଧର ଡାକି ତା'କୁ ଦି ତିନି ଥର ହଲାଇ ଦେଲି । ଏ କ'ଣ ? ଦେହଟା ନିଶ୍ଚଳ ନିଃଶବ୍ଦ । କିଛି ଆଘାତର ଚିହ୍ନ ବର୍ତ୍ତି ତ ନାହିଁ ?

ମୁଁ ଦୌଡ଼ିଲି ଡାକ୍ତର ପାଖକୁ । ପୋଲିସକୁ ମଧ୍ୟ ଖବର ଦେଲି । ପାଟିରେ ଫେଣ, ବିଷକ୍ରିୟା ଯୋଗୁଁ ମୃତ୍ୟୁ । ଡାକ୍ତର କହିଲେ । ଥାନାବାବୁ ବିଛଣାରୁ ଗୋଟିଏ ଚିଠି ପାଇଲେ । ଲମ୍ବକାର । ଚିଠିର ଶେଷ ଦୁଇ ଧାଡ଼ି ଥିଲି :

"ତୁମେ ବେଶି ଟଙ୍କା ପଠାଉ ନାହିଁ ବୋଲି ମା ମୋତେ ଦୋଷ ଦେଉଛନ୍ତି । ମୋ ଶିକ୍ଷାରେ ପଢ଼ି ତୁମେ କୁଆଡେ ମୋ' ପଛରେ ବେଶି ପଇସା ଖର୍ଚ୍ଚ କରୁଛ । ଯଦି ଘର ସମ୍ଭାଳି ନ ପାରିବ, ମୋତେ ବାହା ହେଉଥିଲ କାହିଁକି ?"

❋ ❋ ❋

# କୁମ୍ଭୀରର ଲୁହ

ନିର୍ବାଚନ ସରିଗଲା ପରେ ଫଳ ଅନୁଯାୟୀ ସରକାର ଗଢ଼ାହେବ, ଏଥିରେ ଅଫିସରମାନଙ୍କ ଶୋଚନା ନ ଥାଏ । ଯିଏ ସରକାର ଗଢ଼ୁ, ତା'ର ସେବା କରିବେ । ରାଜନୈତିକ ନିରପେକ୍ଷତା ସେମାନଙ୍କର ଧର୍ମ । ଗୋଟିଏ ଶ୍ରେଣୀର ଅଫିସରମାନେ ନିର୍ବାଚନରେ ଏତେଦୂର ସମ୍ପୃକ୍ତ ହୋଇପଡ଼ୁଥା'ନ୍ତି ଯେ ସେମାନେ ନିର୍ବାଚନର ଫଳାଫଳକୁ ନିଜର ରାଶିଫଳ ଭଳି ଦେଖନ୍ତି ।

ପଙ୍କଜ ବାବୁ ଏ ଦୁଇଟିରୁ କୌଣସି ଶ୍ରେଣୀର ନୁହନ୍ତି । ସେ ଆଉ ଗୋଟିଏ ଶ୍ରେଣୀର । ନିଜ ମତରେ ଅଟଳ ରହି ଏଭଳି ଅଫିସରମାନେ ବହୁତ ଯନ୍ତ୍ରଣା ପାଆନ୍ତି, କିନ୍ତୁ ଲୋକମୁଖରୁ ତଥା ବିରୋଧୀଦଳର ପ୍ରଶଂସାଭାଜନ ହୋଇ କିଛି କିଛି ଆତ୍ମସନ୍ତୋଷ ପାଆନ୍ତି । ଥରେ ଅଧେ ସମ୍ବାଦପତ୍ର-ମାନଙ୍କର ସ୍ତମ୍ଭରେ ସମର୍ଥନମୂଳକ ଲେଖାମାନ ପଢ଼ି ଯନ୍ତ୍ରଣା ଲାଘବ କରନ୍ତି ।

ସେ ଏସ୍.ଡି.ଓ. ଥିଲାବେଳର ଘଟଣା । ତାଙ୍କ ସବ୍‌ଡିଭିଜନରେ ଗୋଷ୍ଠଶ୍ରମିକ ସମସ୍ୟାର ସମାଧାନ ହୋଇଯାଇଛି ବୋଲି ତାଙ୍କର ପୂର୍ବବର୍ତ୍ତୀ ଏସ୍.ଡି.ଓ ରିପୋର୍ଟ ଦେଇଥିଲେ । ସରକାର ବି ବେଶ୍ ବାହାବୁଣ୍ଡା ନେଇଥିଲେ । ନେବା କଥା । ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଗୋଷ୍ଠଶ୍ରମିକମାନଙ୍କର ଥଇଥାନ ଗୋଟିଏ ମର୍ଯ୍ୟାଦାପୂର୍ଣ୍ଣ କାର୍ଯ୍ୟ ।

କିନ୍ତୁ ପଙ୍କଜ ବାବୁ କଣ ଦେଖିଲେ ? ସମସ୍ତେ କହିଲେ ତୁମେ ଆଖି ବୁଜିଦିଅ । ଅପ୍ରିୟ କଥା କୁହ ନାହିଁ, ସତ ହେଲେ କ'ଣ ହେଲା ! କିନ୍ତୁ ସେ

ମାନିଲେ ନାହିଁ । ଲୋକଙ୍କ ଯନ୍ତ୍ରଣା ଲୋକଲୋଚନକୁ ଆଣିବାକୁ ସେ ସେପରି ଜନ୍ମ ହୋଇଛନ୍ତି ।

ପଙ୍କଜ ବାବୁ ରିପୋର୍ଟ କଲେ, ତାଙ୍କ ସବଡିଭିଜନରେ ଗୋଡିଶ୍ରମିକ ଅଛନ୍ତି । ପୂର୍ବ ପାକିସ୍ଥାନ ଓ ଶ୍ରୀଲଙ୍କାରୁ ଆସିଥିବା ଶରଣାର୍ଥୀମାନେ ବି କେତେକ ଜଣାଶୁଣା ଲୋକଙ୍କ ଘରେ ଗୋଡି ଖଟୁଛନ୍ତି ।

ସରକାର କଥାଟାକୁ ଚପାଇ ଦେବାକୁ ଚାହିଁଲେ । ମନ୍ତ୍ରୀମାନଙ୍କ ଚାପ ପଡ଼ିଲା । ବେଶୀ ବାଧିଲା ଯେ "ଜଣାଶୁଣା ଲୋକମାନେ ହିଁ" ଶାସକଦଳର କେତେକ ସ୍ଥାନୀୟ ନେତା । ସେମାନେ ନିଜ ନିଜ କ୍ଷେତରେ ଶସ୍ତା ଶ୍ରମିକ ପାଇଛନ୍ତି । ପରାପୂରି ବାରମାସିଆ । ସର୍ବନିମ୍ନ ମଜୁରି ହାର ବାହାର ଲୋକଙ୍କ-ପାଇଁ ନୁହେଁ । ପଙ୍କଜ ବାବୁଙ୍କ କାର୍ଯ୍ୟ ସେମାନଙ୍କୁ ଗୋଡିରୁ ମୁକ୍ତ କରିଦେବ । ନେତାମାନଙ୍କ ଲାଭଜନକ ବ୍ୟବସାୟରେ ପୂର୍ଣ୍ଣଚ୍ଛେଦ ପଡ଼ିଯିବ । ଏଥିରେ ପଙ୍କଜବାବୁ ହନ୍ତସନ୍ତ ହେବେ ନାହିଁ ତ ହେବ କିଏ ?

କିନ୍ତୁ ପଙ୍କଜ ବାବୁ ଜାତୀୟ ସମ୍ବାଦପତ୍ରମାନଙ୍କର ଅଙ୍ଗମଣ୍ଡନ କଲେ । ଏ ସୌଭାଗ୍ୟ କେତେ ଜଣଙ୍କ ଭାଗ୍ୟରେ ଜୁଟେ ? ଏ ତ ଖାଲି ଖାଲି ପ୍ରଚାରଧର୍ମୀ କାମ ନୁହେଁ ? ପ୍ରଧାନମନ୍ତ୍ରୀଙ୍କ ଗାଡ଼ି ଆଗରେ ବିଶୃଙ୍ଖଳ ଜନତାକୁ କଣ୍ଟ୍ରୋଲ କରିବାକୁ ଯାଇ ଯେଉଁ ଅଫିସର ପ୍ରଧାନମନ୍ତ୍ରୀଙ୍କ ଜିପ୍ ଆଗରେ ନିଜ ଗୋଡ଼କୁ ବଳି ଦେଇଥିଲେ ସେ ବି ଜାତୀୟ ସମ୍ବାଦପତ୍ରମାନଙ୍କ ଶୋଭା ବଢ଼ାଇଥିଲେ । ସେ କାମ ଏ କାମ ଭିତରେ ପଙ୍କଜ ବାବୁ ବେଶ୍ କିଛି ତଫାତ୍ ଦେଖନ୍ତି । ସେ ଭାବନ୍ତି ତା'ଙ୍କ କାମ ଭିତରେ ଯୁକ୍ତି ଅଛି, ମେରିଟ୍ ଅଛି, କିନ୍ତୁ ଭାବପ୍ରବଣତା ନାହିଁ । ତେଣୁ ସେ ଜାତୀୟ ସ୍ତରରେ ସମାଲୋଚନାର ପାତ୍ର ହୁଅନ୍ତି ନାହିଁ ।

ଗରିବଙ୍କ ଅଫିସର ବୋଲି ପଙ୍କଜ ବାବୁଙ୍କ ନାଁ ହୋଇଗଲା, ଯେତେବେଳେ ସେ ସରକାରଙ୍କୁ ରିପୋର୍ଟ କଲେ ଯେ ବଳକା ଜମି ବୋଲି ଗରିବ ଭୂମିହୀନମାନଙ୍କୁ ଯାହା ଦିଆଯାଉଛି ତାହା ସେମାନଙ୍କର ଗଳଗ୍ରହ ହେଉଛି । ଗୋଡ଼ି, ପଥର, ପାହାଡ଼, ଖାଲ ଡିପ କିମ୍ବା ବାଲି, ଏମିତି ଜମି ଭୂମ୍ୟାଧିକାରୀମାନଙ୍କଠାରୁ ସରପ୍ଲସ ହିସାବରେ ନିଆଯାଇଛି । ଠିକ୍ ଅଛି, ଆଇନ୍ କହୁଛି ଜମି ମାଲିକ କେଉଁ ଜମି ଦେବ ନିଜେ ବାଛିବ । ତା' ବୋଲି

ଗରିବ ଲୋକର ବେକ ଗୁରୁପିଟେ ଚକଟେ କାହିଁକି ଟାଙ୍ଗି ଦେବା ? ପଙ୍କଜ ବାବୁ ଇଂରାଜୀ ଯୁକ୍ତିର ଓଡ଼ିଆ ଅନୁବାଦ ଏମିତି ବେଳେବେଳେ କରନ୍ତି । ସେ ରିପୋର୍ଟରେ ଲେଖିଥିଲେ, ଜମିକୁ ଉନ୍ନତ କରିବାପାଇଁ ଏ ଗରିବଲୋକେ ଯେଉଁ ସରକାରୀ ସାହାଯ୍ୟ ପାଉଛନ୍ତି ତାହାର କେତେକାଂଶ ଫେରସ୍ତ ନିଆ ହେବ ନାହିଁ ସିନା, କେତେକ, ଯଥା ଜମିର ସଲାମି ବାବଦ ଦେୟ ତ ଆଦାୟ ହେବ! ଏହି ଟଙ୍କାରୁ ବଳକା ଜମି ବାବଦ କ୍ଷତିପୂରଣ ଭୂମ୍ୟାଧି-କାରୀଙ୍କୁ ଦେବାର ଅଛି । ଦୋଷ କେବଳ ଏତିକି ନୁହେଁ । ଜମିକୁ ଉଠିଆ କରିବାପାଇଁ ବଳକା ଜମି ପାଇଥିବା ଲୋକଙ୍କୁ ସମବାୟ ବା ବାଣିଜ୍ୟିକ ବ୍ୟାଙ୍କରୁ ଋଣ କରାଇ ଦିଆ ହେଉଛି । ଜମି ଉଠିଆ ଯୋଗ୍ୟ ନ ହେଲେ ମଧ୍ୟ ସରକାର ଯେତେବେଳେ ଲୋନ୍ ଦେଉଛନ୍ତି, ତୁମେ ନିଅ, ତୁମର ତ ଅନ୍ୟ ଆବଶ୍ୟକତା ଅଛି, ଏମିତି ବୁଝାଇ ସୁଝାଇ ଆମ ସମ୍ପ୍ରସାରଣ ଅଧିକାରୀମାନେ ଏ ଗରିବ ଲୋକଗୁଡ଼ାଙ୍କୁ ଋଣଗ୍ରସ୍ତ କରାଇଦେଉଛନ୍ତି । ବଳକା ଜମି ପାଇଥିବା ନାଁରେ ଲୋକ ଗରିବରୁ ଗରିବତର ହେଉଛି ତାହା ନୁହେଁ, ଅଧିକ ଋଣଗ୍ରସ୍ତ ହୋଇ ପରିବାର ନଷ୍ଟ କରୁଛି । କେବଳ ସେତିକି ନୁହେଁ, ଅନେକ ଗରିବ ଲୋକ କେବଳ କାଗଜପତ୍ରରେ ଏଭଳି ଜମି ପାଇଛନ୍ତି । ଜମି କେଉଁଠି ଅଛି ତାଙ୍କୁ ଦେଖାଇ ଦିଆଯାଇ ନାହିଁ । ଦସ୍ତଖତ ନିଆଯାଇ ଅଫିସରଙ୍କ ଟାର୍ଗେଟ୍ ବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଥିବାର ପ୍ରମାଣ କରାଯାଇଛି ।

ଏ ସବୁ କେବଳ ଚାଞ୍ଚଲ୍ୟକର ତଥ୍ୟ ନୁହେଁ, ସରକାରୀ ସ୍ତରରେ ବଞ୍ଚକତା । ଏ ସବୁ ସିଦ୍ଧାନ୍ତ ଯେଉଁ ଅଫିସର ନେଇପାରିଲା, ସେ କାହିଁକି ସରକାରଙ୍କ ଭଲ ଖାତାରେ ରହିବ ? କିନ୍ତୁ ପଙ୍କଜ ବାବୁ ଭାବିଥିଲେ ଯେହେତୁ ସେ ସତ କଥା କହୁଛନ୍ତି, ସରକାର ତାଙ୍କୁ ବାଃ ବାଃ କରିବେ ।

ବିରୋଧୀଦଳର ଲୋକେ ସରକାରଙ୍କ ଦୁଷ୍କର୍ମର ଡିଣ୍ଡିମ ବାଡ଼େଇଲେ । ଖବରକାଗଜରେ ସରକାରଙ୍କ କାର୍ଯ୍ୟକଳାପର ତୀବ୍ର ସମାଲୋଚନା କରାଗଲା । ଆସେମ୍ବ୍ଲିରେ ପାଟିତୁଣ୍ଡ ହେଲା । ଜାତୀୟ ସମ୍ବାଦପତ୍ରମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଓ ରାଜ୍ୟସରକାରଙ୍କୁ ସମାଲୋଚନା କଲେ । କୋଡ଼ିଏ ଦଫା କାର୍ଯ୍ୟକ୍ରମରେ ରାଜ୍ୟ କେନ୍ଦ୍ର ସରକାରଙ୍କୁ ଯାହା ଯାହା ଦେଖାଇ ଆସିଛି ସେ ସବୁର ପୁନଃ ପର୍ଯ୍ୟାଲୋଚନା ହେଲା ।

ଏ ସବୁର ପରିଣାମ ହେଲା ପଙ୍କଜ ବାବୁ ତାଙ୍କ ଜିଲ୍ଲାରେ ବଂଶସୂର୍ଣ୍ଣୀ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗରେ ଚାକିରିରୁ ସସ୍‌ପେଣ୍ଡ ହେଲେ । ତାଙ୍କ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟର ତନଖିପାଇଁ ଯେଉଁ ମନ୍ତ୍ରୀମାନେ ଘନଘନ ଗସ୍ତ କଲେ ସେମାନେ ରିପୋର୍ଟ ଦେଲେ କିପରି ଭିନ୍ନ ଭିନ୍ନ କାର୍ଯ୍ୟରେ ପଙ୍କଜ ମେହେର ସରକାରୀ ନିର୍ଦ୍ଦେଶାବଳୀର ଖିଲାପ କରିଛନ୍ତି ।

ବିରୋଧୀଦଳମାନେ ପଙ୍କଜ ବାବୁଙ୍କ ଭିତରେ ସେମାନଙ୍କର ଗୋଟିଏ ମୁଖପାତ୍ର ପାଇଗଲେ । ଖବରକାଗଜବାଲାଏ ପଙ୍କଜ ବାବୁଙ୍କ ଭିତରେ ଜଣେ ଇନ୍‌ଭେଷ୍ଟିଗେଟିଭ୍ ବା ଖିନ୍‌ଭିନ୍‌କାରୀ ସମ୍ବାଦଦାତା ପାଇଗଲେ । ଯେଉଁମାନେ ଜନସ୍ୱାର୍ଥ ଦୃଷ୍ଟିରୁ ମକଦ୍ଦମା ବା ପବ୍ଲିକ୍ ଇଣ୍ଟରେଷ୍ଟ ଲିଟିଗେସନ କରିଥା'ନ୍ତି, ସେମାନେ ଦେଶର ଉଚ୍ଚତମ ନ୍ୟାୟାଳୟରୁ ଆଦେଶ ଆଣିଲେ, ସରକାର ପଙ୍କଜ ବାବୁଙ୍କ ଦେହରେ ହାତ ଦେଇପାରିବେ ନାହିଁ । ପଙ୍କଜ ବାବୁଙ୍କ ଉପରୁ ସସ୍‌ପେନ୍‌ସନ୍ ଆଦେଶ ଉଠିଗଲା । ଗରିବମାନଙ୍କ ପାଇଁ ଦରଦ ଦେଖାଇବା କାରଣରୁ ସେ ହରିଜନମାନଙ୍କୁ ଋଣ ଯୋଗାଉଥିବା ନିଗମର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ହୋଇ ଅବସ୍ଥାପିତ ହେଲେ ।

ସତରେ ସରକାର ପଙ୍କଜ ବାବୁଙ୍କ ଦେହରେ ହାତ ଦେଇ ପାରିଲେ ନାହିଁ । କିନ୍ତୁ ତାଙ୍କ ଆତ୍ମାରେ ଯେ ହାତ ଦେଇପାରିଛନ୍ତି କେହି ବୁଝିଲେ ନାହିଁ ।

କେତେ ଜଣ ସାଙ୍ଗ କର୍ମସୂତ୍ର ବୁଝିଥିଲେ । ଅନୁଗ୍ରହରୁ ଖସିପଡ଼ିଥିବା କିନ୍ତୁ ପୂରା ନଷ୍ଟ ହୋଇ ନ ଥିବା ତ୍ରିଶଙ୍କୁମାନଙ୍କ ପାଇଁ ସରକାରଙ୍କ ଅଧୀନରେ କେତେଗୁଡ଼ିଏ ପଦବୀ ସୃଷ୍ଟି କରାଯାଇଛି ।

ଉଚ୍ଚତମ ନ୍ୟାୟାଳୟ କଲ୍ୟାଣ କଲା ବୋଲି ଆପଣ ସରକାରୀ କୋପରେ ମର୍ତ୍ତ୍ୟକୁ ଖସିପଡ଼ିନାହାନ୍ତି । କେତେକ ଏକଥା କହୁଥିଲାବେଳେ ଆଉ କେତେକ ତାହା ନୁହେଁ ବୋଲି ଚେତାଇ ଦେଉଥିଲେ । ଆମେ କୋର୍ଟକୁ ଯାଇ ନ ଥିଲେ କୋଉ ବୋପାର ଗରଜ ପଡ଼ିଥିଲା ଯେ ଆପଣଙ୍କୁ ନରକରୁ ଉଦ୍ଧାର କରିଥାନ୍ତା । ବିରୋଧୀଦଳର ବରିଷ୍ଠ ନେତାମାନେ ଏହି କଥା ବାରମ୍ବାର ଦୋହରାଇଥିଲେ । ବିରୋଧୀଦଳର ସର୍ବୋଚ୍ଚ ନେତା ତାଙ୍କ ପିଠିରେ ଆଶ୍ୱାସନାର ଆଉଁଷା ଦେଇଥିଲେ ।

ପଙ୍କଜ ବାବୁଙ୍କ ଧାରଣା ହୋଇଗଲା, ଦେଶ ଯେ ତିଷ୍ଠିଛି, କେବଳ ବିରୋଧୀଦଳର ନିଷ୍ଠାପର ନେତାମାନଙ୍କ ଅବିରତ ସଂଗ୍ରାମ ଯୋଗୁ ।

ଆଜି ଯେତେବେଳେ ବିରୋଧୀଦଳ ନେତା ସଂଖ୍ୟାଗରିଷ୍ଠ ଦଳର ନେତା ହିସାବରେ ରାଜ୍ୟର ନୂଆ ଶାସନ ଡୋର ନେଲେଣି, ପଙ୍କଜ ବାବୁ ଆଶା କରିଛନ୍ତି ତାଙ୍କୁ ଏଥରକ ନିଶ୍ଚୟ ନ୍ୟାୟ ମିଳିବ ।

ତେଣୁ ବହୁତ ଲୋକ ତାଙ୍କୁ ଅଭିନନ୍ଦନ କରିବାକୁ ଯାଇଥିବାବେଳେ ସେ ବି ଯାଇଥିଲେ । ଅଭିନନ୍ଦନ କରିବାକୁ ଯେତେ ନୁହେଁ, ନିଜର ନ୍ୟାୟ ଦାବି କରିବାକୁ । ସେହିମାନେ ତ କହୁଥିଲେ ହରିଜନ ପୁଞ୍ଜି ଲଗାଣ ସଂସ୍ଥାରେ ଆପଣଙ୍କ ଭଳି ଜଣେ କର୍ମନିଷ୍ଠ ଅଫିସର ପଡ଼ିବେ ନା ? ଯେଉଁଠି ଗରିବ-ମାନଙ୍କପାଇଁ ସବୁଠାରୁ ବେଶି କାମ କରିବେ, ସେମିତିକା ପୋଷ୍ଟିଙ୍ଗ୍ ପାଇବା ଦରକାର

ରାଜ୍ୟମୁଖ୍ୟଙ୍କୁ ଦେଖା କଲାବେଳେ ଅନେକ ମୁରୁବି ନେତା ଉପସ୍ଥିତ ଥିଲେ । ଅନେକ ସିନିୟର ଅଫିସର ମଧ୍ୟ । ସମସ୍ତେ ପଙ୍କଜ ବାବୁଙ୍କ ଦୁଃଖରେ ସମବେଦନା ଜଣାଇଲେ । ବହୁତ ଭୋଗିଲେଣି, ତାଙ୍କୁ ସେ ସେକ୍ରେଟେରିଏଟ୍ ନେଇ ଆସନ୍ତୁ, କେତେକ ପରାମର୍ଶ ଦେଲେ । ଆଉ କେତେକ କହିଲେ, ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଖୋଦ୍ ସଚିବ କରାଯାଉ । ଭଲ ଭାବମୂର୍ତ୍ତି ଆସିବ । "ଆପଣଙ୍କ କଥା ନିଶ୍ଚୟ ବୁଝିବା" ବୋଲି କେଇପଦ ସେଦିନ ରାଜ୍ୟ-ମୁଖ୍ୟଙ୍କଠାରୁ ଶୁଣି ପଙ୍କଜ ବାବୁ ବଡ଼ ଖୁସିରେ ଘରକୁ ଫେରିଥିଲେ । ଶ୍ରୀମତୀ ମେହେରଙ୍କ ଆଗରେ ନିଜର ଅନୁଭୂତିଗୁଡ଼ିକ ବର୍ଣ୍ଣନା କରିଗଲେ । ମାନସିକ ଅଶାନ୍ତିର ଅବସାନ ଘଟିଲା । ସେଦିନ ସନ୍ଧ୍ୟାରେ ଟିକେ ଖୁସି ମନରେ ମେହେର ଦମ୍ପତି ଭୁବନେଶ୍ୱରୀ ମନ୍ଦିରରେ ନିଜର କୃତଜ୍ଞତା ଜଣାଇବାକୁ ଚାଲିଗଲେ ।

ନୂଆ ମନ୍ତ୍ରିମଣ୍ଡଳ । ବିଭିନ୍ନ ବିଭାଗରେ ଅଫିସରମାନଙ୍କର ଘନ ଘନ ବଦଳି ।

ଆମେରିକାରେ ସିନା ସ୍ପଏଲ୍ସ ସିଷ୍ଟମ ଅଛି । ଯିଏ ଜିତେ ସେ ଲୁଣ୍ଠନ କରିବାର ଅଧିକାର ପାଏ । ରାଷ୍ଟ୍ରପତି ବଦଳିଲେ ଉଚ୍ଚ

ସରକାରୀ କର୍ମକର୍ତ୍ତାମାନେ ତାଙ୍କ ମର୍ଜି ଉପରେ ନିର୍ଭର କରି ବଦଳନ୍ତି । ଏଥିରେ ବ୍ୟକ୍ତିବିଶେଷର ମନମୁଖୀ ଶାସନ ଚାଲିବାର ଆଶଙ୍କା ଅଛି ବୋଲି ଆମ ଦେଶର ସମ୍ବିଧାନ ପ୍ରଣୟନକାରୀମାନେ ବଳାଣି ବ୍ୟବସ୍ଥା ଗ୍ରହଣ କଲେ । ରାଜନୈତିକ ସ୍ତରରେ ସରକାର ବଦଳିବ । କିନ୍ତୁ ସ୍ଥାୟୀ କର୍ମଚାରୀମାନେ ରହିବେ । ଭଲ କଥା । ସବୁ ଭଲ କଥା ଭଳି ଏ କଥା ବି କାଗଜ ପତ୍ରରେ ରହିଗଲା । ସରକାର ବଦଳିଲେ ମନମୁତାବକ ନୂଆ ଲୋକଙ୍କୁ ବଡ଼ ବଡ଼ ପଦବୀରେ ନିଆଯାଉ ନାହିଁ, କେତେକ ଚେୟାରମ୍ୟାନ ପଦବୀ ଛଡ଼ା । ଏ କଥା ଅଧିକାଂଶତଃ ସତ, କିନ୍ତୁ ସ୍ଥାୟୀ କର୍ମଚାରୀମାନଙ୍କ ମଧ୍ୟରୁ ମନପସନ୍ଦର ଲୋକଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡ଼ିକରେ ରଖିବାରେ ତ ବାଧା ନାହିଁ ।

ପଙ୍କଜ ବାବୁ ଭାରି ଖୁସି ଯେ ଏବେ ସେ ମନପସନ୍ଦ ତାଲିକାକୁ ଆସିଯାଇଛନ୍ତି ।

ତିନି ତିନିଟା ଲମ୍ବା ବଦଳି ତାଲିକା ବାହାରିଗଲା । କାହିଁ, ପଙ୍କଜ ବାବୁଙ୍କ ପାଳି ପଡ଼ି ନାହିଁ ? ଶ୍ରୀମତୀ ମହେଶ୍ୱର କହିଲେ, ତୁମେ ଆଉ ଥରେ ଯାଇ ଦେଖାକରୁନା ?

ଥରେ କହିଲି ତ ହେଲା ନାହିଁ, ବାରମ୍ବାର ଖୋସାମତ କରିବାକୁ ଭଲ ଲାଗୁ ନାହିଁ ।

ପଙ୍କଜ ବାବୁଙ୍କର ଏଭଳି ଉତ୍ତରର କିଛି ଦିନପରେ ଗୋଟିଏ ମୌକା ଆସିଗଲା । ରଣପୁର ଜିଲ୍ଲାରେ କୃଷିମେଳା ହେବ । ଜିଲ୍ଲାପାଳଙ୍କ ଉଦ୍ୟମ । ସେ ଜିଲ୍ଲାରୁ ସର୍ବାଧିକ ଭୋଟ ପାଇଥିବାରୁ ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜଣାଇବାର ଏ ଗୋଟିଏ ଅବସର ହେବ । ରାଜ୍ୟମୁଖ୍ୟଙ୍କ ନିର୍ଦ୍ଦେଶ । ବେଶ୍ ଜାକଜମକ ହେବ । ପଙ୍କଜ ବାବୁଙ୍କ ହରିଜନ ନିଗମ ପୃଷ୍ଠ ପ୍ରାଣରେ ଯୋଗଦେବ । ଉପଯୁକ୍ତ ପରାମର୍ଶପାଇଁ ସେ ମୁଖ୍ୟଙ୍କୁ ଦେଖାକଲେ । କଥା ଶେଷରେ ସେ କହିଲେ, ସାର୍ ମୋ କଥା କିଛି ହେଲା ନାହିଁ ।

କେଉଁ କଥା ? ସତେ ଯେପରି ସେ ଭୁଲିଯାଇଛନ୍ତି । ପଙ୍କଜ ବାବୁଙ୍କୁ ମସ୍ତବଡ଼ ଆଘାତଟିଏ ଲାଗିଲା । ଏତେ ବ୍ୟସ୍ତତା ମଧ୍ୟରେ ସେ ଭୁଲିଯାଇଥିବା ଅସମ୍ଭବ ନୁହେଁ । ତେଣୁ ସେ ମନେ ପକାଇଦେବା ଭଳି କହିଲେ, ଆଗ

ସରକାର ସସ୍‌ପେଣ୍ଡ କଲେ, ସୁପ୍ରିମକୋର୍ଟ ଅର୍ଡରର ପରେ ପୁନଃସ୍ଥାପନ କଲେ, କିନ୍ତୁ ଦଣ୍ଡ ସ୍ୱରୂପ ଏହି ପୋଷ୍ଟ ଦେଲେ ।

ଦଳିତଜନଙ୍କ କଥା ବୁଝିବାଭଳି ବେଶୀ ଦରଦୀ ଲୋକ ତୁମଠୁ କେହି ଅଛି ?

କଥାଟା ଅସ୍ୱସ୍ତିକର ବୋଧ ହେଲା । ସେ ବ୍ୟଙ୍ଗ କରୁ ନାହାନ୍ତି ତ ? ବୁଝେଇଦେବା ନିଜର କର୍ତ୍ତବ୍ୟ ମନେ କରି ପଙ୍କଜ ବାବୁ କହିଲେ, କଥାଟା ସେପରି ନୁହେଁ ସାର୍ । ଲୋକେ ଭାବୁଛନ୍ତି ଦଣ୍ଡ ହିସାବରେ ମୁଁ ଏ ପୋଷ୍ଟ ପାଇଛି । ଏଠୁ ନ ବଦଳିଲେ ମନେ ହେବ, ଯେପରି ମୁଁ ଦଣ୍ଡରୁ ଏ ପର୍ଯ୍ୟନ୍ତ ଖାହି ପାଇ ନାହିଁ । କେବଳ ମାନସିକ ତୃପ୍ତି ପାଇଁ ବଦଳିଟାଏ ଦରକାର ।

ଏ ଧାରଣା କାହିଁକି କରୁଛ ? ତୁମଭଳି ଅଫିସରଙ୍କ ଯୋଗୁଁ ତ ଆମେ ଜିତିଲୁ । ସେମାନଙ୍କ ଭାବମୂର୍ତ୍ତି ଖରାପ ବୋଲି ପ୍ରମାଣ ହେବାରୁ ସିନା ଆମେ ଶାସନକୁ ଆସିଲୁ ? ତୁମ କଥା କିପରି ଭୁଲିବୁ ?

ମୁଖ୍ୟଙ୍କ ମନରେ ପରିବର୍ତ୍ତନ ଆସିଥିବାର ମନେ ହେଲା । ଦ୍ୱିବାର ଆଶ୍ୱାସନା ପାଇ ପଙ୍କଜ ବାବୁ ସେଦିନ ପୁଣି ଥରେ ସ୍ତ୍ରୀଙ୍କ ପାଖରେ ନିଜର କୃତିତ୍ୱ ବଖାଣିଲେ । ଭଲ ପୋଷ୍ଟ ମିଳୁ ବା ନ ମିଳୁ, ଏଠୁ ବଦଳି ହେଲେ ଦାଗଟା ଯିବ ।

ଅପ୍ରେଲ ଯାଇ ମେ', ମେ' ଯାଇ ଜୁନ୍, ପୁଣି ଜୁଲାଇ ଆସିଗଲା । ବଦଳିର ଦେଖା ନାହିଁ । ସରକାରଙ୍କ ବୁକ୍‌ସାକୁଲରକୁ କଡାକଡ଼ିଭାବେ ପାଳନ କରିବେ ବୋଲି ନୂଆ ସରକାର କହୁଛନ୍ତି । ଆଉ ବଦଳି ହେବ କି ନା ସନ୍ଦେହ ।

ମନରୁ ଆଶଙ୍କା ଦୂର କରିବାପାଇଁ ପଙ୍କଜ ବାବୁ ସଚିବଙ୍କୁ, ତା' ପରେ ମୁଖ୍ୟସଚିବଙ୍କୁ ଦେଖାକଲେ । ସେମାନେ ନିଜ ନିଜର ଅଜ୍ଞତା ପ୍ରକାଶ କଲେ । ପଙ୍କଜ ବାବୁଙ୍କ ମନ ଭାଙ୍ଗିଗଲା ।

ସେ ସ୍ଥିର କରିନେଲେ ଆଉ କାହାକୁ କିଛି ନ କହି ଚୁପ୍ ରହିବା ଭଲ । ଭାଗ୍ୟଂ ଫଳନ୍ତି ସର୍ବତ୍ର ।

କିନ୍ତୁ ଶ୍ରୀମନ୍ତାଙ୍କ ତାଡ଼ନା କେତେ ଦିନ ସମ୍ଭାଳି ହେବ ? କେତେ ଦିନ ଏଇଠି ସଡ଼ୁଥିବ ? ସେ ପଗ୍ଭରିଲେ ।

ଘଟଣା କ'ଣ ବୋଲି ଜାଣିବାକୁ ସେ ଠିକ୍ କଲେ ନିଜ ଅଞ୍ଚଳର ପ୍ରତିନିଧିଙ୍କୁ ଦେଖା କରିବେ । ବର୍ତ୍ତମାନ ସେ ପୁଣି ସରକାରୀ ସଚେତକ ।

ଆରେ, ପଙ୍କଜ ବାବୁ ଯେ ! ଆସ, ଆସ ।

ସାର୍, ନିଜ କାମରେ ଟିକେ ଆସିଗଲି । ନମ୍ରତା ଦେଖାଇ ପଙ୍କଜ ବାବୁ କହିପକାଇଲେ ।

କ'ଣ, କ'ଣ କହ ନାହିଁ । ସଚେତକ ପଗ୍ଭରିଲେ ।

ପଙ୍କଜ ବାବୁଙ୍କ ଯାକ ହୋଇ ରହିଥିବା କୋହଗୁଡ଼ିକ ଅଜାଡ଼ି ହୋଇପଡ଼ିଲା । ପୂର୍ବ ସରକାର ତାଙ୍କୁ କିପରି ନିର୍ଯାତିତ କରିଛନ୍ତି, ନୂଆ ସରକାରଙ୍କଠାରୁ ସେ କିପରି ନ୍ୟାୟ ବିଗ୍ଭର ଆଶା କରନ୍ତି, ଇତ୍ୟାଦି ଇତ୍ୟାଦି ।

ହୁଁ ହଁ ନ ହୋଇ ଶୁଣୁଥିବା ସଚେତକ ମହାଶୟ ହଠାତ୍ ଗୋଟିଏ ଦୀର୍ଘଶ୍ୱାସ ଛାଡ଼ିଲେ । ଓଲଟା ପ୍ରଶ୍ନ କଲେ, ତୁମେ କ'ଣ ସତ କଥା ଜାଣିବାକୁ ଗ୍ଭହୁଁଛ ? ବଡ଼ ଅପ୍ରିୟ ।

ମନକୁ ସାନ୍ତ୍ୱନା ଦେଇପାରି ନ ଥିବା ପଙ୍କଜ ବାବୁ କହିଲେ, ଏତେ ସହିଲଣି, ଅପ୍ରିୟ କଥା କେତୋଟି ଆଉ ଶୁଣିପାରିବ ନାହିଁ ?

ତେବେ ଶୁଣ । କଥା ଉଚ୍ଚତମ ସ୍ତର ପର୍ଯ୍ୟନ୍ତ ଯାଇସାରିଲାଣି । ମନ୍ତ୍ରିମଣ୍ଡଳ ସଭାରେ ଦୁଇ ଭାଗ ହୋଇଗଲା । ତୁମ ସପକ୍ଷରେ ଥିବା ସଂଖ୍ୟା ଆସ୍ତେ ଆସ୍ତେ କମି ଆସିଲା । ଅନ୍ୟ କେତେକ କହିଲେ ଭୂମଣ୍ଡଳ ଅଫିସରଙ୍କୁ ପ୍ରସାଦ ଦିଆଯିବା ଦରକାର । ଅସଲ ରାଜମିସ୍ତ୍ରୀବାଲା ଭିନ୍ନ ମତ ଦେଲେ । ଭୂଷଣ ବାବୁ ତ ପୂରା ବିରୋଧ କଲେ । ସେ କହିଲେ, ସାପ ହିଁ ସାପ ହୋଇ ରହିବ । ଯେତେ ଦୁଧ ପିଆଅନା କାହିଁକି ବେଶୀ ଦୁଧରେ ବେଶୀ ବିଷ ଉଦ୍‌ଗାରିବ । ସେତ କାହାରି କଥା ମାନିଲାବାଲା ନୁହଁ ।

ସଚେତକ ମହାଶୟ କହି ଗ୍ଭଲେ । ସମସ୍ତେ ନୀରବ । ଅର୍ଥାତ ସମସ୍ତେ ରାଜି । ନିଷ୍ପତ୍ତି ହେଲା କିଛି ଦିନ ବର୍ତ୍ତମାନ ପୋଷ୍ଟରେ ତୁମର କାର୍ଯ୍ୟକଳାପ ଦେଖାଯାଉ ।

ଭୂଷଣ୍ଡବାବୁ ମାନିଲେ ନାହିଁ ବୋଲି ସବୁ ଭଣ୍ଡୁର ହୋଇଗଲା, ଏ କଥା ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ପିଲାଏ ବି କହିବେ । ପଙ୍କଜ ବାବୁ ତ ସହଜେ ଜାଣନ୍ତି, ସେ ମୂଖ୍ୟଙ୍କ ଉପରେ ମୁଖ୍ୟ । ତାଙ୍କ ଭାଗ୍ୟ ତାଳରେ ଜଉମୂଦ ଦିଆ ହୋଇ ଗାର୍ଡ଼ ଠିଆ କରିଦିଆଗଲାଣି ବୋଲି ପଙ୍କଜ ବାବୁ ଜାଣିଗଲେ ।

ଫଳାଫଳ ଶୁଣି ଶ୍ରୀମତୀ ମେହେର, ଯେଉଁ ଗୁମ୍ ମାରିଥିଲେ ତାହା ବେଶୀ ସମୟ ତିଷ୍ଠିଲା ନାହିଁ । ସେ କହିଲେ; ଯେତେବେଳେ ଆଗ ସରକାର ତୁମକୁ ନିର୍ଯାତିତ କରୁଥିଲେ ଏହିମାନେ ତ ଲୁହ ଗଡ଼ାଉଥିଲେ ? ସୋଫା ଉପରେ ନଥି କରି ବସି ପଡ଼ି ଥାକରୁ "ସିଭିଲ୍ ସର୍ଭିସ:ପିଲାର ଅଫ୍ ଷ୍ଟାବିଲିଟି" ବହିଖଣ୍ଡିକ ଟାଣି ଆଣୁ ଆଣୁ ପଙ୍କଜ ବାବୁ କହିଲେ, ସେ ସବୁ କୁମ୍ଭୀରର ଲୁହ ।

* * *

# ଫାଶୀଦଣ୍ଡ

ଅଗଷ୍ଟ ୧୪ । ରକ୍ଷାବନ୍ଧନ ଆଉ ତିନି ଦିନ ଅଛି । ଶଶିକାନ୍ତର ଭଉଣୀ ହାଇକୋର୍ଟରେ ଦରଖାସ୍ତ କଲା । ଭାଇ ହାତରେ ରାକ୍ଷୀ ବାନ୍ଧିବାର ସୁଯୋଗ ତାକୁ ମିଳୁ । ହାଇକୋର୍ଟ ଫାଶୀଦଣ୍ଡକୁ ମୁଲତବୀ କରିଦେଲେ । ସେସନ୍‌ସ କୋର୍ଟ ଏଥିଲାଗି ଅଗଷ୍ଟ ୧୮କୁ ନୂଆ ତାରିଖ କଲେ ।

ଇତିମଧ୍ୟରେ ଶଶିକାନ୍ତର ମା ଓ ଆଉ କେତେକ ଲୋକ ସୁପ୍ରିମ-କୋର୍ଟକୁ ଦରଖାସ୍ତ କଲେ । ଜେଲରେ ତା'ର ଭଲ ସ୍ୱଭାବ । ଆଗରୁ କୌଣସି ପ୍ରକାର ଅପରାଧର ରେକର୍ଡ ତାର ନାହିଁ । ଫାଶୀଦଣ୍ଡ ତାମିଲ କରିବାରେ ବହୁତ ଡେରି ହୋଇଗଲାଣି । ଏହି ସବୁ କାରଣରୁ ସୁପ୍ରିମ କୋର୍ଟ ଶଶିକାନ୍ତକୁ ଫାଶୀଦଣ୍ଡରୁ ରିହାଣ୍ଡି ଦିଅନ୍ତୁ ।

ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏଥି ମଧ୍ୟରୁ କୌଣସି ଗୋଟିଏ କାରଣକୁ ବି ଯଥେଷ୍ଟ ବୋଲି ଗ୍ରହଣ କଲେ ନାହିଁ । ମୃତ୍ୟୁଦଣ୍ଡ ବିରୁଦ୍ଧରେ ଅପିଲ କରିବା ଏବଂ ତା ଯୋଗୁଁ ହେଉଥିବା ବିଳମ୍ବ ଏ ସବୁ ଆସାମୀର ମଙ୍ଗଳପାଇଁ । ତାହା ଫାଶୀଦଣ୍ଡକୁ କୋହଳ କରିବା ଲାଗି ଯଥେଷ୍ଟ ନୁହେଁ ।

ତା'ହେଲେ କଣ ଶଶିକାନ୍ତ ଖଲାସହେବାର ସୁଯୋଗ ନାହିଁ !

ଯାହାହେଉ ସପ୍ତମ ଥରପାଇଁ ସୁପ୍ରିମକୋର୍ଟ ସମୟ ଦେଇଛନ୍ତି । ଫାଶୀଦଣ୍ଡ କିଛି ଦିନ ପାଇଁ ଘୁଞ୍ଚିଯାଉଛି । ରାଷ୍ଟ୍ରପତି ଶଶିକାନ୍ତର କ୍ଷମାପାଇଁ ମିଳିଥିବା ନୂଆ ଦରଖାସ୍ତକୁ ବିଚାର କରିବାକୁ କିଛି ଦିନ ତ ନେବେ ! ଏ ଦରଖାସ୍ତ ତ ଆଜେବାଜେ ଲୋକ କରି ନାହିଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ଖୋଦ ବାବୁଭାଇ ପଟେଲ କରିଛନ୍ତି ।

ଭଉଣୀର ରାକ୍ଷୀବନ୍ଧା ଶଶିକାନ୍ତର କେବଳ ଫାଶୀକୁ ଅଟକାଇଦେଲା ନାହିଁ, ତାର ଝରି ଆସୁଥିବା ଲୁହକୁ ବି ଅଟକାଇଦେଲା । ଲୁହଝର ଆଖିର ଅଶ୍ରୁ ଗ୍ରନ୍ଥି ଭିତରେ ଜମାଟ ବାନ୍ଧିଗଲା । ଯମଫାଶରୁ ସେ ଖସିଯାଇଛି । କିଛି ସମୟ ପାଇଁ ହେଲେ ବି ତ ଭଉଣୀର ପ୍ରାର୍ଥନାରେ ମୃତ୍ୟୁ ଘୁଞ୍ଚିଯାଇଛି ।

ଶଶୀକାନ୍ତ ପୁଣି ନିଃଶ୍ୱାସ ମାରିବା ପଛରେ କେବଳ ଭଉଣୀର ପ୍ରାର୍ଥନା ନ ଥିଲା । ସମାଜର ହିତ ଚାହୁଁଥିବା ଲୋକେ ଶଶୀକାନ୍ତଙ୍କୁ ନମୁନା କରିବାକୁ ଚାହୁଁଥିଲେ । ଶଶୀକାନ୍ତ ମୂଳରୁ ପ୍ରତାରିତ ହୋଇଛି । ଅନ୍ୟମାନଙ୍କ ଲାଗି ବେଦନା ପ୍ରକାଶ କରି ଶଶୀକାନ୍ତ କାରଖାନା ମାଲିକର ଶରବ୍ୟ ହୋଇଛି । ବୁଦ୍ଧିଜୀବୀମାନଙ୍କ ଷଡ଼ଯନ୍ତ୍ରରେ ତାର ପ୍ରାପ୍ୟ ମିଳିଲା ନାହିଁ । ତେଣୁ ଉତ୍ତ୍ୟକ୍ତ ହେବାର କାରଣ ଯଥେଷ୍ଟ ରହିଛି ।

ମା ତ୍ରିବେଣୀବେନ ବଡ ଦୁଃଖୀ । ଶଶିକାନ୍ତ ସବୁଠାରୁ ସାନ ପୁଅ । ବେଶି ଗେହ୍ଲା । ଲୁଚକରି ପଇସା ଅଣ୍ଟୁ ନ ଥିଲା ଯେ ଘରୁ ଯା ଆସ କରି ଚଳୁଥିଲା । ସେ ପୁଣି ଜେଲରେ ସଢ଼ୁଛି ।

ସଦ୍‌ବସ୍ତୁର ପରିବାର ନାଆଁଟି ତ୍ରିବେଣୀବେନଙ୍କ ଭିତରେ ଆଲୋକର ସଞ୍ଚାର କଲା । ଶଶିକାନ୍ତ ଲାଗି ବାରମ୍ବାର କ୍ଷମା ଦରଖାସ୍ତ କରି ସଦ୍‌ବସ୍ତୁର ପରିବାର ତ୍ରିବେଣୀବେନଙ୍କର ମାତୃତ୍ୱକୁ ଦୃଢ଼ କରିଥିଲା ।

ତ୍ରିବେଣୀବେନ ଅଳ୍ପ ପଢ଼ିଛନ୍ତି, କିନ୍ତୁ ମୂର୍ଖ ନୁହନ୍ତି । ଖବର କାଗଜ ପଢ଼ି ଘଟଣାପ୍ରବାହକୁ ବୁଝିପାରନ୍ତି । ଶହ ଶହ ଲୋକଙ୍କୁ ହତ୍ୟାକରୁଥିବା ଚମ୍ବଲର ଡକାୟତମାନେ ତ କ୍ଷମା ପାଇଛନ୍ତି । ଖାଲି କ୍ଷମା ନୁହେଁ ଥଇଥାନ ଲାଗି ଆର୍ଥିକ ସାହାଯ୍ୟ ମଧ୍ୟ ପାଇଛନ୍ତି । ଚମ୍ବଲର ଡକାୟତ ଭଳି ଶଶୀକାନ୍ତ ତ ଶହ ଶହ ଲୋକଙ୍କୁ ମାରି ନାହିଁ ?

ଏ ଯୁକ୍ତି ଓକିଲମାନଙ୍କ କାନ ଭିତରେ ପଶୁ ନାହିଁ । କେବଳ ସଦ୍‌ବସ୍ତୁର ପରିବାରର ସଭ୍ୟମାନେ ଶୋକାକୁଳା ମାତାର ଯୁକ୍ତି ବୁଝିଛନ୍ତି ।

ଶଶିକାନ୍ତ ଜଣେ ଓକିଲଙ୍କୁ ହତ୍ୟା କରିଥିବା ଅପରାଧରେ ଅଭିଯୁକ୍ତ । ତେଣୁ ଓକିଲମାନେ ତା ପାଇଁ ଲଢ଼ିବାକୁ ନାରାଜ । ଗୁଜୁରାଟର ଉପକୂଳରେ ଗୋଟିଏ ସହର । ବେରାବାଲ । ଧରାମାଛକୁ ସାଇତି ରଖିବାର କାରଖାନାଟିଏ । ସେଇଠି ଶଶିକାନ୍ତ ଜଣେ ଇଲେକ୍‌ଟ୍ରିସିଆନ । ବେଳେବେଳେ ବଏଲର ବି ଚଳାଏ । ମାସକୁ ୩୩୦ ଟଙ୍କା ଦରମା । କିନ୍ତୁ ତାର ହୃଦୟଟା ଏତିକି ଟଙ୍କା ଭିତରେ ସୀମିତ ନ ଥିଲା । ଯେତେବେଳେ ସହକର୍ମୀମାନଙ୍କ ପ୍ରତି ଅନ୍ୟାୟ ବଢ଼ିଲା ସେତେବେଳେ ଶଶୀକାନ୍ତ ନେତା ସାଜିବାକୁ ବାଧ୍ୟ ହେଲା ।

ଦରମା କାଟିଲେ ଶ୍ରମିକର ପରିବାର ଚଳିବ କିପରି ? ଶଶୀକାନ୍ତ ପ୍ରତିବାଦ କଲା । ନେତା ହୋଇ ପଡ଼ିଲା । ମାଲିକ ଚାହୁଁଥିଲା ଶ୍ରମିକମାନେ

ନେତୃତ୍ୱହୀନ ରହନ୍ତୁ । ଶଶିକାନ୍ତକୁ ହଟାଇବାକୁ ପଡ଼ିବ । ମାଲିକଙ୍କୁ ବେଶିଦିନ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ଶଶିକାନ୍ତ ଧର୍ମଘଟକୁ ଉସକାଉଛି ଓ ଉତ୍ପାଦନରେ ବ୍ୟାଘାତ ଆଣୁଛି ବୋଲି ବହିଷ୍କୃତ ହେଲା । ସାଥିମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୁଦ୍ଧରେ ଲଢ଼ୁ ଲଢ଼ୁ ନିଜେ ଅନ୍ୟାୟର ଶିକାର ହୋଇ ଶ୍ରମ ଅଦାଲତର ଆଶ୍ରୟ ନେଲା ।

୧୯୭୯ ନଭେମ୍ବରରେ ଶ୍ରମ ଅଦାଲତ ରାୟ ଦେଲେ । ଶଶିକାନ୍ତର ଛାତି କୁଣ୍ଢେମୋଟ ହୋଇଗଲା । ସେ ତାର ବକେୟା ପାଉଣା ହଜାରେ ଟଙ୍କା ପାଇବ ଏବଂ ଚାକିରିରେ ପୁନଃସ୍ଥାପିତ ହେବ । ରାଜକୋଟର ଲେବରକୋର୍ଟ ପ୍ରତି ଶଶିକାନ୍ତର ଭକ୍ତି ଓ ସମ୍ମାନ ବେଶିଦିନ ରହିଲା ନାହିଁ ।

ସାଙ୍ଗସାଥିମାନେ କହିହେଲେ ହଜାରେ କେତେ କି ? ଖାଲି ଦରମାଟା ତ ୩୩୦୦ ଟଙ୍କା । ଦାବି କରିଥିଲେ ସୁଧ ବି ମିଳିଥାନ୍ତା । ଶଶିକାନ୍ତର ମୁଣ୍ଡରେ ପଶିଲା । ଅଦାଲତ ପୂରା ବକେୟା ପାଉଣା ଦେଇ ନାହିଁ ।

ଗାନ୍ଧୀଜୀଙ୍କ ରାଜ୍ୟର ଲୋକ । ଗାନ୍ଧୀଜୀଙ୍କୁ ପ୍ରଣାମ କରି ଲେବରକୋର୍ଟ ସମ୍ମୁଖରେ ଶଶିକାନ୍ତର ଆମରଣ ଅନଶନ ଆରମ୍ଭ ହେଲା । ଲେବର କୋ-ର୍ଟର ବିଚାରପତି ଜି.ଏ. ଗୁପ୍ତା ବ୍ୟସ୍ତ ହୋଇପଡ଼ିଲେ । ଔପନିବେଶିକ ବିଦେଶୀ ଇଂରେଜ ଶାସକମାନେ ତ ଅନଶନଦ୍ୱାରା ବିଚଳିତ ହୋଇପଡ଼ୁଥିଲେ । ଭାରତୀୟ ବିଚାରପତି କେତେଦିନ ନୀରବ ରହିଥାନ୍ତେ ! ଶଶିକାନ୍ତ ଯେତେଦିନ ଅନଶନ ବସିଥିବ ତାର ସ୍ୱାସ୍ଥ୍ୟରେ ସେତେ ଅବନତି ହେବ ଏବଂ ତା ପ୍ରତି ଲୋକଙ୍କ ସହାନୁଭୂତି ସେତେ ବଢ଼ିବ ।

ବିଚାରପତି ଗୁପ୍ତା କଣ କରିବେ ଚିନ୍ତିତ ହେଲେ । କେତେ ଲୋକଙ୍କୁ ଲଗାଇ ଶଶିକାନ୍ତକୁ ବୁଝାଇଲେ । ଶେଷରେ ଲେବର ବାର ଆସୋସିଏ-ସନର ସଭାପତି ହାସୁଭାଇ ଡାଭେଙ୍କୁ ମଧ୍ୟସ୍ଥ କଲେ । ଡାଭେ ବହୁତ ବୁଝା-ଇଲେ । ତୁ ଅନଶନ ଛାଡ଼ି ଦେ । ମୁଁ ତୋ ପାଇଁ ଲଢ଼ିବି ।

ଶଶିକାନ୍ତ ମାନିଗଲା । ବାର ଆସୋସିଏସନର ସଭାପତି କହୁଛନ୍ତି । ନିଜେ ପୁଣି ମୋକଦ୍ଦମା ଲଢ଼ିବେ । ତେଣୁ ନ୍ୟାୟ ନିଶ୍ଚୟ ମିଳିବ ।

ପୁଣି ବିଚାର ହେଲା । ବକେୟା ପାଉଣା ହଜାରେ ଟଙ୍କାରୁ ବଢ଼ି ୧୩୩୮ ଟଙ୍କା କରାଗଲା । କେଉଁଠି ୩୩୦୦ ଆଉ କାହିଁ ୧୩୩୮ ? କେଉଁ ହିସାବରେ ଏମିତି ଅଙ୍କ ମିଳିଲା । ଶଶିକାନ୍ତ ବୁଝିପାରିଲା ନାହିଁ ।

ଡାଭେ ନିଶ୍ଚୟ କିଛି ଗୋଟେ କରିଦେଇଛି । ନ ହେଲେ ଏତେ କମ ମିଳି ନ ଥାନ୍ତା । କଚେରୀ ହତାରେ ସାଙ୍ଗସାଥିମାନେ ଫୁସୁରୁ ଫାସର ହେଲେ ।

ଲେବରକୋର୍ଟରୁ ଶଶୀକାନ୍ତ ଧାଇଁଲା ଡାଭେଙ୍କ ଘରକୁ । ସିଧାସଳଖ ପଚାରିବ ପୂରା ଦଶ ମାସର କାହିଁକି ନ ମିଳିଲା ? ହଜାରେ ଟଙ୍କା ବଢ଼ି ଯାଇ ୧୩୩୮ ହେଲା । ପୂରା ୩୩୦୦ ହେଲା ନାହିଁ କାହିଁକି ? ଅନଶନ ଭାଙ୍ଗିବାର ଫଳ କଣ ଏଇୟା ?

ଦୁଆରେ ଖଟ୍ ଖଟ୍ କରି ଶଶୀକାନ୍ତ ଜାଣିଲା ଯେ ଡାଭେ ନାହାନ୍ତି । ଦେଖିଲା ସାମନାରେ ଟେବୁଲ ଉପରେ ଜଣେ ବୁଢ଼ା, ଗୋଟିଏ ପ୍ରୌଢ଼ ଝିଅ ଏବଂ ଯୁବକଟି ଖାଇବସିଛନ୍ତି । ଶଶୀକାନ୍ତ ଆଖିର ପରଦାରେ ତା ମା, ଭଉଣୀଙ୍କ ଛବି ଭାସିଉଠିଲା । ଖାଲି ହାଡ । ଚମ ଧୂଡ଼ୁ ଧୂଡ଼ୁ । ନ ଖାଇ ନ ପିଇ ସେମାନେ କଣ୍ଢା ହୋଇଗଲେଣି । ଏଯାଏ ପଇସାଟିଏ ମିଳିଲା ନାହିଁ । ଅଥଚ ଏଣେ ଡାଭେଙ୍କ ଘର ଲୋକେ ବସି ଚଉରସ ଖାଉଛନ୍ତି ।

ଶଶୀକାନ୍ତର ହାତ ଆପେ ଆପେ ତା ଅଣ୍ଟାକୁ ଚାଲିଗଲା । ଦାନ୍ତକାଠି କଟା ଛୁରୀଟି ତା ହାତକୁ କପରି ଆସିଲା, ସେ କପରି ଦୌଡ଼ିଗଲା ଆଉ କଣ କଣ କଲା, ଏ ପର୍ଯ୍ୟନ୍ତ ବି ସବୁ ଅନ୍ଧାର । ଖବର କାଗଜରେ ବାହାରିଲା ଉନ୍ମତ୍ତ ଶ୍ରମିକର ହତ୍ୟାକାଣ୍ଡ । ନିଜ ପକ୍ଷର ଓକିଲଙ୍କର ବାପା, ଶାଳୀ ଓ ଝିଆରିଙ୍କୁ ହତ୍ୟା ।

ସାରା ରାଜକୋଟ ସହର ଏ ହତ୍ୟାକାଣ୍ଡରେ ସ୍ତମ୍ଭୀଭୂତ ହୋଇଗଲା । ଏ ଭଳି ଆତତାୟୀ ସମାଜରେ ଦେଖା ନ ଥିଲା । ଏ ଭଳି ହତ୍ୟାକାଣ୍ଡର ଦଣ୍ଡ ମୃତ୍ୟୁ । ରାଜକୋଟର ଓକିଲମାନେ ଶଶୀକାନ୍ତର କେସକୁ ବଏକଟ୍ କଲେ । ସେସନ୍ସ୍ ଜଜ୍ ଶଶୀକାନ୍ତ ପାଇଁ ଯେଉଁ ଜଣେ ଓକିଲ ଠିକ୍ କରିଦେଲେ ସେ ମୋକଦ୍ଦମାର ସମକକ୍ଷ ହେଲେ ନାହିଁ ।

ଯେଉଁ ଦୁନିଆ ତାର ପରିବାରକୁ ଧିରେ ଧିରେ ମାରିଦେବାକୁ ଯାଉଛି ତାକୁ ସେ ଥରକ ଛୁରୀଭୂଷାରେ ଶେଷ କରିଦେବା କଣ ଅନୁଚିତ ? କଚେରୀରେ ସେ ସିନା ଏହାର ଉତ୍ତର ପାଏ ନାହିଁ, କିନ୍ତୁ ଜେଲ ଭିତରେ କେତେକ ବିଚାରାଧୀନ ବନ୍ଦୀ ହିଁ ମାରନ୍ତି ।

ରାଜକୋଟର ଓକିଲମାନେ ମନପ୍ରାଣ ଦେଇ ଶଶୀକାନ୍ତର ସ୍ୱାର୍ଥ ଜଗିବେ ବୋଲି ସେସନ୍ସ୍ ଜଜ୍‌ଙ୍କର ହୃଦବୋଧ ହେଉ ନ ଥିଲା । ସେସନ୍ସ୍ ଜଜ୍ ଭାବିଥିଲେ ଶଶୀକାନ୍ତର ମାନସିକ ଅନ୍ତର୍ଦ୍ୱନ୍ଦ୍ୱକୁ ପଢ଼ିବାଲାଗି ରାଜକୋଟ

ବାହାରର ଲୋକ ଦରକାର । କିନ୍ତୁ ସେସନ୍‌ସ୍ ଜଜ୍ ତାଙ୍କ ଉଦ୍ଦେଶ୍ୟରେ ଏକଲା ହୋଇଗଲେ । ଓଡ଼ିଆ ସମାଜରୁ ଉଠିଉଠି ଜଜ୍ ହୋଇଗଲେ ବି ସେସନ୍‌ସ୍ ଜଜ ଭିନ୍ନ ପ୍ରକାରର ଲୋକ ଥିଲେ । କେତେକ ଓଡ଼ିଆ କହୁଥିଲେ ସେସନ୍‌ସ୍ ଜଜ୍‌ଙ୍କ ଭିତରେ ଓଡ଼ିଆ ବିରୋଧୀ ମନୋଭାବ ଉଙ୍କି ମାରୁଛି ।

୧୯୮୦ ଅକ୍ଟୋବର ୧୬ ରେ ଶଶିକାନ୍ତ କରିଥିବା ହତ୍ୟାକାଣ୍ଡର ମାମଲା ଫଇସଲା କରି ସେସନ୍‌ସ୍ କୋର୍ଟ ୧୯୮୧ ଜୁଲାଇ ୩୧ ରେ ତାଙ୍କର ରାୟ ଦେଲେ । ଜାଣିଶୁଣି ନୃଶଂସ ଭାବରେ ନିରୀହ ଲୋକ ତିନୋଟିକୁ ହତ୍ୟା କରିଥିବାରୁ ଶଶିକାନ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ମିଳିଲା । ଗୁଜୁରାଟ ହାଇକୋର୍ଟ ୧୯୮୨ ଜାନୁଆରୀ ମାସରେ ଏହି ଆଦେଶକୁ କାଏମ୍ ରଖିଲେ । ସେଇ ବର୍ଷ ଜୁଲାଇରେ ସୁପ୍ରିମକୋର୍ଟ ଶଶିକାନ୍ତର ଅପିଲକୁ ନାମଞ୍ଜୁର କରିଦେଲେ ।

ଆଠ ବର୍ଷ ଧରି ଏହି ଫାଶୀଦଣ୍ଡର ଆଶଙ୍କାରେ ଶଶିକାନ୍ତ ଏକ ନିଭୃତ କକ୍ଷରେ ପଡ଼ି ପଡ଼ିଛି ।

ସୁପ୍ରିମକୋର୍ଟର ବିଚାରକଙ୍କ ରାୟକୁ ପ୍ରଶ୍ନ କରିବାର ଶକ୍ତି କାହାରି ନାହିଁ । ପ୍ରକାଶ୍ୟରେ ମଧ୍ୟ ଆଲୋଚନା ହୋଇପାରିବ ନାହିଁ । ଅଦାଲତ ଅବମାନନା ହୋଇଯାଇପାରେ ।

ଯଦି ଶଶିକାନ୍ତ ଓଡ଼ିଆଙ୍କ ସମ୍ପର୍କୀୟଙ୍କୁ ନ ମାରି ଆଉ କାହାକୁ ହତ୍ୟା କରିଥାଆନ୍ତା ଘଟଣାଟି ଭିନ୍ନ ମୋଡ଼ ନେଇଥାଆନ୍ତା କି ? ଏହି ପ୍ରଶ୍ନ କେବଳ ସଦ୍‌ବିଚାର ପରିବାର ଲୋକମାନେ କରୁନାହାନ୍ତି, ରାଜକୋଟ ବାହାରର ଅନେକ ବୁଦ୍ଧିଜୀବୀ କରୁଛନ୍ତି ।

ଗୁଜୁରାଟ ବାର୍ ଆସୋସିଏସନ୍‌ର ସଭାପତି କେ. ଜେ. ସେଠ୍‌ନା ମାମଲାର ଭଲମନ୍ଦ ଦିଗ ନ ଦେଖି ଶଶିକାନ୍ତ ପାଇଁ ପ୍ରଥମ କ୍ଷମା ଆବେଦନ କରିଥିଲେ । ଗୁଜୁରାଟ ବାହାରର ଓଡ଼ିଆମାନେ ଏ ଦିଗରେ ଚେଷ୍ଟା ଚଳାଇଥିଲେ ମଧ୍ୟ ବହୁତ ସ୍ତରର ସମ୍ମୁଖୀନ ହୋଇଥିଲେ । ଓଡ଼ିଆମାନଙ୍କର ଲବି ସବୁଠାରୁ ବଡ଼ ଗ୍ରୁପ ସୃଷ୍ଟି କଲା ।

ଜମିଜମା ମଧ୍ୟସ୍ଥି ଗଲା । ଜମିଦାରୀ ଉଚ୍ଛେଦ ହେଲା । କିନ୍ତୁ ଧର୍ମ ଆଉ ନ୍ୟାୟରେ ମଧ୍ୟସ୍ଥି ଉଠି ନାହିଁ । ଭଗବାନଙ୍କୁ ପାଇବାପାଇଁ ପୁରୋହିତଙ୍କୁ ମଧ୍ୟସ୍ଥି ଓ ନ୍ୟାୟ ପାଇବା ପାଇଁ ଓକିଲର ମଧ୍ୟସ୍ଥି ଯେ ଯାବତ୍ ଥିବ ସେ

ପର୍ଯ୍ୟନ୍ତ ଯେଉଁମାନେ ମଧ୍ୟସ୍ଥି ର ପାଉଣା ଯଥୋଚିତ ପରିମାଣରେ ଭରଣା କରିପାରୁ ନ ଥିବେ ସେମାନେ ଭଗବାନ ଓ ନ୍ୟାୟ ପାଖରେ ପହଞ୍ଚି ପାରିବେ ନାହିଁ । ଶଶୀକାନ୍ତ ଏପରି ଏକ ସମାଜର ଜୀବ ।

ଅପର ପକ୍ଷରେ ଏକ ସଙ୍ଗଠିତ ଗୋଷ୍ଠୀର ଉଦ୍ୟମରେ ଶଶୀକାନ୍ତର ମାଆଙ୍କ ବ୍ୟକ୍ତିଗତ ଉଦ୍ୟମ ପଣ୍ଡ ହୋଇଯାଇଛି । ତାର ଦଣ୍ଡାଦେଶ ବଳେମାନ କୋହଳ କରାଗଲେ ଭବିଷ୍ୟତରେ ଏ ପ୍ରକାର ଅପରାଧୀମାନଙ୍କ ହାତରେ ଓକି-ଲମାନଙ୍କ ଜୀବନ ଡୋରି ରହିଯିବ ବୋଲି ଶଙ୍କା ପ୍ରକଟ କରାଯାଇଛି ।

ଶଶୀକାନ୍ତ କେବେ ଭାବି ନାହିଁ ଯେ ସେ ଦୋଷ କରିଛି । ନିର୍ଦ୍ଦୋଷ କ୍ଷମା ମାଗିବ କାହିଁକି ? ଯଦି ଭଗବାନ ତାକୁ ଫାଶୀଦ୍ୱାରା ମରିବା ପାଇଁ ନିର୍ଦ୍ଦିଷ୍ଟ କରିଥାଆନ୍ତି ତେବେ ସେ ଫାଶୀରେ ମରିବ ।

ତଥାପି ଯେତେବେଳେ ସଦ୍‌ବସ୍ତିର ପରିବାରର ସଭ୍ୟମାନେ ତାକୁ ବହୁତ ବୁଝାଇଲେ, ସେ ଥରେ କ୍ଷମାପ୍ରାର୍ଥନା ଦରଖାସ୍ତ କରିଥିଲା । ସେ ତ ଦୋଷ କରି ନାହିଁ, କ୍ଷମା ମାଗିବ କାହିଁକି ? ବାଧ୍ୟରେ ପଡ଼ି ସେ ଯେଉଁ ଦରଖାସ୍ତ କରିଥିଲା ତାହା ଯେ ନାମଞ୍ଜୁର ହେବ ଏ କଥା କହିବା ବାହୁଲ୍ୟ ମାତ୍ର । ତା ପରଠାରୁ ଶଶୀକାନ୍ତ କେବେ କ୍ଷମା ଆବେଦନ କରି ନାହିଁ ।

କିନ୍ତୁ ମୃତ୍ୟୁଦଣ୍ଡ ଆଦେଶ ପାଇଥିବା ବନ୍ଦୀମାନଙ୍କ ଚାଲିଚଳନରେ ସୁଧାର ଆଣିବାପାଇଁ ଯେଉଁମାନେ କାମ କରନ୍ତି ସେମାନେ ଶଶୀକାନ୍ତର ବ୍ୟବହାରରେ ଖୁବ୍ ପ୍ରୀତ ହୋଇଗଲେ । ଶଶିକାନ୍ତକୁ ଫାଶୀଦଣ୍ଡରୁ ରକ୍ଷା କରିବାଲାଗି ନିବେଦିତାଙ୍କ ମାତୃହୃଦୟ ଯେପରି କାନ୍ଦି ଉଠିଥିଲା ।

ଶଶିକାନ୍ତ କେଶବଲାଲ ପାରମାର । ମାର୍ଚ୍ଚ ୮୨ ରୁ ଜୁଲାଇ ୮୩ ଭିତରେ ସୁପ୍ରିମକୋର୍ଟ ଥରେ ତାର ଫାଶୀଦଣ୍ଡକୁ ମୁଲତବୀ ରଖିଥିଲେ । କିନ୍ତୁ ରାଜ୍ୟପାଳ ଓ ରାଷ୍ଟ୍ରପତି କ୍ଷମା ଆବେଦନକୁ ଅଗ୍ରାହ୍ୟ କରିଦେଲେ ।

ଏହାପରେ ଶଶୀକାନ୍ତ ଘୋଷଣା କଲା ଯେ ସେ ତା କିଡ୍‌ନିକୁ ଦାନ କରିଦେବ । ସର୍ତ୍ତ ରହିଲା, ଏହି ଦାନକୁ ସେ ମୃତ୍ୟୁଦଣ୍ଡରୁ କ୍ଷମାପାଇବା ପାଇଁ ଗୋଟିଏ ଅସ୍ତ୍ରରୂପେ ବ୍ୟବହାର କରିବ ନାହିଁ । ତାହା ହିଁ ହେଲା । ମେ ୧୯୮୫ ରେ ତାର କିଡ୍‌ନିଟି ଦାନରେ ଚାଲିଗଲା । ୧୯୮୯ ର ମେ ୧୬ ରେ ଫାଶୀଦଣ୍ଡର ତାରିଖ ଠିକ୍ ହେଲା । ସଦ୍‌ବସ୍ତିର ପରିବାର ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ କଲେ । ଆବେଦନ ବିଚାର ପାଇଁ ଥିବାରୁ ଫାଶୀଦଣ୍ଡ ତାରିଖ

ଘୁଞ୍ଚିଗଲା । ସେସନ୍ସ୍‌କୋର୍ଟ ହ୍ୱିତୀୟଥର ପାଇଁ ଡେଥ୍ ଓ୍ୱାରେଣ୍ଟ ଜାରିକଲେ । ଜୁନ୍ ୨୩ ଫାଶୀଦଣ୍ଡ ତାରିଖ ପଡ଼ିଲା । ଶଶୀକାନ୍ତର ମା ଦରଖାସ୍ତ କରିବାରୁ ହାଇକୋର୍ଟ ତାକୁ ଜୁଲାଇ ୨୫ ପର୍ଯ୍ୟନ୍ତ ସମୟ ଦେଲେ ସୁପ୍ରିମକୋର୍ଟକୁ ଯିବାପାଇଁ । ସୁପ୍ରିମକୋର୍ଟରେ ମାଆର ଦରଖାସ୍ତ ନାକଚ ହୋଇଯିବାରୁ ଶଶୀକାନ୍ତର ଭଉଣୀ, ଭାଇ ହାତରେ ରାକ୍ଷୀ ବାନ୍ଧିବାଲାଗି ଅଗଷ୍ଟ ୧୭ ପର୍ଯ୍ୟନ୍ତ ସମୟ ମାଗିଲା । ଶଶୀକାନ୍ତର କୋଠରୀ ଦୁଆରେ ଯମର ଖଟ୍ ଖଟ୍ ଶବ୍ଦ ଶୁଭୁଛି ।

କିଏଣି ଶଶୀକାନ୍ତ ଅଦ୍ଭୁତପୂର୍ବ ଯୋଜନାଟିଏ କରିଛି । ଗୋଟିଏ ମଧୁରଜଳର ହ୍ରଦ ତିଆରି ପାଇଁ କାମ୍ବେ ଉପସାଗରର ଏପଟରୁ ସେପଟଯାଏ ପ୍ରକାଣ୍ଡ ବନ୍ଧଟିଏ କରି ଗୁଜୁରାଟର ନଦୀଗୁଡ଼ିକର ମଧୁରଜଳ ଗୋଟିଏ ଜଳଭଣ୍ଡାରରେ ରଖାଯାଇପାରିବ । ପ୍ରାୟ ବାରଶହ କୋଟି ଟଙ୍କା ଲାଗିବ । ଆଗରୁ କଂକ୍ରିଟ କାନ୍ଥ ତିଆରି କରି ବଡ଼ ବଡ଼ ଭେଲା ଓ କ୍ରେନରେ ସମୁଦ୍ର ଭିତରେ ପକାଯିବ । କାନ୍ଥ କେତେ ବଡ଼, କେତେ ମୋଟା, ଭେଲାର ଆକାର କିପରି ହେବ ଶଶୀକାନ୍ତ ହିସାବ କରିଛି । ପୂର୍ଣ୍ଣ ଦମ୍‌ରେ ଜୁଆର ଆସିଲେ ସମୁଦ୍ରର ଉଚ୍ଚତା ୩୭ କିଲୋମିଟର ହେବ । ୪୮ କିଲୋମିଟର ଲମ୍ବର ଡାଇକ୍ କରି ତା ଉପରେ ରେଲଲାଇନ୍ ଓ ଦୁଇତରଫା ରାସ୍ତା ତିଆରି କରିହେବ । ଜଳଭଣ୍ଡାର ଭର୍ତ୍ତି ହେଉଥିବାବେଳେ ପର୍ଯ୍ୟାୟକ୍ରମେ ଜଳନିଷ୍କାସନ କରି ପାଣିର ଲବଣାଂଶ ବାହାର କରି ଦେଇ ମଧୁର ଜଳର ହ୍ରଦ ହୋଇପଡ଼ିବ । କିନ୍ତୁ ତା ମନରେ ତିକ୍ତତାର ଯେଉଁ ପୁଷ୍କରିଣୀ ହୋଇ-ଯାଇଛି ତାକୁ ମଧୁର ଭଣ୍ଡାର କରିବାଲାଗି କେହି ସ୍ୱପ୍ନ ଦେଖୁନି ।

ମରିବା ଅପେକ୍ଷା ମରିବାର ଆଶଙ୍କା କରିବା ସବୁଠାରୁ ବଡ ଦଣ୍ଡ । ଚିତା ଓ ଚିନ୍ତା ମଧ୍ୟରେ ହ୍ୱିତୀୟଟି ଜୀବନ୍ତ ଲୋକକୁ ଜାଳିଦିଏ । ଶଶୀକାନ୍ତ ଯେ ଜୀବନ୍ତ ଜଳି ସାରିଲାଣି ଏ କଥା କେବଳ ତାର ମା ବୁଝୁଛି ।

ଚିତା ଚିନ୍ତା ଦ୍ୱୟୋର୍ମଧ୍ୟେ
ଚିନ୍ତା ତତ୍ର ଗରୀୟସୀ
ଚିତା ଦହତି ନିର୍ଜୀବମ୍
ଚିନ୍ତା ଦହତି ସଜୀବମ୍

କିନ୍ତୁ ଶଶୀକାନ୍ତ ଏବେ ବି ତା ପ୍ରଶ୍ନର ଉତ୍ତର ପାଉ ନାହିଁ । ଆମର ଭାଗ୍ୟ ଆମେ ନିର୍ଣ୍ଣୟ କରୁଛୁ ନା ଅଦୃଶ୍ୟ କେହି ?

* * *